RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-218 ◆TUESDAY ◆3 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୧୮ ◆ମଙ୍ଗଳବାର ◆୩ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୬.୦୦

୨୦୨୭ରେ
'ବାରାଣସୀ'
▶ପୃଷ୍ଠା ୧୧ ଦେଖନ୍ତୁ...

ରାଜ୍ୟରେ ହେବ ୧୭ ନୂଆ ରେଳ ପ୍ରକଳ୍ପ

୨୦୨୬-୨୭ ରେଳ ବଜେଟରେ ଓଡ଼ିଶା ପାଇଁ ୧୦ ହଜାର ୯୨୮ କୋଟିର ବ୍ୟୟ ବରାଦ

- ପୁନଃବିକାଶ ପାଇଁ ୫୯ଟି ଷ୍ଟେସନ୍ ଚିହ୍ନଟ
- ୯୦,୬୫୯ କୋଟି ମୂଲ୍ୟର କାର୍ଯ୍ୟ ଜାରି
- ଚଳିତବର୍ଷ ଶେଷ ହେବ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ
- ହାତୀ ମୃତ୍ୟୁ ରୋକିବାକୁ ବିଛାହେବ ଅପ୍ଟିକାଲ ଫାଇବର
- ଲାଗିବ ଏଆଇ ଥର୍ମାଲ କ୍ୟାମେରା



■ ଭୁବନେଶ୍ୱର, ୨।୨ (ସମିସ): ୨୦୨୬–୨୭ ଆର୍ଥିକବର୍ଷର କେନ୍ଦ୍ରୀୟ ବଜେଟରେ ଭାରତୀୟ ରେଳବାଇ ପାଇଁ ୨,୯୩,୦୩୦ କୋଟି ଟଙ୍କାର ରେକର୍ଡ ପୁଞ୍ଜି ବ୍ୟୟ ଯୋଜନା କରାଯାଇଛି। ଏହା ଭାରତୀୟ ରେଳବାଇ ପାଇଁ ଏ ପର୍ଯ୍ୟନ୍ତ ସର୍ବାଧିକ ପୁଞ୍ଜି ଖର୍ଚ୍ଚ ଏବଂ ଆବଣ୍ଟନ ବୋଲି କୁହାଯାଉଛି। ଏଥିରେ ଓଡ଼ିଶା ପାଇଁ ରେଳ ବଜେଟରେ୧୦,୯୨୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ଗତ ବର୍ଷ ମିଳିଥିବା ଅନୁଦାନଠୁ ଅଧିକ। ୨୦୨୫-୨୬ ଆର୍ଥିକବର୍ଷର ରେଳ ବଜେଟରେ ଓଡିଶାକୁ ୧୦,୫୯୯ କୋଟି ଟଙ୍କା ମିଳିଥିଲା। ଚଳିତ ଥର ରେଳ ବଜେଟରେ ଓଡ଼ିଶା ପାଇଁ୧୭ ନୂଆ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ରହିଛି। ଏହାଛଡା ଅମୃତ ଷ୍ଟେସନ ଯୋଜନା ଅଧୀନରେ ରାଜ୍ୟରେ ୫୯ଟି ଷ୍ଟେସନର ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଥିବା ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ଚଳିତଥର ବଜେଟରେ ବଜେଟରେ ଏକ ନୂତନ ଉତ୍ସର୍ଗୀକୃତ ମାଲ ପରିବହନ କରିଡର ଘୋଷଣା କରାଯାଇଛି, ଯାହା ରେଳବାଇର ମାଲ ପରିବହନକୁ ଦ୍ରୁତ, ଶସ୍ତା ଏବଂ ଅଧିକ ଦକ୍ଷ କରିବ। ପୂର୍ବ-ପଶ୍ଚିମ ଉତ୍ସର୍ଗୀକୃତ ମାଲ ପରିବହନ କରିଡର ସୁରତ (ଗୁଜରାଟ) ରୁ ଡାଙ୍କୁନି (ପଶ୍ଚିମବଙ୍ଗ) ପର୍ଯ୍ୟନ୍ତ ଏକ ନୂତନ ସମର୍ପିତ ମାଲ ପରିବହନ କରିଡର ନିର୍ମାଣ କରାଯିବ। ଏହି ନୂତନ କରିଡର ଓଡ଼ିଶା ଛତିଶଗଡ଼,ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଦେଇ ଯିବ। ଏହା ଶିଳ୍ପ କେନ୍ଦ୍ରଗୁଡ଼ିକୁ ସିଧାସଳଖ ବନ୍ଦର ସହିତ ସଂଯୋଗ କରିବ, ଯାହାଦ୍ୱାରା ମାଲ୍ ପରିବହନ ଖର୍ଚ୍ଚ ହ୍ରାସ ହେବା ସହ ଗତି ବଢ଼ିବ। ଏଥିଯୋଗୁଁ ରାଜ୍ୟର ଶିଳ୍ପ କ୍ଷେତ୍ରରେ ବିକାଶ ଘଟିବା ସହ ଆର୍ଥିକ କାର୍ଯ୍ୟକଳାପ ବଢ଼ିବ। ଓଡ଼ିଶା ମଧ୍ୟ ଏହାର ଲାଭ ପାଇବ।

ରେଳମନ୍ତ୍ରୀ କହିଛନ୍ତି ଯେ ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ରାଜ୍ୟରେ ୯୦,୬୫୯ କୋଟିରୁ ଅଧିକ ମୂଲ୍ୟର ରେଳ କାର୍ଯ୍ୟ ଜାରି ▶ପୃଷ୍ଠା-୭

ଓଡ଼ିଶାରେ ଜାତୀୟ ଜଳପଥ-୫

ଖାତା ପୁରୁଣା; ମଲାଟ ନୂଆ

- କାଣିଚାଏ ଆଗେଇନି ୨୦୦୮ ରୁ ଘୋଷିତ ଜଳପଥ ପ୍ରକଳ୍ପ
- କାର୍ଯ୍ୟାନ୍ୱୟନରେ ରହିଛି ଏକାଧିକ ଭୌଗୋଳିକ ବାଧକ
- ଶୁଷ୍କ ନଦୀରେ କେମିତି ଚାଲିବ ମାଲ୍ ବୋଝେଇ ଜାହାଜ
- ଦଶନ୍ଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ଆଶଙ୍କା

■ ଭୁବନେଶ୍ୱର, ୨।୨ (ସମିସ): ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ର ବଜେଟ ଉପସ୍ଥାପନ ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ଦେଶରେ ନୂଆ ୨୦ଟି ଜାତୀୟ ଜଳମାର୍ଗକୁ ବିକାଶ କରି କାର୍ଯ୍ୟକ୍ଷମ କରିବାକୁ ଘୋଷଣା କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାର ଜାତୀୟ ଜଳମାର୍ଗ ୫କୁ ସାମିଲ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଏହି ଘୋଷଣାକୁ ନେଇ ଓଡ଼ିଶାରେ ଶାସକ ଦଳର ନେତାମାନେ ଆନନ୍ଦରେ କୁରୁଳି ଉଠୁଛନ୍ତି। ମାତ୍ର ୨୦୦୮ ମସିହାରେ ତତ୍‌କାଳୀନ ୟୁପିଏ ସରକାରଙ୍କ ଦ୍ୱାରା ଘୋଷିତ ଏହି ଜଳପଥ ୧୮ ବର୍ଷ ପରେ ବି କେନ୍ଦ୍ର ସରକାରଙ୍କ ଦ୍ୱାରା ଅବହେଳିତ ରହିଛି। ୨୦୦୮ ରୁ ୨୦୧୪ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ୟୁପିଏ ସରକାର ଓ ୨୦୧୪ରୁ ୨୦୨୬ ପର୍ଯ୍ୟନ୍ତ ଏନ୍‌ଡିଏ ସରକାର ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ନେଇ କେବଳ ଓଡ଼ିଶାବାସୀଙ୍କୁ ସ୍ୱପ୍ନର ଇନ୍ଦ୍ରଧନୁ ଦେଖାଇ ଆସିଛନ୍ତି। ଓଡ଼ିଶା ସହ କେରଳ ଓ ଅନ୍ୟ ରାଜ୍ୟରେ ଘୋଷିତ ଜାତୀୟ ଜଳପଥଗୁଡ଼ିକ କେବେଠାରୁ କାର୍ଯ୍ୟକାରୀ ହୋଇ ସାରିଲାଣି, ମାତ୍ର ଅନୁଦାନ ପ୍ରଦାନରେ କେନ୍ଦ୍ର ସରକାରଙ୍କ ଅବହେଳା ଏହି ଜଳପଥକୁ ଏକ ପ୍ରକାର ମୃତ ପ୍ରକଳ୍ପରେ ପରିଣତ କରି ସାରିଛି। ଏବେ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ୍‌ରେ ଜାତୀୟ ଜଳପଥ -୫ ପ୍ରସଙ୍ଗ ଉଲ୍ଲେଖ କରି ପୁଣିଥରେ ଓଡ଼ିଶାବାସୀଙ୍କୁ ସ୍ୱପ୍ନର ରଙ୍ଗୀନ ଚଷମା ପିନ୍ଧାଇଛନ୍ତି। ପୁରୁଣା ଖାତାରେ ନୂଆ ମଲାଟ ମଡ଼ାଇ ନୂଆ କାହାଣୀ ଶୁଣାଇଛନ୍ତି। ▶ପୃଷ୍ଠା-୭

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୋମବାର ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି

ଦଲାଇ ଲାମାଙ୍କୁ ଗ୍ରାମୀ ପୁରସ୍କାର



■ ଏସ୍ ଏଞ୍ଜେଲ୍ସ, ୨।୨(ଏଜେନ୍ସି): ଆମେରିକାର ଲସ୍ ଏଞ୍ଜେଲ୍ସରେ ୬୮ତମ ଗ୍ରାମୀ ପୁରସ୍କାର ୨୦୨୬ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆମେରିକୀୟ ର୍‌ୟାପର ତଥା ଗୀତିକାର କେଣ୍ଡ୍ରିକ ଲାମାର 'ବେଷ୍ଟ ର୍‌ୟାପ୍ ଆଲବମ୍' ପୁରସ୍କାର ଜିତି ଇତିହାସ ସୃଷ୍ଟି କରିଛନ୍ତି। କେଣ୍ଡ୍ରିକ ଲାମାର ଏହି ବର୍ଷ ୯ଟି ବିଭାଗରେ ମନୋନୀତ ହୋଇଥିଲେ। ତାଙ୍କ ପାଖରେ ଏବେ ମୋଟ୍ ଉପରେ ୨୮ଟି ଗ୍ରାମୀ ପୁରସ୍କାର ଅଛି। ବେଷ୍ଟ ▶ପୃଷ୍ଠା-୭

ରାହୁଲଙ୍କ ପାଇଁ ସଂସଦ ଅଚଳ

- ଜେନେରାଲ ନରବାଣେଙ୍କ ଲେଖାକୁ ନେଇ ସରକାର-ବିରୋଧୀ ମୁହାଁମୁହିଁ
- ରାହୁଲଙ୍କୁ ବିରୋଧ କଲେ ରାଜନାଥ, ଅମିତ୍ ଶାହା

■ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ପାଇଁ ଆଜି ଲୋକସଭା ଅଚଳ ହୋଇପଡ଼ିଛି। ୨୦୨୦ରେ ଲଦାଖରେ ଭାରତ-ଚୀନ ସଂଘର୍ଷ ନେଇ ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଏମ୍‌ଏନ୍ ନର୍ବାଣେ ତାଙ୍କ ଅପ୍ରକାଶିତ ପୁସ୍ତକରେ ଲେଖିଥିବା କିଛି ଅଂଶକୁ ପଢ଼ିବା ଲାଗି ରାହୁଲ ଉଦ୍ୟମ କରିବାରୁ ଗୃହରେ ହଙ୍ଗାମା ସୃଷ୍ଟି ହୋଇଥିଲା। ପ୍ରକାଶ ପାଇନଥିବା ପୁସ୍ତକର କୌଣସି ଲେଖାକୁ ଗୃହରେ ଉଦ୍ଧାର କରାଯାଇପାରିବ ନାହିଁ ବୋଲି ସରକାରୀ ଦଳ ଯୁକ୍ତି କରି ରାହୁଲଙ୍କୁ ବିରୋଧ କରିଥିଲେ। ଏହାସତ୍ତ୍ୱେ ରାହୁଲ ପଢ଼ିବାକୁ ଚେଷ୍ଟା କରିବାରୁ ହଙ୍ଗାମା ପରିସ୍ଥିତି ସୃଷ୍ଟି ▶ପୃଷ୍ଠା-୭

ପୁଣି ରଙ୍ଗ ବଦଳା ରାଜନୀତି

ବଦଳିବ ମିଶନ ଶକ୍ତି ଡ୍ରେସ୍ କୋଡ୍

- ଉତ୍କଳ ଦିବସରୁ ନୂଆ ୟୁନିଫର୍ମ ପିନ୍ଧିବେ କମ୍ୟୁନିଟି ସପୋର୍ଟ ଷ୍ଟାଫ
- ୪୬ ହଜାରରୁ ଊର୍ଦ୍ଧ୍ୱ ମିଶନ ଶକ୍ତି ମହିଳାଙ୍କୁ ଦିଆଯିବ ସ୍ମାର୍ଟ ଫୋନ୍

■ ଭୁବନେଶ୍ୱର, ୨।୨ (ସମିସ): ବଦଳିବ ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ୟୁନିଫର୍ମ। ଆସନ୍ତା ଉତ୍କଳ ଦିବସରୁ ଏହି ସହାୟକ କର୍ମଚାରୀମାନେ ନୂଆ ଡ୍ରେସକୋଡ୍ ପିନ୍ଧିବେ। ସୋମବାର ମିଶନ ଶକ୍ତି ଭବନରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଏପରି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେହିପରି ୪୬ ହଜାରରୁ ଊର୍ଦ୍ଧ୍ୱ ସିଆରପିଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଆରମ୍ଭ ହୋଇଥିବା ରଙ୍ଗବଦଳା ଓ ନାମ ବଦଳା ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ ପ୍ରାୟ ଡ଼ଜନେ ଯୋଜନାର ନାମ ପରିବର୍ତ୍ତନ କରାଗଲା। ମିଶନ ଶକ୍ତି ବିଭାଗ ନାମ ▶ପୃଷ୍ଠା-୭

SIKSHA 'O' ANUSANDHAN
SAAT-2026
Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ଚଳିତ ସପ୍ତାହରେ ୭ଡିଗ୍ରୀ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୨।୨ (ସମିସ): ରାଜ୍ୟରେ ଅନୁଭୂତ ହେଉଥିବା ଥଣ୍ଡା ଜାରି ରହିବ; ମାତ୍ର ଦିନ ବେଳା ଖରାର ପ୍ରଭାବ ବଢ଼ିବା ସହ ଦିନର ତାପମାତ୍ରା ବୃଦ୍ଧି ହେବ। ଏବେ ରାତିରେ ପୂର୍ବାପେକ୍ଷା ଥଣ୍ଡା ହ୍ରାସ ପାଇଥିଲେ ହେଁ ବାହାରେ ଥଣ୍ଡା ଅନୁଭୂତ ହେବା

ଜାରି ରହିବ ଶୀତୁଆ ଅନୁଭବ

ସହ ଭୋର୍ ସମୟରେ ଘରେ ମଧ୍ୟ ଥଣ୍ଡା ଲାଗୁଛି। ରାତିର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାକୁ ନ ଥିବାରୁ ଏହି ସ୍ଥିତି ଜାରି ରହିବା ନେଇ ଅନୁମାନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ସୋମବାରଠାରୁ ସାରା ରାଜ୍ୟରେ ଗରମ ବଢ଼ିବ। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଦିନର ସର୍ବାଧିକ ତାପମାତ୍ରା ରାଜ୍ୟର ବିଭିନ୍ନ ସ୍ଥାନରେ ୧ରୁ୨ ଡିଗ୍ରୀ, ଗୁରୁବାରରେ ୨ରୁ ୩ ଡିଗ୍ରୀ ଏବଂ ଶୁକ୍ରବାରରୁ ରବିବାର ▶ପୃଷ୍ଠା-୭

ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

ଚିକେନ ନେକ୍‌ରେ ଭୂତଳ ରେଳପଥ ନିର୍ମାଣ କରିବ କେନ୍ଦ୍ର

ଗୌହାଟୀ, ୨।୨(ଏଜେନ୍ସି): ଉତ୍ତରପୂର୍ବାଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଏ ନେଇ ସୂଚନା ଦେଇଛନ୍ତି। ସାମରିକ ଦୃଷ୍ଟିକୋଣରୁ ଅତି ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା 'ଚିକେନ ନେକ' ଅଞ୍ଚଳରେ ବା ସିଲିଗୁଡ଼ି କରିଡ଼ରରେ 'ଉତ୍ତର- ପୂର୍ବ ସୀମାନ୍ତ ରେଳପଥ'(ଏନ୍‌ଏଫ୍‌ଆର୍) ଏକ ସ୍ୱତନ୍ତ୍ର ରେଳମାର୍ଗ ବିକଶିତ କରିବ। ଏହି ପ୍ରକଳ୍ପ ମାଧ୍ୟରେ ଟିନ୍ ମାଇଲରୁ ରଙ୍ଗାନଦୀ ପର୍ଯ୍ୟନ୍ତ ଏକ ୪୦ କିମି ଲମ୍ବା ଭୂତଳ ଟନେଲ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ତେବେ ଚିକେନ ନେକ୍‌ର ଚଉଡ଼ା ୨୨ କିମି ରହିଛି। ଏହା ଦ୍ୱାରା ଭାରତର ମୂଖ୍ୟ ଭୂଖଣ୍ଡ ସହିତ ଉତ୍ତର-ପୂର୍ବ ସଂଯୋଗୀକରଣ ସୁରକ୍ଷିତ ହୋଇପାରିବ। କେନ୍ଦ୍ରୀୟ ବଜେଟ୍‌ରେ ଏନ୍‌ଏଫ୍‌ଆର୍ ପାଇଁ ହୋଇଥିବା ବ୍ୟୟବରାଦ ସମ୍ପର୍କରେ ସୂଚନା ଦେଇ ବୈଷ୍ଣବ କହିଛନ୍ତି ଯେ, ଉତ୍ତରପୂର୍ବକୁ ଯୋଡୁଥିବା ୪୦ କିମିର ଏହି ରଣନୈତିକ କରିଡ଼ର ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ଏହି ମାର୍ଗରେ ଭୂତଳ ରେଳ ଲାଇନ୍ ବିଛାଯିବା ସହ ବର୍ତ୍ତମାନର ଲାଇନ୍‌କୁ ୪-ଲେନ ଟ୍ରାକରେ ପରିଣତ କରିବାକୁ ଯୋଜନା ଚାଲିଛି। ଏନ୍‌ଏଫ୍‌ଆର ଜେନେରାଲ ମ୍ୟାନେଜର ଚେତନ କୁମାର ଶ୍ରୀବାସ୍ତବ କହିଛନ୍ତି ଯେ ପଶ୍ଚିମବଙ୍ଗର ଟିନ୍ ମାଇଲ ହାଟ ଓ ରଙ୍ଗାପାଣି ରେଳ ଷ୍ଟେସନ ମଧ୍ୟରେ ଏହି ଭୂତଳ ସେକ୍ସନ ନିର୍ମାଣ ହେବ। ଏହା ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚୀନ୍ ଓ ବାଂଲାଦେଶର ଗତିବିଧି ଭାରତ ବିପକ୍ଷରେ ଯାଉଥିବାର ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସେ କହିଛନ୍ତି।

ସାଧ୍ୱୀ ପ୍ରେମ ବାଇସାଙ୍କ ମୃତ୍ୟୁ ମାମଲା

ସନ୍ଦେହ ଘେରରେ ବାପା, କମ୍ପାଉଣ୍ଡର, ସହାୟକ

ନୂଆଦିଲ୍ଲୀ, ୨।୨(ଏଜେନ୍ସି): ରାଜସ୍ଥାନର ୨୫ ବର୍ଷୀୟା ପ୍ରବଚିକା ସାଧ୍ୱୀ ପ୍ରେମ ବାଇସାଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ରେ ପହଞ୍ଚିଛି। ପୁଲିସ ଏବେ ୩ ଜଣଙ୍କ ଉପରେ ନଜର ରଖିଛି ଓ ସେମାନେ ହେଲେ ସ୍ୱାଧୀଙ୍କ ବାପା ବିରମ ନାଥ, ଇଞ୍ଜେକସନ ଦେଇଥିବା କମ୍ପାଉଣ୍ଡର ଓ ଘରୋଇ ସହାୟକ। ଜାନୁଆରୀ ୨୮ରେ ଏହି ୩ ଜଣ ଆଶ୍ରମରେ ଉପସ୍ଥିତ ଥିଲେ। ଯୋଧପୁର ପୁଲିସ କହିଛି ଯେ, ଶବବ୍ୟବଚ୍ଛେଦ, ଟକ୍ସିକୋଲୋଜି ଓ ଫରେନସିକ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଇପାରିବ ନାହିଁ। ତେବେ ସ୍ୱାଧୀଙ୍କ ମୃତ୍ୟୁପରେ ତାଙ୍କ ଅଫିସିଆଲ ଆକାଉଣ୍ଟରୁ ଏକ ବିବାଦୀୟ ପୋଷ୍ଟ ସାମ୍ନାକୁ ଆସିବା ପରେ ଏହି ମାମଲା ଜଟିଳ ହୋଇଛି। ସାଧ୍ୱୀଙ୍କ ବାପା ବିରମଙ୍କ ଅନୁଯାୟୀ, ବାଇସାଙ୍କୁ ସାମାନ୍ୟ ଥଣ୍ଡା ହୋଇଥିଲା। ସକାଳ ୧୧.୪୫ରେ ଦେବୀ ସିଂ ନାମକ ଜଣେ କମ୍ପାଉଣ୍ଡର ତାଙ୍କ ଡାହାଣ ହାତରେ ଇଞ୍ଜେକସନ ଦେଇଥିଲେ। କିଛି ଟାବଲେଟ ଦେଇ ୫୦୦ ଟଙ୍କା ଫିସ ନେଇ ଚାଲି ଯାଇଥିଲେ। ଇଞ୍ଜେକସନ ନେବାର ୯ ମିନିଟ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା ଓ ଏହାର କିଛି ସମୟ ପରେ ସେ ପାପା, ଗୁରୁଜୀ ବୋଲି ଚିତ୍କାର କରି ମୃତ୍ୟୁବରଣ କରିଥିଲେ।

ଚୀନ୍ ସେନାରେ ବଡ଼ ଦୁର୍ନୀତି

ମିସାଇଲରେ ଇନ୍ଧନ ବଦଳରେ ପାଣି ଭର୍ତ୍ତି କରାଗଲା

ନୂଆଦିଲ୍ଲୀ, ୨।୨(ଏଜେନ୍ସି): ପୁଣିଥରେ ଚୀନ୍ ସେନାରେ ବଡ଼ ଦୁର୍ନୀତି ଖବର ସାମ୍ନାକୁ ଆସିଛି। ବ୍ରିଟିଶ ଖବର କାଗଜ 'ଦି ଡେଲି ଟେଲିଗ୍ରାଫ୍'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ପଶ୍ଚିମ ଚୀନ୍‌ରେ ଥିବା କିଛି କ୍ଷେପଣାସ୍ତ୍ରରେ ଇନ୍ଧନ ବଦଳରେ ପାଣି ଭର୍ତ୍ତି କରାଯାଇଥିବା ଆମେରିକୀୟ ଗୁପ୍ତଚର ସଂସ୍ଥା ତରଫରୁ ସୂଚନା ମିଳିଛି। ପୁଣି ଯେଉଁ ସାଇଲୋରେ ମିସାଇଲଗୁଡ଼ିକ ଉତ୍‌କ୍ଷେପଣ ହେବାର ଥିଲା, ସେଗୁଡ଼ିକ ମଧ୍ୟ ଠିକ୍ ଅବସ୍ଥାରେ ନାହିଁ। ଏହି ସାଇଲୋଗୁଡ଼ିକର ନିର୍ମାଣ ଏତେ ନିମ୍ନମାନର ଥିଲା ଯେ ସେଗୁଡିକର ଢାଙ୍କୁଣୀ ମଧ୍ୟ ଖୋଲିବା ସମ୍ଭବ ହୋଇନାହିଁ। ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବା ମାତ୍ରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ପିପୁଲ୍ସ ଲିବରେସନ ଆର୍ମି (ପିଏଲ୍‌ଏ)ର ରକେଟ ଫୋର୍ସର ସମସ୍ତ ଶୀର୍ଷ ଅଧିକାରୀମାନଙ୍କୁ ପଦରୁ ହଟାଇ ଦେଇଛନ୍ତି। ତେବେ ଏହା କେବଳ ଦୁର୍ନୀତି ବିରୋଧରେ ପଦକ୍ଷେପ ନୁହେଁ, ବରଂ ଏହା ଏକ ନିୟନ୍ତ୍ରଣର ଲଢ଼େଇ। ଜିନପିଙ୍ଗ ଚାହୁଁଛନ୍ତି ଯେ, ସେନା ଉପରେ ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହୁ। ସେନା ଏପରି ଏକ ଶକ୍ତିଶାଳୀ ବାହିନୀରେ ପରିଣତ ହେଉ, ଯିଏ ଆବଶ୍ୟକ ସ୍ଥଳେ ତାଇୱାନ ଉପରେ ଆକ୍ରମଣ କରିପାରିବ। ୨୦୪୯ ସୁଦ୍ଧା ଚୀନ ସେନାକୁ ଆମେରିକାଠାରୁ ଅଧିକ ଶକ୍ତିଶାଳୀ କରିବାକୁ ଜିନପିଙ୍ଗଙ୍କ ଲକ୍ଷ୍ୟ ରହିଛି ବୋଲି କୁହାଯାଉଛି। ସିଆଇଏର ପୂର୍ବତନ ବିଶେଷଜ୍ଞ ଜୋନାଥନ ଜିନ କହିଛନ୍ତି ଯେ, ଏହି ଅଭିଯାନର ପରିସର ଅତ୍ୟନ୍ତ ବ୍ୟାପକ। ଗୋଟିଏ ପଟେ ଦୁର୍ନୀତି ସେନାକୁ ଦୁର୍ବଳ କରୁଥିବା ବେଳେ ଅନ୍ୟପଟେ ଜିନପିଙ୍ଗ୍ ଏହି ପ୍ରସଙ୍ଗକୁ ବ୍ୟବହାର କରି ସେନାକୁ ନିଜ ରାଜନୈତିକ ଓ ରଣନୈତିକ ଲକ୍ଷ୍ୟ ଅନୁଯାୟୀ ପ୍ରସ୍ତୁତ କରୁଛନ୍ତି।

ଧର୍ମାନ୍ତରଣ ଆଇନକୁ ବିରୋଧ; ୧୨ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ଧର୍ମାନ୍ତରଣ ବିରୋଧୀ ଆଇନର ସାମ୍ବିଧାନିକ ବୈଧତାକୁ ଖ୍ରୀଷ୍ଟିଆନ ସଂସ୍ଥା 'ନ୍ୟାସନାଲ କାଉନସିଲ ଅଫ ଚର୍ଚ୍ଚେସ୍ ଇନ ଇଣ୍ଡିଆ' ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ଏହି ଜନସ୍ୱାର୍ଥ ମାମଲା (ଜିଆଇଏଲ)ର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାର ଏବଂ ରାଜସ୍ଥାନ, ଅରୁଣାଚଳ ପ୍ରଦେଶ ଭଳି ୧୨ ରାଜ୍ୟଙ୍କୁ ନୋଟିସ ଜାରି କରିଛନ୍ତି। ଚାରି ସପ୍ତାହ ମଧ୍ୟରେ ଜବାବ ଦେବାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏନସିସିଆଇ ପକ୍ଷରୁ ବରିଷ୍ଠ ଓକିଲ ମୀନାକ୍ଷୀ ଆରୋରା ଧାର୍ମିକ ସ୍ୱାଧୀନତା ଆଧାରରେ ରାଜସ୍ଥାନ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଗୁଜରାଟ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ଛତିଶଗଡ଼, ଅରୁଣାଚଳ ଏବଂ ଓଡ଼ିଶାରେ ଥିବା ଆଇନ ଉପରେ ରୋକ ଲଗାଇବାକୁ ଦାବି କରିଥିଲେ।

ବେଲୁଚିସ୍ତାନ ଆକ୍ରମଣରେ ଦୁଇ ମହିଳା ଆତ୍ମଘାତୀ

କ୍ୱେଟା, ୨।୨(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଶନିବାର ହୋଇଥିବା ଆକ୍ରମଣ ପାଇଁ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ନିଜକୁ ଦାୟୀ କରିଛି। ଏହି ଆକ୍ରମଣରେ ବିଏଲ୍‌ଏର ଦୁଇଜଣ ମହିଳା ଆତ୍ମଘାତୀ ଆତଙ୍କବାଦୀ ସାମିଲ ରହିଛନ୍ତି। ବିଏଲ୍‌ଏ ମଧ୍ୟ ଏହି ଦୁଇ ମହିଳାଙ୍କ ଫଟୋ ଜାରି କରିଛି। ଏହି ଦୁଇ ମହିଳାଙ୍କ ମଧ୍ୟରୁ ଜଣଙ୍କର ପରିଚୟ ହେଉଛି, ୨୪ ବର୍ଷୀୟା ଆସିଫା ମେଙ୍ଗଲ। ଏହି ଆକ୍ରମଣରେ ୧୭ ଜଣ ସୁରକ୍ଷା କର୍ମୀଙ୍କ ସହ ୫୦ଜଣ ପ୍ରାଣ ହରାଇଥିଲେ। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସରଫରାଜ ବୁଗତି ରବିବାର ସୂଚନା ଦେଇଛନ୍ତି ଯେ, ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନ ୪୦ ଘଣ୍ଟା ଧରି ଚାଲିଥିଲା ଓ ଏଥିରେ ୧୪୫ରୁ ଉର୍ଦ୍ଧ୍ୱ ବିଦ୍ରୋହୀ ମୃତ୍ୟୁବରଣ କରିଥିଲେ। ଦୁଇଟି ପୃଥକ ଆକ୍ରମଣରେ ଏହି ମହିଳା ଆତ୍ମଘାତୀ ଆତଙ୍କବାଦୀମାନେ ସାମିଲ ଥିଲେ। ବିଏଲ୍‌ଏ ଦେଇଥିବା ସୂଚନା ଅନୁଯାୟୀ, ଆସିଫା ମେଙ୍ଗଲ ହେଉଛନ୍ତି ମହମ୍ମଦ ଇସମାଇଲଙ୍କ ଝିଅ ଓ ସେ ବେଲୁଚିସ୍ତାନର ନିସ୍କୁ ଅଞ୍ଚଳର ବାସିନ୍ଦା ଥିଲେ। ୨୦୦୨ ଅକ୍ଟୋବର ୨ରେ ଜନ୍ମିତ ଆସିଫା ନିଜର ୨୧ତମ ଜନ୍ମଦିନରେ ବିଏଲଏର ମଜିଦ ବ୍ରିଗେଡ଼ରେ ସାମିଲ ହୋଇଥିଲେ। ଆସିଫା ୨୦୨୪ରେ ଫିଦାୟୀନ ହେବାକୁ ନିଷ୍ପତ୍ତି ନେଇଥିଲେ ଓ ସେ ଶନିବାର ନିସ୍କୁସ୍ଥିତ ଆଇଏସ୍‌ଆଇ ମୁଖ୍ୟ କାର୍ଯ୍ୟାଳୟକୁ ଟାର୍ଗେଟ କରିଥିଲେ। ଅବଶ୍ୟ ଦ୍ୱିତୀୟ ଆତ୍ମଘାତୀ ମହିଳାଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ।

ଗର୍ଭନିରୋଧକ ବଟିକାରେ ରୋକ୍ ଲଗାଇଲା ତାଲିବାନ

କାବୁଲ, ୨।୨(ଏଜେନ୍ସି): ଆଫଗାନିସ୍ତାନ ତାଲିବାନ ସରକାର ମହିଳାମାନଙ୍କ ପାଇଁ ଗର୍ଭନିରୋଧକ ବଟିକା ଉପରେ କଟକଣା ଲଗାଇଛନ୍ତି। ଯଦି ଡାକ୍ତରମାନେ ଔଷଧ ଦେଉଛନ୍ତି, ତେବେ କ୍ଲିନିକ ବନ୍ଦ କରିଦେବେ ବୋଲି ତାଲିବାନ ଧମକ ଦେଉଛନ୍ତି। ଦେଶସାରା କ୍ଲିନିକ୍ ମଧ୍ୟ ବନ୍ଦ ହେଉଛି। ଫଳରେ ମହିଳାମାନେ ଗର୍ଭଧାରଣ କିମ୍ବା ଗର୍ଭପାତ ସମୟରେ ଆବଶ୍ୟକୀୟ ଚିକିତ୍ସା ପାଇପାରୁ ନାହାନ୍ତି। ବାଦଗିସ୍ ରାଜ୍ୟରେ ଏକ ଘରୋଇ କ୍ଲିନିକକୁ ଚେତାବନୀ ଦେବା ପରେ ସମସ୍ତ ଔଷଧକୁ ନଷ୍ଟ କରିଦିଆଯାଇଛି। ତାଲିବାନ କ୍ଷମତାକୁ ଆସିବା ପରେ ଦେଶରୁ ଗର୍ଭନିରୋଧ ବଟିକା ଦ୍ରୁତଗତିରେ ଶେଷ ହେବାରେ ଲାଗିଛି। ଦେଶରେ ପୁରୁଷ ଡାକ୍ତରଙ୍କଠାରୁ ସିଧାସଳଖ ଚିକିତ୍ସା ନେବାରେ ବାରଣ କରାଯାଉଛି ବୋଲି କୁହାଯାଉଛି। ଫଳରେ ମହିଳାମାନଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଦେଶରେ ୩୬ ବର୍ଷ ମହିଳାମାନେ ୯ ଟି, ୪୨ ବର୍ଷର ମହିଳା ୧୨ ସନ୍ତାନର ମା ହେଉଥିବା ଲକ୍ଷ୍ୟ କରାଯାଇଛି। ମହିଳାମାନେ ଅସମୟରେ ବାର୍ଦ୍ଧକ୍ୟ ଜନିତ ସମସ୍ୟାର ଶିକାର ହେଉଛନ୍ତି। ପୂର୍ବରୁ ମଧ୍ୟ ତାଲିବାନ ଶାସନରେ ୧୨ ବର୍ଷରୁ ଉର୍ଦ୍ଧ୍ୱ ବାଳିକାଙ୍କୁ ମାଧ୍ୟମିକ ଓ ଉଚ୍ଚଶିକ୍ଷା ନିଷିଦ୍ଧ କରିଛି। ସରକାରୀ ଓ ବେସରକାରୀ କ୍ଷେତ୍ରରେ ମହିଳାଙ୍କୁ କାର୍ଯ୍ୟ କରିବା ଉପରେ ରୋକ ଲଗାଯାଇଛି। ପୁଣି ପୁରୁଷ ଓ ଅଭିଭାବକଙ୍କ ବିନା ମହିଳାମାନେ ବାହାରକୁ ଯାଇପାରିବେ ନାହିଁ। ମହିଳାମାନଙ୍କୁ ସମ୍ପୂର୍ଣ୍ଣ ହିଜାବ କିମ୍ବା ବୁର୍ଖା ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ମହିଳାମାନେ ମଧ୍ୟ ମନୋରଞ୍ଜନ ଓ ଖେଳକୁଦରେ ଭାଗ ନେଇପାରିବେ ନାହିଁ।

ଅନ୍ତର୍ଜାତୀୟ କୋର୍ଟରେ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ମାମଲା

ଶୁଣାଣିରେ ସାମିଲ ହେବାକୁ ମନାକଲା ଭାରତ



■ କୋର୍ଟ ବେଆଇନ; ନିର୍ଦ୍ଦେଶକୁ ମାନିବୁନି: ନୂଆଦିଲ୍ଲୀ

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ସ୍ଥଗିତ କରିଦେଇଛି। ଏହାକୁ ପୁଣି ଥରେ କାର୍ଯ୍ୟକାରୀ କରିବା ପାଇଁ ପାକିସ୍ତାନ କରିଥିବା ଚକ୍ରାନ୍ତକୁ ଭାରତ ଭଣ୍ଡୁର କରିଦେଇଛି। ଭାରତର ନିଷ୍ପତ୍ତିକୁ ବିରୋଧ କରି ପାକିସ୍ତାନ ହେଗ୍ ସ୍ଥିତ କୋର୍ଟ ଅଫ ଆର୍ବିଟେସନ (ସିଓଏ)ଙ୍କ ଦ୍ୱାରସ୍ଥ ହୋଇଛି। ଆଇଡବ୍ଲ୍ୟୁଟି ଅଧୀନରେ ଗଠିତ ଏହି କୋର୍ଟ ଶୁଣାଣିରେ ସାମିଲ ହେବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ ଏବଂ କାଗଜପତ୍ର ଦାଖଲ କରିବାକୁ କହିଥିଲେ। ମାତ୍ର ଭାରତ ସରକାର ସିଓଏର କାର୍ଯ୍ୟଧାରାକୁ ଗ୍ରହଣ କରିନାହାନ୍ତି। ଏହି କୋର୍ଟକୁ ବେଆଇନ କହି ଖଣ୍ଡନ କରିଦେଇଛନ୍ତି। ଏହି କୋର୍ଟର କୌଣସି ପ୍ରକ୍ରିୟାରେ ସାମିଲ ହେବୁନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ଭାରତ ପକ୍ଷରୁ କୁହାଯାଇଛି ଯେ ସିନ୍ଧୁ ଚୁକ୍ତିକୁ ସ୍ଥଗିତ କରାଯାଇଥିବା ବେଳେ ଏହା ଅଧୀନରେ ଗଠିତ କୌଣସି ସଂସ୍ଥାର ଜବାବ ଦେବାକୁ ସରକାର ବାଧ୍ୟ ନୁହନ୍ତି।

ସୂଚନା ଅନୁଯାୟୀ, ନେଦରଲାଣ୍ଡର ପିସ ପ୍ୟାଲେସ ଆଜି ଏବଂ ମଙ୍ଗଳବାର ଏହି ମାମଲାର ଶୁଣାଣି ହୋଇଥାନ୍ତା। କୋର୍ଟ ଭାରତକୁ ବଗଲିହାର ଏବଂ କିଶନଗଙ୍ଗା ହାଇଡ୍ରୋ ପାୱାର ପ୍ରୋଜେକ୍ଟ ସମ୍ବନ୍ଧିତ 'ପୋଣ୍ଡେଜ ଲଗ୍‌ବୁକ' କାଗଜପତ୍ର ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଭାରତ ଏହାର ଜବାବ ଦେବାକୁ ମନା କରିଦେଇଛି। ଗତ ୨୪ ତାରିଖରେ ହୋଇଥିବା ଶୁଣାଣିରେ କୋର୍ଟ କହିଥିଲେ ଯେ ଯଦି ଭାରତ ଉପସ୍ଥିତ ନ ରୁହେ ତେବେ କେବଳ ପାକିସ୍ତାନର ପକ୍ଷ ଶୁଣାଯିବ। ଏହା ପରେ ୨୯ ତାରିଖରେ କୋର୍ଟ ଭାରତକୁ ଦୁଇ ପ୍ରକଳ୍ପର ଅପରେସନାଲ ରେକର୍ଡ ମାଗି ଚେତାବନୀ ଦେଇଥିଲେ। ରେକର୍ଡ ନ ଦେଲେ ପ୍ରତିକୂଳ ରାୟ ଆସିବ ବୋଲି କହିଥିଲେ। ଭାରତ ଏହି ଚୁକ୍ତି ସ୍ଥଗିତ ରଖିଥିଲେ ବି କୋର୍ଟଙ୍କ ଅଧିକାର ସୀମା ପ୍ରଭାବିତ ହେବ ନାହିଁ ବୋଲି ଉଲ୍ଲେଖ କରିଥିଲେ।

ଭାରତ ପକ୍ଷରୁ କୁହାଯାଇଥିଲା ଯେ ବର୍ତ୍ତମାନର ବିବାଦ ବୈଷୟିକ। ଏହାକୁ ନିରପେକ୍ଷ ବିଶେଷଜ୍ଞଙ୍କ ମାଧ୍ୟମରେ ସମାଧାନ କରାଯିବା ଉଚିତ। ସିନ୍ଧୁ ନଦୀର ପାଣିକୁ ନେଇ କୌଣସି ବିବାଦ ସୃଷ୍ଟି ହେଲେ ଏହାର ସମାଧନ ନିରପେକ୍ଷ ବିଶେଷଜ୍ଞଙ୍କ ଦ୍ୱାରା କରାଇବାର ବ୍ୟବସ୍ଥା ହୋଇଛି। ଆଇଡବ୍ଲ୍ୟୁଟିରେ ପୂର୍ବରୁ ଏହି ବ୍ୟବସ୍ଥା ରହିଛି। କୋର୍ଟ କୌଣସି ନିରପେକ୍ଷ ବିଶେଷଜ୍ଞ ନୁହନ୍ତି। ଏଥିରେ ସ୍ୱତନ୍ତ୍ର ଏବଂ ନିରପେକ୍ଷ ଯାନ୍ତ୍ରିକ ବିଶେଷଜ୍ଞ ସାମିଲ ରହିବା ଉଚିତ। ସେମାନେ ହିଁ ପାଣି ସମ୍ବନ୍ଧିତ ବୈଷୟିକ ପ୍ରଶ୍ନ ଉପରେ ରାୟ ଦେଇଥାନ୍ତି।

ସୂଚନାଯୋଗ୍ୟ ଯେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଗତ ବର୍ଷ ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା। ସିନ୍ଧୁ ନଦୀ ପ୍ରଣାଳୀରେ ଛଅଟି ନଦୀ ସିନ୍ଧୁ, ଝେଲମ, ଚେନାବ, ରବି, ବ୍ୟାସ ଏବଂ ସତଲେଜ ସାମିଲ ରହିଛି।

ବାଂଲାଦେଶ, ନେପାଳ ଭଳି ସ୍ଥିତି ସୃଷ୍ଟି କରିବାକୁ ଚାହୁଁଥିଲେ ୱାଙ୍ଗଚୁକ୍: କେନ୍ଦ୍ର

ନୂଆଦିଲ୍ଲୀ, ୨।୨(ଏଜେନ୍ସି): କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଜଣାଶୁଣା ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କୁ ନେଇ ନିଜ ମତ ରଖିଛନ୍ତି। ୱାଙ୍ଗଚୁକ୍ ଲଦାଖକୁ ନେପାଳ କିମ୍ବା ବାଂଲାଦେଶ ଭଳି ରୂପାନ୍ତରିତ କରିବାକୁ ଚାହୁଁଥିଲେ। ଏମିତି ଜଣେ ବ୍ୟକ୍ତିଙ୍କୁ ଆଉ ଅଧିକ ଉତ୍ତେଜନାମୂଳକ କଥା କହିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ଅରବିନ୍ଦ କୁମାର ଓ ଜଷ୍ଟିସ ପ୍ରସନ୍ନ ବି ଭରାଲେଙ୍କ ଖଣ୍ଡପୀଠ ବହୁ ଚର୍ଚ୍ଚିତ ଲଦାଖ ହିଂସା ମାମଲାରେ ୱାଙ୍ଗଚୁକଙ୍କ ଗିରଫ୍ ବିରୋଧରେ ଦାଖଲ ହୋଇଥିବା ମାମଲା ଉପରେ ଶୁଣାଣି କରିଥିଲେ। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ୱାଙ୍ଗଚୁକଙ୍କ ଭାଷଣରେ ଜାତୀୟ ସୁରକ୍ଷା ନେଇ ବିପଦ ଦୃଶ୍ୟମାନ ହେଉଛି। ସ୍ଥିତି ଦେଖି ଜିଲ୍ଲା ମାଜିଷ୍ଟ୍ରେଟ୍ ଗିରଫ କରିବାର ସଠିକ ନିଷ୍ପତ୍ତି ନେଇଥିଲେ। ନେପାଳ, ବାଂଲାଦେଶ, ଶ୍ରୀଲଙ୍କା ଭଳି ଉଦାହରଣ ଦେବା, ଯୁବପିଢ଼ିକୁ ଉତ୍ତେଜିତ କରିବା ଓ ଦେଶର ଅଖଣ୍ଡତା ଓ ଏକତା ବିରୋଧରେ ପରିବେଶ ସୃଷ୍ଟି କରିବା ସହ ସମାନ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ଅପରାହ୍ଣରେ ହେବ। ସୂଚନାଯୋଗ୍ୟ ଯେ, ୨୦୨୫ ସେପ୍ଟେମ୍ବର ୨୪ରେ ଲଦାଖର ଲେହରେ ହୋଇଥିବା ହିଂସାକୁ ଉସୁକାଇବା ଅଭିଯୋଗରେ ୨୬ ତାରିଖରେ ଜାତୀୟ ସୁରକ୍ଷା ଆଇନ ବଳରେ ୱାଙ୍ଗଚୁକଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି।

ନିର୍ବାଚନ କମିସନ ଉପରେ ବର୍ଷିଲେ ମମତା

■ ଇସି ବିଜେପିର ଆଇଟି ସେଲ

■ କେହି ନ ଲଢ଼ିଲେ ଏକାକୀ ଲଢ଼ିବି

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ବିରୋଧୀ ଲଢ଼େଇକୁ ଜୋରଦାର କରିଛନ୍ତି। ସେ ଏସଆଇଆର ସଂଘର୍ଷକୁ ରାଜ୍ୟରୁ ରାଜଧାନୀ ଦିଲ୍ଲୀକୁ ନେଇ ଯାଇଛନ୍ତି। ଏସଆଇଆରରେ ପ୍ରଭାବିତ ୧୩ ପରିବାରକୁ ଧରି ମମତା ରଣହୁଙ୍କାର ଦେଇଛନ୍ତି। କଳା ସାଲ୍ ଘୋଡ଼େଇ ହୋଇ ମମତା ସୋମବାର ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଭେଟିଛନ୍ତି। ତିନି ନିର୍ବାଚନ କମିସନରଙ୍କୁ ଭେଟିବା ପରେ ଦିଦି ଖୋଲା ଧମକ ଦେଇଛନ୍ତି। ଏସଆଇଆରରେ ପ୍ରଭାବିତ ଲକ୍ଷାଧିକ ପରିବାରକୁ ଦିଲ୍ଲୀ ଆଣି ଇସିଙ୍କ ସାମ୍ନାରେ ପରେଡ କରାଇବେ ବୋଲି କହିଛନ୍ତି। ଏହା ସହିତ ଇସି ଖରାପ ବ୍ୟବହାର କରିଥିବା ମମତା ଅଭିଯୋଗ ଲଗାଇଛନ୍ତି। ମାତ୍ର ଇସିଙ୍କ ପକ୍ଷରୁ ଏଭଳି ଅଭିଯୋଗକୁ ଖଣ୍ଡନ କରିଦିଆଯାଇଛି। କୁହାଯାଇଛି ଯେ ତିନି ନିର୍ବାଚନ କମିସନ ସଂଯମ ଅବଲମ୍ବନ କରି ଅତ୍ୟନ୍ତ ଭଦ୍ର ବ୍ୟବହାର କରିଥିଲେ।

ମମତା କହିଥିଲେ ଯେ ଦିଲ୍ଲୀ ରାଜନୀତିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସକ୍ରିୟ ରହି ଚାରି ଥର କେନ୍ଦ୍ରମନ୍ତ୍ରୀ ଏବଂ ସାତ ଥର ସାଂସଦ ହୋଇଛି। ମାତ୍ର ଆଜି ପର୍ଯ୍ୟନ୍ତ ଏଭଳି ଅହଂକାରୀ ଏବଂ ମିଥ୍ୟାବାଦୀ ନିର୍ବାଚନ କମିସନ ଦେଖି ନାହିଁ।। ତାଙ୍କ ଚୌକିକୁ ସମ୍ମାନ ଦେଉଛି ବୋଲି ନିର୍ବାଚନ କମିସନଙ୍କୁ କହିଥିଲି। ପଶ୍ଚିମବଙ୍ଗକୁ କାହିଁକି ନିଶାଣ କରାଯାଉଛି ବୋଲି ପଚାରି ଥିଲି। ୫୮ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ହଟାଇ ଦିଆଯାଇଛି। ନିଜ ପକ୍ଷ ରଖିବାକୁ ମଧ୍ୟ ତାଙ୍କୁ ସୁଯୋଗ ଦିଆଯାଇ ନାହିଁ। ଏହା ନିର୍ବାଚନ କମିସନ ନୁହେଁ, ବିଜେପିର ଆଇଟି ସେଲ୍ ପାଲଟି ଯାଇଛି। ଏହି ମାମଲା ସୁପ୍ରିମକୋର୍ଟରେ ରହିଛି। ବିଜେପି ଶାସିତ ରାଜ୍ୟ ଆସାମରେ କାହିଁକି ଏସଆଇଆର ହେଉନି? ଇସି ଖାଲି ପଶ୍ଚିମବଙ୍ଗ ଏବଂ କେରଳକୁ ନିଶାଣ କରୁଥିବା ମମତା ଅଭିଯୋଗ କରିଛନ୍ତି। ସେ ଏସଆଇଆର ପ୍ରସଙ୍ଗରେ ଲଢ଼େଇ ଜାରି ରଖିବେ। ଯଦି ଏହି ପ୍ରସଙ୍ଗରେ କେହି ସହଯୋଗ କରିବେ ନାହିଁ ତେବେ ଏକାକୀ ମୁଁ ଏବଂ ମୋ ପାର୍ଟି ଲଢ଼େଇ କରିବ।

ନର୍ତ୍ତକୀ, ପୋଡ଼କାଷ୍ଟର ସାଜିଲେ ଜେଜେମା

ତିରୁଅନନ୍ତପୁରମ, ୨।୨(ଏଜେନ୍ସି): କେରଳରୁ ଏବେ ଏକ ପ୍ରେରଣାଦାୟୀ ଖବର ସାମ୍ନାକୁ ଆସିଛି। ଆଲାପୁଝା ନର୍ଥ ଅଞ୍ଚଳରେ ବହୁ ବୃଦ୍ଧା ତଥା ଜେଜେମାମାନେ ଅବସାଦ ଓ ମାନସିକ ଶୂନ୍ୟତାକୁ ଦୂର କରିବା ପାଇଁ ଏକ ଅଭିନବ ପନ୍ଥା ଅବଲମ୍ବନ କରିଛନ୍ତି। ସେମାନେ ଏହି ମାନସିକ ସମସ୍ୟା ବିରୋଧରେ ଲଢ଼େଇ କରିବା ପାଇଁ ନୃତ୍ୟ ଓ ପୋଡ଼କାଷ୍ଟିଂକୁ ଆପଣେଇଛନ୍ତି। ଏହି ସବୁ କର୍ଯ୍ୟକଳାପ ସେମାନଙ୍କୁ ଅବସାଦ ପାଇଁ ସେବନ କରୁଥିବା ଔଷଧ ବନ୍ଦ କରିବାରେ ସହାୟ କରିଛି। ଏହି ବୃଦ୍ଧା ମହିଳାମାନେ 'ଓମ୍ୟାନ ଫର ସୋସିଆଲ ମେଟାମୋର୍ଫୋସିସ୍' ନାମକ ଏକ ଗ୍ରୁପ୍ ସହିତ ଜଡ଼ିତ। ଜୀବନର ଏହି ଶେଷ ପର୍ଯ୍ୟାୟରେ ସେମାନେ ନିଜର ସଉକ ପୂରଣ କରିବା ପାଇଁ ଆରମ୍ଭ କରିଛନ୍ତି ଏହି କାର୍ଯ୍ୟକଳାପ ଓ ଏକ ନୂଆ ଦୁନିଆ ପାଇଁ ପରସ୍ପରକୁ ସହଯୋଗ କରିଛନ୍ତି। ଆମେ ଏବେ ସୁପର ଓମ୍ୟାନ ଭଳି ଅନୁଭବ କରୁଛୁ ବୋଲି ଜଣେ ବୃଦ୍ଧା ମହିଳା କହିଛନ୍ତି। ଏହି ଗ୍ରୁପ୍‌ରେ ସାମିଲ ହେବା ଦ୍ୱାରା ସେମାନେ ଏକ ନୂଆ ଜୀବନ ଆରମ୍ଭ କରିଛନ୍ତି। ଅଫିସ ଫାଇଲ, ଘର ତିଆରି, ପିଲାଙ୍କୁ ବଡ଼ କରିବା ଓ ସ୍ୱାମୀଙ୍କ ଯତ୍ନ ନେବାରେ ସାରା ଜୀବନ ବିତାଇବା ପରେ, ସେମାନେ ଏବେ ନିଜ ଭିତରେ ଥିବା କଳାକାର, ଲେଖକ ଓ ନର୍ତ୍ତକୀଙ୍କୁ ଚିହ୍ନି ପାରିଛନ୍ତି। ସେମାନେ ଏବେ ଏକାକୀ ଭ୍ରମଣ, ଗୀତ ଗାଇବା, ଲେଖିବା ଓ ପୋଡ଼କାଷ୍ଟିଂରେ ରୁଚି ରଖୁଛନ୍ତି। ଏହି ଗ୍ରୁପ୍‌ର ଲକ୍ଷ୍ୟ ହେଉଛି, ମହିଳାମାନଙ୍କୁ ମାନସିକସ୍ତରରେ ଶକ୍ତିଶାଳୀ କରିବା, ଯେପରି ସେମାନେ ନିଜର ନିଷ୍ପତ୍ତି ନିଜେ ନେଇପାରିବେ ଓ ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିପାରିବେ। ସୂଚନାଯୋଗ୍ୟ ଯେ, ଆମ ଦେଶରେ ପୁରୁଷଙ୍କ ତୁଳନାରେ ଭାରତୀୟ ମହିଳାମାନେ ଅଧିକ ଅବସାଦର ଶିକାର ହୋଇଛନ୍ତି। ଆଇସିଏମ୍‌ଆର ରିପୋର୍ଟ ଅନୁଯାୟୀ, ପ୍ରାୟ ୧୭ରୁ ୨୩ ପ୍ରତିଶତ ମହିଳା ମଧ୍ୟମରୁ ଗମ୍ଭୀର ଅବସାଦ ସହ ସଂଗ୍ରାମ କରୁଛନ୍ତି। ୫୦ ବର୍ଷରୁ ଅଧିକ ବୟସର ମହିଳାଙ୍କ କ୍ଷେତ୍ରରେ ଅବସାଦ ହାର ୨୧ ପ୍ରତିଶତରୁ ଅଧିକ। ୫୦ରୁ କମ୍ ବର୍ଷର ମହିଳାଙ୍କ କ୍ଷେତ୍ରରେ ଅବସାଦ ହାର ପ୍ରାୟ ୧୭ରୁ ୧୮ ପ୍ରତିଶତ ରହିଛି।

ବାରାଣସୀରେ ଇଣ୍ଡିଗୋ ବିମାନକୁ ବୋମା ଧମକ

ବାରାଣସୀ, ୨।୨(ଏଜେନ୍ସି): ବାରାଣସୀରେ ଏକ ଇଣ୍ଡିଗୋ ବିମାନକୁ ବୋମା ମାଡ଼ କରି ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ବିମାନର ଏକ ଶୌଚାଳୟରେ ଏକ କାଗଜରେ ଲେଖାଥିଲା, 'ବିମାନରେ ବୋମା ଅଛି, ଯେକୌଣସି ସମୟରେ ବିସ୍ଫୋରଣ ହୋଇପାରେ'। ହାଇଦରାବାଦ୍‌ରୁ ରବିବାର ସନ୍ଧ୍ୟାରେ ଇଣ୍ଡିଗୋ ବିମାନ (୬ଇ- ୬୭୧୯) ବାରାଣସୀ ଅଭିମୂଖେ ଆସୁଥିଲା। ବିମାନରେ ମୋଟ୍ ୨୩୭ ଜଣ ଯାତ୍ରୀ ଥିଲେ। ଏହା ସନ୍ଧ୍ୟା ୪ଟା ୩୦ରେ ଉଡ଼ାଣ ଭରିଥିଲା। ବିମାନଟି ଆକାଶମାର୍ଗରେ ଥିବା ବେଳେ ଶୌଚାଳୟରେ କ୍ରୁ ମେମ୍ବରଙ୍କୁ ଏହି ହାତଲେଖା କାଗଜ ମିଳିଥିଲା। ପାଇଲଟ ତୁରନ୍ତ ଏ ସଂକ୍ରାନ୍ତରେ ବାରାଣସୀ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ଜଣାଇଥିଲେ। ଏଟିସି ତୁରନ୍ତ ଜରୁରୀକାଳୀନ ଅବତରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ସୁରକ୍ଷା କଣ୍ଟ୍ରୋଲ ରୁମ୍ ଓ ଅନ୍ୟାନ୍ୟ ଏଜେନ୍ସିକୁ ସୂଚନା ଦେଇଥିଲା। ଏହି ସୂଚନା ପାଇବା ମାତ୍ରେ ବିମାନବନ୍ଦରକୁ ହାଇ ଆଲର୍ଟ ହାଇ ଆଲର୍ଟ କରାଯାଇଥିଲା। ତୁରନ୍ତ ରନୱେ ଓ ଡିପାର୍ଚର ଏରିଆ ବା ପ୍ରସ୍ଥାନ ଅଞ୍ଚଳକୁ ଖାଲି କରାଯାଇଥିଲା। ଏହାପରେ ବିମାନର ଜରୁରୀକାଳୀନ ଅବତରଣ କରାଯାଇଥିଲା।

ଏପଷ୍ଟିନଙ୍କୁ ନିଜ ଝିଅଙ୍କ ଫଟୋ ପଠାଇଥିଲେ ବ୍ରିଟେନ ରାଜକୁମାର ଆଣ୍ଡ୍ରୁ

ଲଣ୍ଡନ, ୨।୨(ଏଜେନ୍ସି): ଆମେରିକା ନ୍ୟାୟ ବିଭାଗ ଜାନୁଆରୀ ୩୦ରେ ଜଣାଶୁଣା ତଥା ଦୁର୍ଦ୍ଦାନ୍ତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ଫାଇଲ ଜାରି କରିବା ପରେ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି। ଏଥିରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ, ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କୁ ବାଦ୍ ଦେଲେ ବ୍ରିଟେନ ରାଜକୁମାର ଆଣ୍ଡ୍ରୁ ଏପଷ୍ଟିନ୍‌ଙ୍କ ବିଷୟରେ ବିଭିନ୍ନ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଏହିକ୍ରମରେ ରାଜକୁମାର ଆଣ୍ଡ୍ରୁ ୨୦୦୮ରେ ଏପଷ୍ଟିନ୍‌ଙ୍କୁ ନିଜ ଝିଅମାନଙ୍କ ଫଟୋ ପଠାଇଥିଲେ। ୨୦୧୦ ଓ ୨୦୧୧ରେ କିଛି ଇମେଲ୍‌ରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଏହି ଇମେଲ୍‌ରେ ରାଜକୁମାରୀ ବିଟ୍ରିସ୍ ଓ ଇୟୁଗେନିଙ୍କ ଫଟୋ ସାମିଲ ଅଛି। ୨୦୧୨ ଡିସେମ୍ବର ୨୦ରେ ଦ୍ୱିତୀୟ କାର୍ଡ ପଠାଯାଇଥିଲା। ଏଥିରେ ଥିବା ୪ଟି ଫଟୋ ମଧ୍ୟରୁ ବିଟ୍ରିସଙ୍କ ଦୁଇଟି ଫଟୋ ଥିଲା ଓ ସେ ୨୦୧୨ ଫେବୃଆରୀରେ ମାଉଣ୍ଟ ବ୍ଲାଙ୍କ୍ ପର୍ବତ ଶୃଙ୍ଗ ଆରୋହଣ କରୁଥିବା ଓ ରାଜକୁମରାୀ ୟୁଗେନି ସାଇକେଲ ଚଳାଉଥିବା ଫଟୋ ସାମିଲ ଥିଲା। ପୁଣି ଏହି ମାସରେ ୟୁଗେନି ପିତା ଆଣ୍ଡ୍ରୁଙ୍କ ସହ ସବୁ ସମ୍ପର୍କ ଛିନ୍ନ୍ କରିବା ନେଇ ଘୋଷଣା କରିଥିଲେ। ୨୦୧୧ ଡିସେମ୍ବର ୧୧ରେ 'ଏଚ୍‌ଆରଏଚ୍ ଦି ଡ୍ୟୁକ୍ ଅଫ୍ ୟର୍କ' ଇମେଲ ଆଇଡ଼ିରୁ ଏକ ଖ୍ରୀଷ୍ଟମାସ କାର୍ଡ ପଠାଯାଇଥିଲା ଓ ଏଥିରେ ଆଣ୍ଡ୍ରୁଙ୍କ ଦସ୍ତଖତ ଥିଲା। ଏପଷ୍ଟିନ ମାମଲାରେ ଜଣେ ମହିଳାଙ୍କ ଓକିଲ ବିବିସିକୁ କହିଛନ୍ତି ଯେ, ଏପଷ୍ଟିନ ସେହି ମହିଳାଙ୍କୁ ଆଣ୍ଡ୍ରୁଙ୍କ ସହ ଯୌନ ସମ୍ପର୍କ ରଖିବା ପାଇଁ ବ୍ରିଟେନ ପଠାଇଥିଲେ। ଓକିଲ ବ୍ରାଡ ଏଡୱାର୍ଡ କହିଛନ୍ତି ଯେ, ଆଣ୍ଡ୍ରୁଙ୍କ ରାତି ବିତାଇବା ପରେ ମହିଳାଙ୍କୁ ରାଜପ୍ରାସାଦ ବୁଲାଇ ଦେଖାଯାଇଥିଲା ଓ ସେଠାରେ ଚା ପିଇବାକୁ ମଧ୍ୟ ଦିଆଯାଇଥିଲା। ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର ଆଣ୍ଡ୍ରୁଙ୍କୁ ଆମେରିକା ସଂସଦ କମିଟିରେ ସାକ୍ଷ୍ୟ ଦେବାକୁ କହିଛନ୍ତି। ଗତ ସପ୍ତାହରେ ଆମେରିକା ନ୍ୟାୟ ବିଭାଗ କିଛି ଆପତ୍ତିଜନକ ଫଟୋ ଜାରି କରିଥିଲା। ଯେଉଁଥିରେ ଆଣ୍ଡ୍ରୁଙ୍କୁ ଜଣେ ମହିଳାଙ୍କ ସହ ସନ୍ଦେହଜନକ ସ୍ଥିତିରେ ଦେଖିବାକୁ ମିଳିଥିଲା। ପୁଣି ଏପଷ୍ଟିନଙ୍କ ସହ ଜଡ଼ିତ ଫାଇଲରୁ ଏହା ଜଣାପଡ଼ିଛି ଯେ, ପ୍ରିନ୍ସ ଆଣ୍ଡ୍ରୁଙ୍କ ପତ୍ନୀ ସାରା ଫର୍ଗୁସନ ଓ ଏପଷ୍ଟିନଙ୍କ ମଧ୍ୟରେ ବହୁତ ଗମ୍ଭୀର ବନ୍ଧୁତା ଥିଲା। ଫର୍ଗୁସନ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ ବୋଲି ଜଣାପଡ଼ିଛି। ଏହି କାରଣ ଯୋଗୁଁ ବ୍ରିଟେନ ରାଜା ଚାର୍ଲ୍ସ ଗତବର୍ଷ ଅକ୍ଟୋବରରେ ନିଜ ସାନ ଭାଇ ଆଣ୍ଡ୍ରୁଙ୍କଠାରୁ ରାଜକୁମାର ଉପାଧି ସହ ସମସ୍ତ ରାଜକୀୟ ପଦବୀ ଫେରାଇ ନେଇଥିଲେ।

■ ମହିଳା ଏସ୍‌ଏଚ୍‌ଜିକୁ ଧାନ ସଂଗ୍ରହରୁ ବାଦ୍ ଦେବା ମାମଲା

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ରଦ୍ଦ

କଟକ,୨।୨(ସମିସ): କୌଣସି ପକ୍ଷକୁ ବାଦ୍ ଦେବା ପୂର୍ବରୁ ସେମାନଙ୍କ ପକ୍ଷ ଶୁଣିବା ଏକ ଆଇନଗତ ଆବଶ୍ୟକତା। କେବଳ ଔପଚାରିକ ଭାବେ କାରଣ ଦର୍ଶାଅ ନୋଟିସ ଜାରି କରିବା ଯଥେଷ୍ଟ ନୁହେଁ। ଏହାର ଉତ୍ତରକୁ "ସକ୍ରିୟ ଭାବେ ବିଚାର" କରିବା ଏବଂ ଏହା ଉପରେ ଯୁକ୍ତିଯୁକ୍ତ ଆଦେଶ ଜାରି କରିବା କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ ବୋଲି କହିଛନ୍ତି ହାଇକୋର୍ଟ। ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବେଆଇନ ଭାବେ ବାଦ୍ ଦିଆଯିବା ମାମଲାରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଭଦ୍ରକ ବାସୁଦେବପୁର ବ୍ଲକର 'ଓମ୍ ବାବା ଶନିଦେବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ' ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ରାୟ ପ୍ରଦାନ ସହ ଭଦ୍ରକ ଜିଲ୍ଲାପାଳଙ୍କ ଦ୍ୱାରା ଜାରି କରାଯାଇଥିବା ବାଦ୍ ଦେବା ଆଦେଶକୁ ରଦ୍ଦ କରି ଅଭିଯୋଗର ସାନି ବିଚାର କରିବା ପାଇଁ ହାଇକୋର୍ଟ। ଯଦି ଅଭିଯୋଗରେ ସତ୍ୟତା ଥାଏ ତାହେଲେ ଆବେଦନକାରୀ ଚାହିଁଲେ ଦୋଷୀ ଅଧିକାରୀଙ୍କ ଠାରୁ କ୍ଷତିପୂରଣ ପାଇଁ ଦାବି କରିପାରିବେ ବୋଲି ମାମଲାରୁ ପ୍ରକାଶ ଯେ, ଭଦ୍ରକ ବାସୁଦେବପୁର ବ୍ଲକର 'ଓମ୍ ବାବା ଶନିଦେବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ୨୦୨୫-୨୬ ଖରିଫ ବର୍ଷ ପାଇଁ ଧାନ ସଂଗ୍ରହ ଏଜେନ୍ସି ଭାବେ ଚୟନ କରାଯାଇଥିଲା। ଏଥିପାଇଁ ଗୋଷ୍ଠୀର ସଦସ୍ୟମାନଙ୍କୁ ତାଲିମ ଦିଆଯିବା ସହ ଧାନ ସଂଗ୍ରହ ଉପକରଣ ମଧ୍ୟ ଯୋଗାଇ ଦିଆଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବାର ମାତ୍ର ଗୋଟିଏ ଦିନ ପରେ, ଅର୍ଥାତ୍ ୩ ଜାନୁଆରୀ ୨୦୨୬ରେ, ଭଦ୍ରକ ଜିଲ୍ଲାପାଳ ଏକ କାର୍ଯ୍ୟାଳୟ ଆଦେଶ ମାଧ୍ୟମରେ ଏହି ଗୋଷ୍ଠୀକୁ ତାଲିକାରୁ ବାଦ୍ ଦେଇଥିଲେ। ଏହା ବିରୋଧରେ ସଂପୃକ୍ତ ଏସଏଚଜି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

ନିଶାରେ ଖାଇଦେଲେ ଉକୁଣିମରା ଔଷଧ; ଯୁବକ ମୃତ

ତୁରୁମୁଙ୍ଗା,୨।୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଜଡ଼ିଚାତର ଗ୍ରାମରେ ଉକୁଣିମରା ଔଷଧ ଖାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର କରୁଣାକର ମହାନ୍ତଙ୍କ ପୁଅ ଜିତେନ୍ଦ୍ର ମହାନ୍ତ। ଜିତେନ୍ଦ୍ର ତାଙ୍କ ସ୍ତ୍ରୀଙ୍କ ପାଇଁ ହାଟରୁ ଉକୁଣିମରା ଔଷଧ କିଣି ଘରକୁ ଆଣିଥିଲେ। ଶନିବାର ଅପରାହ୍ଣରେ ଉକୁଣିମରା ଔଷଧକୁ ତେଲରେ ପକାଉଥିବା ସମୟରେ ସ୍ତ୍ରୀ ତାଙ୍କୁ ବାରଣ କରିଥିଲେ। ଛୁଆମାନେ ମଧ୍ୟ ତେଲ ଲଗାଉଥିବାରୁ କାଳେ ସେମାନେ ଲଗାଇଦେଲେ ଅସୁବିଧା ହେବ ବୋଲି କହିଥିଲେ। ତେବେ ମଦ ନିଶାରେ ଥିବା ଜିତେନ୍ଦ୍ର ଉକୁଣିମରା ଔଷଧରେ ବିଷ ନାହିଁ କହି ସ୍ତ୍ରୀଙ୍କ ସହ ଥଟ୍ଟା ମଜା କରି ଉକୁଣିମରା ଔଷଧରୁ କିଛି ଖାଇ ଦେଇଥିଲେ। କିଛି ସମୟ ପରେ ତାଙ୍କର ବାନ୍ତି ହେବା ସହ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଛି। ବ୍ୟବଚ୍ଛେଦ ପରେ ପୁଲିସ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ତୁରୁମୁଙ୍ଗା ଏସ୍‌ଆଇ ସୁରେଶ ସାହୁ କହିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ନମ୍ବର ୨/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ମୟୂରଭଞ୍ଜରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା

୮୦ ପ୍ରତିଶତ ଧାନକିଣା ସରିଲାଣି; ଆସୁନି ଟୋକନ୍

ବାରିପଦା,୨।୨(ସମିସ): ବ୍ୟାଙ୍କରୁ ଋଣ କରି ୫ଏକର ଜମିରେ ଧାନଚାଷ କରିଥିଲେ। ଅମଳ ବି ଭଲ ହୋଇଛି। କିନ୍ତୁ ଏଯାଏ ତାଙ୍କ ପାଖକୁ ଟୋକନ୍ ଆସିନଥିବାରୁ ସେ ଧାନ ବିକିପାରୁନାହାନ୍ତି। ସେପଟେ, ବ୍ୟାଙ୍କ ପକ୍ଷରୁ ତାଗିଦା ପରେ ତାଗିଦା ଆସୁଛି। ଋଣ ଟଙ୍କା ଶୀଘ୍ର ନଶୁଝିଲେ, ବ୍ୟାଙ୍କ ଘରବାଡ଼ି ବ୍ୟାଜ୍ୟାପ୍ତି କରିଦେବେ ବୋଲି ରିକଭରି ଅଫିସର୍ କହୁଛନ୍ତି। କେମିତି ଟୋକନ୍ ମିଳିବ ଓ ସେ ଧାନ ବିକିପାରିବେ, ସେଥିପାଇଁ ସେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଭେଟି ବାରମ୍ବାର ଅଭିଯୋଗ କରିଥିଲେ ହେଁ ଏଯାଏ କୌଣସି ସୁଫଳ ମିଳିପାରିନି। ତେଣୁ ସମସ୍ୟାର ଶୀଘ୍ର ସମାଧାନ ନହେଲେ ଆତ୍ମହତ୍ୟା କରିବେ ବୋଲି ଭରା ସଭାରେ ଚେତାବନୀ ଦେଇଛନ୍ତି ଚାଷୀ କେଶବ ସାହୁ। କେଶବଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍, ଇଟାମୁଣ୍ଡିଆ ଗାଁରେ। ଆଜି ବ୍ଲକସ୍ତରୀୟ ଜନଶୁଣାଣିରେ ଯୋଗଦେଇ ସେ ସରକାରୀ ବାବୁଙ୍କୁ ଏପରି ଚେତାବନୀ ଦେଇଛନ୍ତି। ଖାଲି କେଶବ ନୁହେଁ, ତାଙ୍କ ଭଳି ଜିଲ୍ଲାର ବହୁ ଚାଷୀଙ୍କ ଦଶା ଏବେ ସମାନ। ଖଳାରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଗଦାଇ ଟୋକନ୍‌କୁ ଚାହିଁ ବସିଛନ୍ତି।

ମୟୂରଭଞ୍ଜ ଜିଲ୍ଲାରେ ଏଥର ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଗୋଟିଏପଟେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ମାଫିଆ ଧାନ ବୋହି ଆଣୁଥିବା ବେଳେ ଜିଲ୍ଲାର ଚାଷୀଙ୍କ ଧାନକିଣା ହୋଇପାରୁନି। ସେପଟେ, ଟାର୍ଗେଟ୍ ଶେଷ ହେବାକୁ ବସିଥିଲେ ବି ଏପର୍ଯ୍ୟନ୍ତ ଟୋକନ୍ ଆସୁନାହିଁ। ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାରେ ଏଯାଏ ପଞ୍ଜିକୃତ ୫୫ହଜାର ୯୩୮ ଚାଷୀଙ୍କ ମଧ୍ୟରୁ ୨୯ ହଜାର ୬୫ଜଣ ଚାଷୀ ୧୦ ଲକ୍ଷ ୮୨ ହଜାର କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯିବାକୁ ଯୋଜନା ରହିଥିବା ବେଳେ ପରବର୍ତ୍ତୀ ସମୟରେ

ଅଧିକ ଟାର୍ଗେଟ୍ ଆସିବାର ଯୋଜନା ରହିଛି। ମାର୍ଚ୍ଚ ଶେଷ ସୁଦ୍ଧା ଧାନକିଣା କାର୍ଯ୍ୟ ଶେଷ ହେବାକୁ ରହିଥିବା ବେଳେ ଆହୁରି ୨୬ ହଜାର ୮୭୩ଜଣ ଚାଷୀଙ୍କଠାରୁ ଧାନ କିଣା ହେବାକୁ ଯୋଜନା ରହିଛି।

ଜିଲ୍ଲାରେ ଡିସେମ୍ବର ୨୬ତାରିଖରୁ ସରକାରୀ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଆଜି ସୁଦ୍ଧା ୧୯ହଜାର ୪୬୨କ୍ୱିଣ୍ଟାଲ ଧାନ କିଣାଯାଇଛି। ୧୦୩ଟି ମଣ୍ଡିରୁ ୫୦ଟି ମଣ୍ଡିରେ ଧାନକିଣା ଜାରି ରହିଛି। ସବୁ ମଣ୍ଡି ଓ ସବୁ ଲ୍ୟାମ୍ପସରେ ଧାନକିଣା ହେବାକୁ ଯୋଜନା ରହିଥିବା ବେଳେ ପ୍ରଥମେ ବାଧକ ସାଜିଥିଲା ସାଟେଲାଇଟ୍ ସର୍ଭେ ଓ କେୱାଇସି ଭେରିଫିକେସନ୍। ଏଥିଯୋଗୁଁ ଧାନକିଣା ହେବା ଓ ମଣ୍ଡି ଖୋଲିବାରେ ସମସ୍ୟା ଉପୁଜିଥିବା ବେଳେ ଏବେ ଟୋକନ୍ ନ ଆସିବା ବଡ଼ ସମସ୍ୟା ହୋଇଛି। ଜିଲ୍ଲାରେ ବିଭିନ୍ନ ପର୍ଯ୍ୟାୟରେ ୧୨୦୦ରୁ ଅଧିକ ଟୋକେନ୍ ବଣ୍ଟନ ହୋଇଛି। ଏହାର ଅବଧି ଏକ ମାସ ରହିଥିବା ବେଳେ ଏହି ସମୟ ଯିବା ପରେ ପୁନଃ ଟୋକନ୍ ପ୍ରଦାନ ନେଇ ସମସ୍ୟା ଆସିବ। ଏହାର ସୁଯୋଗ ନେଇ ଧାନବିକ୍ରିରେ ତଞ୍ଚକତା ଦେଖିବାକୁ ମିଳୁଛି।

ଏ ସଂପର୍କରେ ଅଭିଯୋଗ କରିବାକୁ ଆଜି କେଶବ ଜନଶୁଣାଣିକୁ ଆସିଥିଲେ। ତାଙ୍କ ଅଭିଯୋଗ ମୁତାବକ, ଧାନ ବିକିବା ପାଇଁ ସେ ପଞ୍ଜୀକରଣ କରିଥିଲେ। ବ୍ୟାଙ୍କରୁ ଋଣ ନେଇ କରିଥିବା ଚାଷ, ଧାନବିକା ଟଙ୍କାରେ ପରିଶୋଧ କରିବେ ବୋଲି ଚିନ୍ତା କରିଥିଲେ। କିନ୍ତୁ ନଭେମ୍ବର, ଡିସେମ୍ବର ଓ ଜାନୁଆରୀ ମାସ ଶେଷ ହୋଇଥିବାବେଳେ ଏଯାଏ ତାଙ୍କର ଟୋକେନ୍ ଆସିନାହିଁ। ଏ ବାବଦରେ ସେ

■ ଜନଶୁଣାଣି ଶିବିରରେ ଗର୍ଜିଲେ ଚାଷୀ
■ ଶୀଘ୍ର ଧାନ କିଣା ନ ହେଲେ ଆତ୍ମହତ୍ୟା ଚେତାବନୀ

ଜିଲ୍ଲା ମୁଖ୍ୟଯୋଗାଣ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନି। ତେଣୁ ଶୀଘ୍ର ତାଙ୍କ ଧାନ ବିକ୍ରି ନ ହେଲେ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି, ସମ୍ପୃକ୍ତ ଚାଷୀଙ୍କ ଅଭିଯୋଗ ଆମ ନିକଟରେ ପହଞ୍ଚିଛି। ସେ କିପରି ଧାନ ବିକିବେ, ସେନେଇ ଆମେ ତତ୍ପର ରହିଛୁ। ଯେଉଁମାନଙ୍କ ଏଭଳି ସମସ୍ୟା ରହିଛି, ସେମାନେ ଜିଲ୍ଲା କାର୍ଯ୍ୟାଳୟକୁ ଆସି ପରାମର୍ଶ କରନ୍ତୁ।

ବାହା ହେବାକୁ ରାଜି ହେଲାନି ପ୍ରେମିକା

ଜୀବନ ହାରିଲା ପ୍ରେମିକ

ବାଲେଶ୍ୱର, ୨।୨(ସମିସ): ବାହା ହେବାକୁ ପ୍ରେମିକା ରାଜି ନହେବାରୁ ଜୀବନ ହାରିଦେଲା ପ୍ରେମିକ। ଏଭଳି ଏକ ଅଭାବନୀୟ ଘଟଣା ଚାନ୍ଦିପୁର ଥାନା ହିଡ଼ିଗାଁ ଅଞ୍ଚଳରେ ଘଟିଛି। ମୃତକ ହେଲେ, ରାଜୀବ ମାଝୀ। ରାଜୀବ ଫେସବୁକ୍‌ରେ ଭୁବନେଶ୍ୱରରେ ରହୁଥିବା ଜଣେ ଯୁବତୀଙ୍କ ସହ ବନ୍ଧୁତା କରିଥିଲେ। କଥାବାର୍ତ୍ତାରୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ୭ବର୍ଷ ଧରି

ସମ୍ପର୍କ ରହିବା ପରେ ରାଜୀବ ତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ପ୍ରେମିକାଜଣଙ୍କ ଏଥିରେ ରାଜି ହୋଇନଥିଲେ। ଏହାକୁ ନେଇ ରାଜୀବ ଗତ କିଛି ଦିନ ହେବ ମାନସିକ ଅବସାଦରେ ରହୁଥିଲେ। ଗତକାଲି ରାତିରେ ସୋସିଆଲ ମିଡିଆରେ ଏକ ରିଲ୍ସ ପୋଷ୍ଟ କରିବା ପରେ ବେକରେ ଗାମୁଛା ଗୁଡ଼ାଇ ଫ୍ୟାନ୍‌ରେ ଝୁଲିପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଭାଇ ରୁଦ୍ର ମାଝୀଙ୍କ କହିବା ଅନୁସାରେ ରାଜୀବ ଓ ତାଙ୍କ ପ୍ରେମିକା ମଧ୍ୟରେ ବିବାଦ ପରେ ବୁଝାମଣା ହୋଇଥିଲା। ରାଜୀବ ସେ ଝିଅର ପାଠପଢ଼ାଠାରୁ ଆରମ୍ଭ କରି ସବୁ କିଛି ଖର୍ଚ୍ଚ କରୁଥିଲେ। ହେଲେ ବାହାଘର କଥା କହିବାରୁ ଯୁବତୀଜଣକ ରାଜି ହୋଇନଥିଲେ। ଏହାକୁ ନେଇ ସେ ସବୁବେଳେ ଚିନ୍ତାଗ୍ରସ୍ତ ରହୁଥିଲେ। ଶେଷରେ ସେ ନିଜ ଜୀବନ ହାରିଛି। ଏଣୁ ତାଙ୍କ ଭାଇଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଉକ୍ତ ଯୁବତୀଙ୍କୁ ଦଣ୍ଡ ପ୍ରଦାନ କରିବାକୁ ରୁଦ୍ର ଦାବି କରିଛନ୍ତି। ଚାନ୍ଦିପୁର ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

ଉଚ୍ଚ ଶିକ୍ଷାନୁଷ୍ଠାନ ଆଭ୍ୟନ୍ତରୀଣ କମିଟି ରିପୋର୍ଟ ମାଗିଲା ବିଭାଗ

ଭୁବନେଶ୍ୱର,୨।୨(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଆଭ୍ୟନ୍ତରୀଣ କମିଟି (ଆଇସି) ଗଠନକୁ ଗୁରୁତ୍ୱାରୋପ କରିବା ସହ ଚଳଚଞ୍ଚଳ ରହିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଅବଗତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର କହିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଘଟନ ହୋଇଥିବା ଆଇସିକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତି ତିନିମାସରେ ରିଭ୍ୟୁ କରିଯାଉଛି। ସମ୍ପ୍ରତି ଥିବା କମିଟି ସମ୍ପର୍କରେ ରିଭ୍ୟୁ କରି ସବିଶେଷ ତଥ୍ୟ ଆସନ୍ତା ୭ ତାରିଖ ସୁଦ୍ଧା ବିଭାଗ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଏକ ଗୁଗୁଲ୍ ଫର୍ମ ଜାରି କରାଯାଇଥିବାବେଳେ ପ୍ରାଥମିକତା ଭିତ୍ତିରେ ରିପୋର୍ଟ ଦେବାକୁ କୁହାଯାଇଛି।

ଶ୍ରୀଶ୍ରୀହରିବଳଦେବଜୀଉ ମନ୍ଦିର ପରିଚାଳନାରେ ଅର୍ଥାଭାବ

ସବୁ ଥାଇ ବି ଦୁର୍ଦ୍ଦିନରେ ମହାପ୍ରଭୁ

ବାରିପଦା,୨।୨(ସମିସ): ସବୁ ଥାଇ ବି ଦୁର୍ଦ୍ଦିନରେ ମହାପ୍ରଭୁ ହରିବଳଦେବଜିଉ। ଅର୍ଥାଭାବରୁ କେତେବେଳେ ଦୈନିକ ଭୋଗ ଲାଗିବାରେ ସମସ୍ୟା ହେଉଛି ତ କେତେବେଳେ ପୂଜା ସାମଗ୍ରୀ ପାଇଁ ଦୋକାନୀ ପାଖେ ଗୋଡ଼ ଭାଙ୍ଗି ଠିଆ ହେବାକୁ ପଡୁଛି। ପୂଜାପର୍ବାଣି, ସ୍ୱତନ୍ତ୍ର ଦିନରେ ବି ଜାକିଜୁକି ହେବାକୁ ପଡୁଛି। ସଂସାର ମାଲିକର ଏ ଦଶା ସେବାୟତ, ଭକ୍ତଙ୍କ ଦେହରେ ଯାଉନଥିବା ବେଳେ ପ୍ରଶାସନ ଓ ସରକାରଙ୍କୁ କିନ୍ତୁ କିଛି ଫରକ୍ ପଡୁନି।

ମହାପ୍ରଭୁଙ୍କ ୧୦୦୦ ଏକର ଜମିକୁ ଲିଜ୍‌ରେ ନେଇ ସେଥିରେ କାଜୁ ଚାଷ କରି କୋଟି କୋଟି ଟଙ୍କା ମୁନାଫା କରୁଥିବା କାଜୁ ନିଗମ ବି ଭଡ଼ା ଦେବାକୁ କୁଣ୍ଠକୁଣ୍ଠ ହେଉଛି। ଗତ ୨ ବର୍ଷ ହେଲା ଭଡ଼ା ବାବଦକୁ ଟଙ୍କାଟିଏ ବି ଦେଇନି। ଖାଲି ସେତିକି ନୁହେଁ, ୨୦୧୯ ମସିହାରୁ ଲିଜ୍ ଅବଧି ଶେଷ ହୋଇଥିଲେ ବି ଏହାର ଅବଧି ବଢ଼ାଇବାକୁ ଚାହୁଁନାହିଁ। ଏହାକୁ ନେଇ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଶ୍ରୀଶ୍ରୀହରିବଳଦେବଜୀଉ ବିଜେ ବାରିପଦା ଜଗନ୍ନାଥ ମନ୍ଦିର ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଘୋର୍ ସମସ୍ୟା ଦେଇ ଗତି କରୁଛନ୍ତି ଦ୍ୱିତୀୟ ଶ୍ରୀକ୍ଷେତ୍ର ଠାକୁର। ଠାକୁରଙ୍କ ବିଭିନ୍ନ ସାମଗ୍ରୀ ଯୋଗାଣକାରୀ ସଂସ୍ଥା ନିକଟରେ ବିଭିନ୍ନ କାର୍ଯ୍ୟ ବାବଦକୁ ଦେଢ଼କୋଟି ଟଙ୍କା ବାକି ପଡ଼ିଥିବାରୁ ସେ ଆଉ ସାମଗ୍ରୀ ଦେବାକୁ ମଙ୍ଗୁନାହିଁ। ପ୍ରତିଦିନ ପରି ଆଜି ମଧ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଣ କରିବାକୁ ଟେଣ୍ଡଧାରୀ ମନା କରିଥିଲେ।

ଦିଅଁଙ୍କ ଖର୍ଚ୍ଚ ପାଇଁ ମାସକୁ ୫ଲକ୍ଷରୁ ୬ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି। ଏଥିରେ ଠାକୁରଙ୍କ ଦୈନନ୍ଦିନ ସେବା ଓ ବିଭିନ୍ନ ଭୋଗ ପାଇଁ ଗ୍ରୋସରୀ ଓ ପୂଜା ସାମଗ୍ରୀ ସହ କାଠ, ଲୁଗା, ମିଠେଇ, ପାନ, ଦୁଗ୍ଧ, ଘିଅ ଆଦି ଖର୍ଚ୍ଚ ରହିଛି। ସେହିପରି ମନ୍ଦିରରେ ଦିଅଁଙ୍କ ନିକଟରେ ପ୍ରତିଦିନ ଗୋପାଳବଲ୍ଲଭ, ଖେଚୁଡ଼ି, ମୋଟା ଅନ୍ନ, ଆରିଷା ପିଠା, ସରୁ ଅନ୍ନ, ଖିରି-କାକରା, ବଲ୍ଲଭ, ମୋହନ ଭୋଗ, ଉଖୁଡା ଓ ମିଠେଇ ଭୋଗ ଲାଗି ହୋଇଥାଏ। କିନ୍ତୁ ଏସବୁ ପାଇଁ ସାମଗ୍ରୀ ଯୋଗାଇବା ନିମନ୍ତେ ଠିକା ନେଇଥିବା ସଂସ୍ଥାର ବକେୟା ବଢ଼ି ବଢ଼ି ଚାଲିଥିବାରୁ ସେ ଆଉ ସାମଗ୍ରୀ ଦେବାକୁ ମଙ୍ଗୁ ନାହିଁ। ଅର୍ଥ ଅଭାବରୁ ମନ୍ଦିରରେ ଏପରି ଅଚଳାବସ୍ଥା ଜାରି ରହିଥିବା ବେଳେ ସେପଟେ ରାଜ୍ୟ କାଜୁ ନିଗମ ଠାକୁରଙ୍କ ୩ କୋଟି ଟଙ୍କା ଚାପି ରଖିଛି।

ନିଗମ ଲିଜ୍ ସୂତ୍ରରେ ଠାକୁରଙ୍କ ୧୦୦୦ ଏକର ଜମିରେ ଚାଷ କରୁଥିବା କାଜୁ ବାବଦରେ ରାଜସ୍ୱ ପାଉଛି, ହେଲେ ଦୁଇବର୍ଷ ହେଲା ଟଙ୍କାଟିଏ ଦେଉନି। ଦିନକୁ ଦିନ ବକେୟା ଟଙ୍କା ବୃଦ୍ଧି ପାଉଥିବା ବେଳେ ୭ ବର୍ଷରେ ମାତ୍ର ୨୩ ଲକ୍ଷ ଟଙ୍କା ଦେଇ ଚୁପ ବସିଛି। ୨୦୧୯ରୁ ୨୦୨୩ ଯାଏ ମୋଟ ୨୩ଲକ୍ଷ ୯ହଜାର ଟଙ୍କା ଦେଇଛି। କିନ୍ତୁ ୨୦୨୪ ଓ ୨୦୨୫ରେ ଟଙ୍କାଟିଏ ବି ଦେଇନାହିଁ କାଜୁ ନିଗମ। ଫଳରେ ୧୫୦ରୁ ଅଧିକ ସେବାୟତ, ଶ୍ରୀଶ୍ରୀହରିବଳଦେବଜୀଉ ବିଜେଙ୍କ ପରିଚାଳନାରେ ଗୁରୁତର ତ୍ରୁଟି ସହ ଉପାସ ରହିବା ଭଳି ସ୍ଥିତି ଉପୁଜିଛି।

ସେପଟେ ସରକାରଙ୍କ ସହଯୋଗ ବି ପ୍ରତିଶ୍ରୁତିରେ ରହିଯାଇଛି। ରାଜ୍ୟ ସରକାର ପ୍ରଥମେ ୨୫ଲକ୍ଷ ଓ ପରେ ୫୦ଲକ୍ଷ ଟଙ୍କା

■ କାଜୁ ନିଗମ ଉପରେ ୩ କୋଟିର ରାଜସ୍ୱ ବାକି
■ ଦୁଇ ବର୍ଷ ହେଲା ଟଙ୍କାଟିଏ ବି ଦେଉନି ନିଗମ
■ ଚିଠି କରି କରି ଥକିଲାଣି ଦେବୋତ୍ତର ବିଭାଗ

ଦେବାକୁ କହିଥିବା ବେଳେ ଦେବୋତ୍ତର ବିଭାଗକୁ କିନ୍ତୁ ଟଙ୍କାଟିଏ ମିଳି ନଥିବା ବିଭାଗ ସଫେଇ ଦେଇଛି।

ଏନେଇ ଦେବତ୍ତୋର ବିଭାଗ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ବାରିପଦା ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା କହିଛନ୍ତି ଯେ ବାରିପଦାର ଦେବୋତ୍ତର ବିଭାଗ ଅଧୀନରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ସମେତ ୧୦ଟି ମଠ ଓ ୧୦ଟି ମନ୍ଦିର ପରିଚାଳିତ ହେଉଛି। ପ୍ରତି ମାସରେ ୫ଲକ୍ଷ ଟଙ୍କା ଆବଶ୍ୟକ ପଡୁଥିବା ବେଳେ ଯାହା ଆୟ ହେଉଛି ତାହା ନିଅଣ୍ଟ ପଡୁଛି। କାଜୁ ନିଗମ ନିକଟରେ ସର୍ବାଧିକ ଭାବେ ୨.୮୧ କୋଟି ଟଙ୍କା ବାକି ପଡ଼ିଛି। ବହୁବାର ଏନେଇ ଚିଠି କରାଯାଇଥିବା ବେଳେ କୌଣସି ସୁଫଳ ମିଳିପାରିନି ବୋଲି ସେ ସ୍ୱୀକାର କରିଛନ୍ତି।

ପଞ୍ଚଭୂତରେ ଲୀନ ସୁଶିଳା ତିରିଆ

ବାରିପଦା, ୨।୨ (ସମିସ): ଦୀର୍ଘ ସମୟ ଧରି ଓଡ଼ିଶାକୁ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିଥିବା, ଦୁଇଥର ରାଜ୍ୟସଭା ସାଂସଦ ଓ ଦୁଇଥର ଲୋକସଭା ସାଂସଦ ଭାବେ ସୁନାମ ଅର୍ଜନ କରିଥିବା ଓଡ଼ିଶାର ଟାଣୁଆ ଆଦିବାସୀ କଂଗ୍ରେସ ନେତ୍ରୀ ସୁଶିଳା ତିରିଆଙ୍କ ଶେଷକୃତ୍ୟ ତାଙ୍କ ଜନ୍ମମାଟିରେ ସଂପନ୍ନ ହୋଇଯାଇଛି। ସୋମବାର ଅପରାହ୍ଣରେ ପାଲବଣୀ ବାଇପାସ୍‌ଠାରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ବାରିପଦାସ୍ଥିତ ବାସଭବନକୁ ଅଣାଯାଇଥିଲା। ବିଜୁପଟ୍ଟନାୟକ ଗୋଲେଇ ନିକଟରେ ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ପୂର୍ବତନ ରାଜ୍ୟ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାସଭବନରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ପୂର୍ବତନ ବିଧାୟକ କାନ୍ଦ୍ର ସୋରେନ, ବିଜେପି ଜିଲ୍ଲା ସଭାପତି ନୀହାର ରଞ୍ଜନ ମୋଦି ପ୍ରମୁଖ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

ପରେ, ପୈତୃକ ଗ୍ରାମ ଯଶିପୁରର କାଲୁଆଖମଣୀ ଗ୍ରାମରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ସେଠାରେ ତାଙ୍କର ବ୍ୟକ୍ତିଗତ ରାଜନୈତିକ ପରାମର୍ଶଦାତା ଅଜୟ ମହାପାତ୍ର, ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଜ୍ୟୋତିପ୍ରକାଶ ରଥ, ଭାନୁମିତ୍ର ଆଚାର୍ଯ୍ୟ ଓ ପ୍ରଦୀପ ଦାସ ଉପସ୍ଥିତ ଥିଲେ।

ବିଜେଡିର କ୍ଷୋଭ

ନିର୍ବାଚନ କମିସନଙ୍କୁ ପଚାରିଥିବା ଅନେକ ପ୍ରଶ୍ନର ଉତ୍ତର ଏଯାଏଁ ମିଳିଲା ନାହିଁ

ଭୁବନେଶ୍ୱର,୨।୨(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଅନିୟମିତତାକୁ ନେଇ ଭାରତୀୟ ନିର୍ବାଚନ କମିସନରଙ୍କୁ ଦୁଇ ଦୁଇ ଥର ଲିଖିତ ଭାବେ ଏକାଧିକ ଅସମାହିତ ପ୍ରଶ୍ନର ଉତ୍ତର ମଗାଯାଇଥିଲେ ହେଁ ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ମିଳିପାରି ନାହିଁ ବୋଲି ବିଜେଡି ପକ୍ଷରୁ କ୍ଷୋଭକ୍ତି ପ୍ରକାଶ କରିଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ. ସଂତୃପ୍ତ ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏହି ପ୍ରଶ୍ନଗୁଡିକ ଉପସ୍ଥାପନ କରି ଦେଶରେ ଏକ ସୁଦୃଢ଼ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଏହି ପ୍ରଶ୍ନଗୁଡିକର ଉତ୍ତର ଆସିବାର ଆବଶ୍ୟକ ରହିଛି ବୋଲି କହିଛନ୍ତି।

ଡ. ସଂତୃପ୍ତ ମିଶ୍ର କହିଥିଲେ ଯେ କୌଣସି ରାଜନୀତି ଉଦ୍ଦେଶ୍ୟରେ ନୁହେଁ; ବରଂ ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବିଜେଡି ଏହି ପ୍ରଶ୍ନର ଉତ୍ତର ଆଶା କରୁଛି। ନିର୍ବାଚନରେ ପ୍ରତି ବୁଥ୍‌ରେ ପଡ଼ିଥିବା ଭୋଟ ସଂଖ୍ୟାର ତଥ୍ୟ ଫର୍ମ ୧୭-ସିରେ ମିଳିଥାଏ। ଅନେକ ଜାଗାରେ ପଡିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ତାରତମ୍ୟ ରହୁଥିବାରୁ ନିର୍ବାଚନ କମିସନଙ୍କୁ ଲେଖାଯାଇଥିବା ପତ୍ରରେ ଫର୍ମ ୧୭-ସି ହସ୍ତାନ୍ତର କରିବା ପାଇଁ ଦଳ ଆବେଦନ କରିଥିଲା। କିନ୍ତୁ କିଛି ଆସନରେ ନିର୍ବାଚନ ମାମଲା ଚାଲିଥିବା କାରଣରୁ ଏହା ଦିଆଯାଇ ପାରିବ ନାହିଁ ବୋଲି କମିସନ ଉତ୍ତର ଦେଇଥିଲେ। ତେବେ ୨୮ଟି ଆସନରେ ନିର୍ବାଚନୀ ମାମଲା ଚାଲିଥିବା ବେଳେ ଅନ୍ୟ ଆସନଗୁଡିକର ଫର୍ମ ୧୭-ସି କାହିଁକି ପ୍ରଦାନ କରାଯିବ ନାହିଁ, ସେନେଇ କୌଣସି ଉତ୍ତର ରଖି ନ ଥିଲେ। ସେହିପରି କିଛି ସ୍ଥାନରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା କିପରି ଅଧିକ ଭୋଟ ଗଣତି ହୋଇପାରିଲା, ସେ ସମ୍ବନ୍ଧରେ ମଧ୍ୟ ନିର୍ବାଚନ କମିସନ କୌଣସି ଉତ୍ତର ରଖିନାହାନ୍ତି। ନିର୍ବାଚନ କମିସନ ତାଙ୍କ ଉତ୍ତରରେ ଜଣାଇଥିଲେ ଯେ, ଯେଉଁଠାରେ କଣ୍ଟ୍ରୋଲ ୟୁନିଟରେ ଥିବା ଭୋଟ ସଂଖ୍ୟା

ଫର୍ମ ୧୭-ସିରେ ଲେଖାଯାଇଥିବା ଭୋଟ ସଂଖ୍ୟା ସହିତ ତାଳମେଳ ଖାଏ ନାହିଁ, ସେହି ଭୋଟ ଗଣତି କରାଯାଏ ନାହିଁ। କିନ୍ତୁ କେତୋଟି ସ୍ଥାନରେ ଏପରି ହୋଇଛି, ତାହା ନିର୍ବାଚନ କମିସନ ସ୍ପଷ୍ଟ କରିନାହାନ୍ତି। ନିର୍ବାଚନ କମିସନ ଦେଇଥିବା ଉତ୍ତର ଅନୁଯାୟୀ ମକ୍ ପୋଲ୍ ବେଳେ ପଡିଥିବା ଭୋଟଗୁଡିକ ଡିଲିଟ୍ ହୋଇ ନ ଥିଲେ, ସେହି ଇଭିଏମରେ ପଡ଼ିଥିବା ଭୋଟ୍‌ଗୁଡିକୁ ମଧ୍ୟ ଗଣତି କରାଯାଏ ନାହିଁ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ଜଣେ ନାଗରିକର ଭୋଟକୁ ଗଣତି ନ କରିବା ମଧ୍ୟ ତା'ର ମତ ଦେବାର ଅଧିକାରକୁ କ୍ଷୁଣ୍ଣ କରିବା ସଦୃଶ୍ୟ। ସେହିପରି ଭୋଟିଂ ସମୟରେ ଇଭିଏମ୍ ମେସିନରେ ତ୍ରୁଟି ଦେଖାଯାଏ, ଯେଉଁଥିପାଇଁ ସେଠାରେ ଆଉ ଏକ ମେସିନ ଲଗାଯାଏ। କିନ୍ତୁ ତ୍ରୁଟି ଦେଖାଯିବା ପୂର୍ବରୁ କେତେ ଭୋଟ ପଡିଥିଲା, ତାହାର କୌଣସି ବିବରଣୀ ପ୍ରଦାନ କରାଯାଉ ନାହିଁ।

ଡ. ମିଶ୍ର କହିଥିଲେ ଯେ ସନ୍ଧ୍ୟା ୫ଟା ଭୋଟ ଶେଷ ପାଇଁ ଥିବା ନିର୍ଦ୍ଧାରିତ ସମୟରେ କମିସନଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଭୋଟ ସଂଖ୍ୟା କିପରି ଭାବେ ଅହେତୁକ ବୃଦ୍ଧି ପାଉଛି ବୋଲି ବିଜେଡି ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲା। ୨୦୨୪ ସାଧାରଣ

■ ନିର୍ବାଚନକୁ ବିତିଲାଣି ୧୯ ମାସ, ଏଯାଏଁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେଲାନି ଫର୍ମ ୧୭-ସି
■ ପଡ଼ିଥିବା ଭୋଟ ଓ ଗଣତି ଭୋଟ ସଂଖ୍ୟାରେ ତାରତମ୍ୟ; ନିର୍ବାଚନୀ ସ୍ୱଚ୍ଛତାରେ ପ୍ରଶ୍ନବାଚୀ
■ ସନ୍ଧ୍ୟା ୫ଟା ସମୟରେ ଦିଆଯାଇଥିବା ଭୋଟ୍ ସଂଖ୍ୟାରେ ୭ରୁ ୩୦ ପ୍ରତିଶତ ବୃଦ୍ଧି ପାଇଛି

ନିର୍ବାଚନରେ ଓଡ଼ିଶାର ସମସ୍ତ ୨୧ଟି ସଂସଦୀୟ କ୍ଷେତ୍ରରେ ଓ ୩୮ଟି ବିଧାନସଭା କ୍ଷେତ୍ରରେ ସନ୍ଧ୍ୟା ୫ଟାରେ ଘୋଷିତ ଭୋଟଦାନ ଠାରୁ ୭ରୁ ୩୦ ପ୍ରତିଶତ ଭୋଟ ବୃଦ୍ଧି ପାଇଥିଲା, ଯାହା ପୂର୍ବ ନିର୍ବାଚନଗୁଡିକରେ ଦେଖିବାକୁ ମିଳି ନ ଥିଲା। ନିର୍ବାଚନ କମିସନ ଏହି ପ୍ରଶ୍ନ ସମ୍ବନ୍ଧରେ ସ୍ପଷ୍ଟ କରିନାହାନ୍ତି। ଏହାଛଡା ନିର୍ବାଚନରେ ସ୍ୱଚ୍ଛତା ବୃଦ୍ଧି ପାଇଁ ଇଭିଏମ୍‌କୁ ନିୟମିତ ବ୍ୟବଧାନରେ ଅଡିଟ୍ କରିବା ପାଇଁ ରାଜନୈତିକ ଦଳମାନଙ୍କୁ ସୁଯୋଗ ଦିଆଯାଉ ବୋଲି ଦଳ ଦାବି କରିଥିଲେ ହେଁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ମଧ୍ୟ କୌଣସି ଉତ୍ତର ରଖି ନାହାନ୍ତି ବୋଲି ଡଃ ମିଶ୍ର କହିଛନ୍ତି।

ଡ. ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ଗତ ନିର୍ବାଚନକୁ ୧୯ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ବାଚନ କମିସନ ଫର୍ମ ୧୭-ସିକୁ ତାଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କଲେ ନାହିଁ। ଫୁଲବାଣୀ ବିଧାନସଭା ଆସନର ବୁଥ୍ ନମ୍ବର ୫୭ରେ ଫର୍ମ ୧୭-ସି ଅନୁଯାୟୀ ପଡ଼ିଥିବା ଭୋଟ ଓ ଫର୍ମ ୨୦ ଅନୁଯାୟୀ ଗଣତି ହୋଇଥିବା ଭୋଟ ସଂଖ୍ୟା ୬୮୨ ଖଣ୍ଡ ଅଧିକ ଭୋଟ ରହିଛି। ସେହିପରି ତଳସରା ବିଧାନସଭା ଆସନର ୧୬୫ ଓ ୨୧୯ ନମ୍ବର ବୁଥ୍‌ରେ ୬୬୦ ଓ ୭୮୪ ଖଣ୍ଡ ଭୋଟ ଅଧିକ ଗଣତି ହୋଇଛି। ପଡ଼ିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ରହୁଥିବା ଏହି ତାରତମ୍ୟ ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉଥିଲେ ମଧ୍ୟ ନିର୍ବାଚନ କମିସନ ଏହାକୁ ସ୍ପଷ୍ଟ କରିବା ପରିବର୍ତ୍ତେ ଅସ୍ପଷ୍ଟ ଉତ୍ତର ଦେଇ ଏହାକୁ ଟାଳି ଦେବାକୁ ଉଦ୍ୟମ କରୁଛନ୍ତି। ଦେଶରେ ସ୍ୱଚ୍ଛ ନିର୍ବାଚନ ଆୟୋଜନ କରିବା ଦେଶର ନିର୍ବାଚନ କମିସନରଙ୍କ ଦାୟିତ୍ୱ। ସ୍ୱଚ୍ଛ ନିର୍ବାଚନ ପ୍ରସଙ୍ଗରେ ଆଜି ବିଜେଡି ଯେଉଁ ପ୍ରଶ୍ନ ପଚାରୁଛି, ତାହା ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ। ତେଣୁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ସ୍ପଷ୍ଟ ଉତ୍ତର ରଖିବା ସହିତ ଦେଶବାସୀଙ୍କ ମନରୁ ସନ୍ଦେହ ଦୂର କରିବା ଉଚିତ ବୋଲି ଡ. ସାମନ୍ତସିଂହାର କହିଛନ୍ତି।

ଅନ୍‌ଲାଇନ୍ ନିବେଶ ନାଁରେ ୬କୋଟି ଠକେଇ

ଆନ୍ଧ୍ରପ୍ରଦେଶରୁ ଅଭିଯୁକ୍ତ ଗିରଫ

କଟକ,୨।୨(ସମିସ): ଓଡ଼ିଶା କ୍ରାଇମବ୍ରାଞ୍ଚ ଏକ ବଡ଼ ଧରଣର ଅନଲାଇନ୍ ନିବେଶ ଠକେଇର ପର୍ଦ୍ଦାଫାସ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳର ୩୯ ବର୍ଷୀୟ ବେଦଗିରି ଶ୍ରୀନିବାସରାଓ । ଏହି ମାମଲାରେ ପୂର୍ବରୁ ସୁରଟରୁ ୫ଜଣ ଏବଂ ଲୁଧିଆନାରୁ ଜଣେ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୬ଜଣଙ୍କୁ ଗିରଫ କରାଯାଇସାରିଛି। ଗତ ୨୦୨୪ ମେ ୭ରେ ଅଭିଯୋଗକାରୀ ବ୍ୟବସାୟୀଙ୍କୁ ଫେସବୁକ୍ ମାଧ୍ୟମରେ ଜଣେ

ମହିଳା ଯୋଗାଯୋଗ କରିଥିଲେ। ସେ ନିଜକୁ ହଂକଂର ଆଇବିଏମ ସଫ୍ଟୱେୟାର ଡେଭଲପର ସଞ୍ଜନା ଶ୍ରୀନିବାସନ ବୋଲି ପରିଚୟ ଦେଇଥିଲେ । ପରେ ସେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଜେଫ ନାମକ ଏକ ନକଲି ଟ୍ରେଡିଂ ପ୍ଲାଟଫର୍ମରେ ଟଙ୍କା ନିବେଶ କରିବାକୁ ପ୍ରଲୋଭିତ କରିଥିଲେ । ମହିଳାଙ୍କ କଥାରେ ପଡ଼ି ଅଭିଯୋଗକାରୀ ଗତ ୨୦୨୪ମେ ୨୩ରୁ ଜୁନ୍ ୨୪ ମଧ୍ୟରେ ବିଭିନ୍ନ ଆକାଉଣ୍ଟକୁ ପ୍ରାୟ ୬କୋଟି୧୬ଲକ୍ଷ୩୭ହଜାର୮୪ ଟଙ୍କା ପଠାଇଥିଲେ । ଟ୍ରେଡିଂ ଆକାଉଣ୍ଟରେ ଲାଭ ଦେଖାଇ ଅଭିଯୁକ୍ତମାନେ ତାଙ୍କୁ ଅଧିକ ନିବେଶ କରିବାକୁ କହିଥିଲେ । କିନ୍ତୁ ଯେତେବେଳେ ବ୍ୟବସାୟୀ ଜଣକ ନିଜ ଟଙ୍କା ଉଠାଇବାକୁ ଚାହିଁଲେ, ସେତେବେଳେ କମ୍ପାନୀର କଷ୍ଟମର କେୟାର ତାଙ୍କୁ ୨୦ ପ୍ରତିଶତ ଅତିରିକ୍ତ ଅର୍ଥ ଦେବାକୁ କହିଥିଲେ । ଏହି ବାବଦରେ ବି ସେ ୮୯ ଲକ୍ଷ ଟଙ୍କା ଜମା କରିଥିଲେ ମଧ୍ୟ ତାଙ୍କୁ ଟଙ୍କା ମିଳିନଥିଲା, ଯାହା ପରେ ସେ ଠକେଇର ଶିକାର ହୋଇଥିବା ଅନୁଭବ କରି କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିଲେ। ଇନ୍ସପେକ୍ଟର ରାଜେନ୍ଦ୍ର ଭୋଲାଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଡିଜିଟାଲ ପ୍ରମାଣ ଆଧାରରେ ଭୁବନେଶ୍ୱରରୁ ଆନ୍ଧ୍ରର ଅଭିଯୁକ୍ତ ବେଦଗିରି ଶ୍ରୀନିବାସରାଓଙ୍କୁ ଚିହ୍ନଟ କରି ଗିରଫ କରିଛି । ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଭଳି ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯିବା ସହ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ହାଜର କରାଯାଇଛି ।

ସକାଳ
THE SAKALA

ବ୍ରାହ୍ମଣୀ ବ୍ରିଜ୍‌ରେ ଆଲୋକୀକରଣ ପ୍ରହସନ

ସଞ୍ଜରେ ଜଳୁଛି; ରାତିରେ ଲିଭୁଛି

କବାଟବନ୍ଧ,୨।୨(ସମିସ)

ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜରେ ଆଲୋକୀକରଣର ବିଚିତ୍ର ବ୍ୟବସ୍ଥା ଦେଖିବାକୁ ମିଳିଛି। ଆଲୋକୀକରଣ ନାମରେ ପ୍ରହସନ କରୁଛି ଠିକା ସଂସ୍ଥା। ସନ୍ଧ୍ୟାରେ ଜଳୁଛି; ରାତିରେ ଅନ୍ଧାର କରି ନିଜ ଦାୟିତ୍ୱ ସାରୁଛି ଠିକା ସଂସ୍ଥା। ପ୍ରାୟ ୬ ଦିନ ହେବ ଏହି ଭଳି ଭାବରେ ଲାଇଟ୍ ଜଳାଯାଉଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣୀ ବ୍ରିଜ ଆଲୋକୀକରଣ ପାଇଁ ପ୍ରାୟ ୫ ମାସ ପୂର୍ବରୁ ଲାଇଟ ଲଗା ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ଭାବେ ଜଳିପାରିଲା ନାହିଁ। ଯାହାକି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ଅପାରଗତା ପାଇଁ ହେଉଥିବା ଜନସାଧାରଣ ମତ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ବ୍ରିଜ ଉପର ଅନ୍ଧାର ପାଇଁ ଦୁର୍ଘଟଣା ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକ ମାନେ ଅଭିଯୋଗ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକପାଖିଆ ବ୍ରିଜରେ ଉଭୟ ପାର୍ଶ୍ୱରୁ ଗାଡ଼ି ଚଳାଚଳ କରିବା ସହିତ ଗାଡ଼ି ଲାଇଟ ପ୍ରତିଫଳନ ହୋଇ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ବାରମ୍ବାର ହୃଦୟ ବିଦାରକ ଦୁର୍ଘଟଣା ଘଟୁଥିବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି କିମ୍ବା ସଚେତନ ମଧ୍ୟ ହେଉନାହାଁନ୍ତି। ଫଳରେ ଅନ୍ଧାର ରାତିରେ ଦୁର୍ଘଟଣା ଘଟି ନିରୀହ ଜନସାଧାରଣଙ୍କ ଜୀବନହାନି ହେଉଛି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଜିଲ୍ଲାର ତଥା ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ରାଜପଥ ଅଟେ।

ପ୍ରତ୍ୟେକ ଦିନ ହଜାର ହଜାର ଯାନବାହନ ଏହି ବ୍ରିଜ ଉପରେ ଦେଶର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଅନ୍ୟ ପକ୍ଷରେ ଏହି ଜାତୀୟ ରାଜପଥ ଦକ୍ଷିଣ ଭାରତର କଳିଙ୍ଗ ନଗର ଶିଳ୍ପାଞ୍ଚଳ ପାଇଁ ଏକମାତ୍ର ପ୍ରବେଶ ପଥ ଅଟେ। ଏହି ବ୍ରିଜ ଉପରେ ଅଧିକାଂଶ ଦୁର୍ଘଟଣା ପ୍ରାୟତଃ ସନ୍ଧ୍ୟା ସମୟରେ ହେଉଥିବା ଜଣାପଡିଛି। ତେଣୁ ଦୁର୍ଘଟଣାର ମୁଖ୍ୟ କାରଣ କେବଳ ଅନ୍ଧାର ବ୍ରିଜ ବୋଲି ସ୍ପଷ୍ଟ ହେଉଛି। ଗତ ସେପ୍ଟେମ୍ବର ମାସରେ ଏହି ବ୍ରିଜ ଉପରେ ଅଲୋକୀକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହା ପରେ ଗତ ଅକ୍ଟୋବର ୪ ତାରିଖରେ ଏହାକୁ ପରୀକ୍ଷା ମୂଳକ ଭାବେ ଜେନେରେଟର ମାଧ୍ୟମରେ କରେଣ୍ଟ ସଂଯୋଗ କରାଯାଇ ବନ୍ଦ କରି ଦିଆଯାଇଥିଲା। ଯାହାକି ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରୁଛି। ବାରମ୍ବାର ଅଭିଯୋଗ ପରେ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ମନମାନି ପାଇଁ ଏହି ଅବ୍ୟବସ୍ଥା ଦେଖାଦେଇଛି। ବାରମ୍ବାର ଦୁର୍ଘଟଣା ଘଟିବାରୁ ଗତ ୨୮ ତାରିଖରୁ ଠିକା ସଂସ୍ଥା ପକ୍ଷରୁ କେବଳ ସନ୍ଧ୍ୟା ସମୟରେ ଲାଇଟ୍ ଜଳାଇ ପୁଣି ରାତି ୧୧ଟା ବେଳେ ବନ୍ଦ କରିଦେଉଛି। ଏଭଳି ବିଚିତ୍ର ଅଲୋକୀକରଣ ବ୍ୟବସ୍ଥା କେବଳ ବ୍ରାହ୍ମଣୀ ବ୍ରିଜରେ ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଠିକାସଂସ୍ଥାର ଅଧିକାରୀଙ୍କୁ ପଚାରିବାରୁ ଲାଇଟ ନିୟମିତ ଜଳାଯାଉଛି ପ୍ରକାଶ କରିଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀ ସନ୍ଧ୍ୟା ସମୟରେ ଲାଇଟ୍ ଜଳାଇ ରାତି ୧୧ଟାରେ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଛି ବୋଲି କହିଛନ୍ତି। ତେବେ ଏଭଳି ସ୍ଥିତିରେ କେବଳ ଜନସାଧାରଣ ହିଁ ବଳି ପଡିବା ସାର ହେଉଛି।

ହାଇୱା ସହ ମିକଶ୍ଚର ମେସିନ ଧକ୍କା

ପାଣିକୋଇଲି,୨।୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ନୂଆପଦା ଠାରେ ଦୁଇଟି ଗାଡ଼ି ମଧ୍ୟରେ ଭୟଙ୍କର ଦୁର୍ଘଟଣା ହୋଇଥିଲେ ଅଳ୍ପକେ ଦୁଇ ଚାଳକ ବର୍ତ୍ତି ଯାଇଛନ୍ତି। ପ୍ରକାଶଯେ ପାଣିକୋଇଲି ପଟୁ ଲୁହାପଥର ବୋଝେଇ ପାଇଁ ଏକ ଲମ୍ବା ହାଇୱା (ଓଡି୦୪ଭି ୬୨୭୬) ଯାଉଥିବା ବେଳେ ନୂଆପଦା ନିକଟରେ ସମ୍ମୁଖରୁ ଆସୁଥିବା ବା ରଙ୍ଗରୁଟରେ ଆସୁଥିବା ଏକ ସିମେଣ୍ଟ ଗୋଳା ମିକଶ୍ଚର ମେସିନ ଗାଡି ସହିତ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡି ଭୟଙ୍କର କ୍ଷତିଗ୍ରସ୍ତ ହୋଇଥିବା ଚାଳକ ଦ୍ୱୟ ବର୍ତ୍ତି ଯାଇଛନ୍ତି। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ



ପାଣିକୋଇଲି,୨।୨(ସମିସ): ପୁରପଲ୍ଲୀରେ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି। ପ୍ରତି ଗାଁ ମୁଣ୍ଡରେ ଦେଖିବାକୁ ମିଳିଥିଲା ଅଗି ଜଳା। ପ୍ରତ୍ୟେକ ପରିବାର ଖଳାରୁ ଛଣ ନେଇ କାଣ୍ଡି କରିଥିଲେ ଗାଁ ମୁଣ୍ଡରେ। ପୂଜାର୍ଚ୍ଚନା ପରେ କରାଯାଇଥିଲା ଅଗ୍ନି ସଂଯୋଗ। ଅଗ୍ନି ପାଉଁଶକୁ ନେଇ ଗଚ୍ଛିତ ଧାନ, ଚାଉଳ ବସ୍ତାରେ ଲଗାଯାଇଥାଏ। ଆଜି ସକାଳୁ ଗାଁ କୁମାରୀ ମାନେ ଉକ୍ତ ପାଉଁଶକୁ ସଫା କରି ଲିପାପୋଛା କରି ବିଭିନ୍ନ ଖେଳନା ସମଗ୍ରୀ ନେଇ ସେଠାରେ ପୂଜାର୍ଚ୍ଚନା କରିବା ପରେ ଭୋଗ ରାଗ କରିଥିଲେ। ଏହି ଅଗ୍ନିଉତ୍ସବରେ ଶୀତକୁ ବିଦାୟ ଦିଆଯାଇଥାଏ।

ପୁଲିସ ଜନ ସମ୍ବାଦ କାର୍ଯ୍ୟକ୍ରମ

ମଧୁବନ,୨।୨(ସମିସ): ନାଗରିକ ଅଧିକାର ସୁରକ୍ଷା ପରିଷଦ ପକ୍ଷରୁ ଦେଶବ୍ୟାପୀ ଏହାର ୧୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୁଲିସ ଜନସମ୍ବାଦ କାର୍ଯ୍ୟକ୍ରମ ଯାଜପୁର ଜିଲ୍ଲାର କୁଆଖିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଯାଜପୁର ଜିଲ୍ଲା ନାଗରିକ ଅଧିକାର ସୁରକ୍ଷା ପରିଷଦର ଜିଲ୍ଲା ଅଫିସର ମନୋଜ କୁମାର ଚକ୍ରଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁ ମୁଖ୍ୟଅତିଥି, କୋରାଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ବିଶିଷ୍ଟ ଅତିଥି, ସାହିତ୍ୟିକ ଡ. ରୁଦ୍ରନାରାୟଣ ପୃଷ୍ଟି ମୁଖ୍ୟବକ୍ତା ଏବଂ ଏନ୍‌ସିଆଇବି ରାଜ୍ୟ ନିର୍ଦ୍ଦେଶକ ସୁଦାମ ଚରଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ସିଆଇବି ଯାଜପୁର ଜିଲ୍ଲା ଅଫିସର ବୈଦ୍ୟନାଥ ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଂଗଠନ ସଂପାଦକ ଆନନ୍ଦ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ କର୍ମଚାରୀ, ମେଡିକାଲ କର୍ମଚାରୀ, ଶିକ୍ଷକ, ସାହିତ୍ୟିକ, ଛାତ୍ର, ସହଯୋଗ ସମିତି କର୍ମଚାରୀ, ସମାଜସେବୀ ଆଦି ବହୁ ନାଗରିକ ଯୋଗ ଦେଇଥିଲେ। ନାଗରିକ ଅଧିକାର ସୁରକ୍ଷା ପରିଷଦ ଯାଜପୁର ଜିଲ୍ଲା ପକ୍ଷରୁ ପ୍ରଦତ୍ତ ତଥ୍ୟାନୁସାରେ 'ଅପରେସନ ଅନ୍ୱେଷଣ' କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ସମଗ୍ର ଜିଲ୍ଲା ମଧ୍ୟରେ କୋରାଇ ଥାନା ଅଧିକାରୀ ଓ କୁଆଖିଆ ଥାନା ଅଧିକାରୀଙ୍କୁ ଉତ୍କର୍ଷତା ସମ୍ମାନିତ କରାଯାଇଥିଲା।

ସଂସ୍କାର ଗୋଶାଳାର ସଂପାଦକ ବୈକୁଣ୍ଠ ନାଥ ଓ ସମାଜସେବୀ ଆଶିଷ କୁମାର ପତି କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ। ଜିଲ୍ଲା ଅଫିସର ମନୋଜ କୁମାର ଚକ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବୀଣାପାଣି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଯାଜପୁର,୨।୨(ସମିସ): ଯାଜପୁର ବ୍ଲକ୍ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ବୀଣାପାଣି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୩ୟ ବର୍ଷ ରାଜ୍ୟସ୍ତରୀୟ କ୍ରିକେଟ୍ ମ୍ୟାଚ୍ ଉଦଘାଟନ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁରର ବିଧାୟିକା ସୁଜାତା ସାହୁ, ସମ୍ମାନୀୟ ଅତିଥି ଭାବେ ଯାଜପୁରର ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ ଓ ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସମାଜସେବୀ ବ୍ରଜ କିଶୋର ପାଢୀ,

ମହେଶ୍ୱରପୁର ସରପଞ୍ଚ ସୁଜିତ୍ କୁମାର ରାୟ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ଯୁବନେତା ପ୍ରଦୀପ ନାୟକ ଓ ଗୌରାଙ୍ଗ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୬ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି। ଟିଏମ୍‌ସିଟି ରିଶିପୁର ଓ କେନ୍ଦ୍ରାପଡ଼ା ସନ୍ତପୁରାର ଡିସିସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସନ୍ତପୁରା ପ୍ରଥମେ ବ୍ୟାଟିଂ କରି ୧୧୬ ରନ୍ ସଂଗ୍ରହ କରିଥିବା ବେଳେ ରିଶିପୁର ସମସ୍ତ ୱିକେଟ ହରାଇ ମାତ୍ର ୭୧ ରନ୍ କରି ପରାଜିତ ହୋଇଥିଲେ। ଦିତୀୟମ୍ୟାଚ୍ ଚନ୍ଦନ ଏକାଦଶ ଯାଜପୁର ଓ ଷ୍ଟାର ଇଲେଭେନ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚନ୍ଦନ ଏକାଦଶ ୫ ୱିକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଥିବା ବେଳେ ପୁରୀ ଷ୍ଟାର ଇଲେଭେନ୍ ୩ଟି ବଲ୍ ବାକି ଥାଇ ୧୦୪ ରନ୍ କରି ବିଜୟ ହାସଲ କରିଥିଲେ। ପରେ ପରେ ଉଭୟ ବିଜେତା ପୁରୀ ଓ କେନ୍ଦ୍ରାପଡ଼ା ମଧ୍ୟରେ ପ୍ରଥମ କ୍ୱାଟର୍ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଷ୍ଟାର ଇଲେଭେନ୍ ପୁରୀ ୬ ୱିକେଟ୍ ହରାଇ ୬୩ ରନ୍ ସଂଗ୍ରହ କରିଥିବା ବେଳେ କେନ୍ଦ୍ରାପଡ଼ା ସନ୍ତପୁରା ଡିସିସି ୬ଟି ବଲ୍ ବାକି ଥାଇ ୬୭ ରନ୍ କରି ବିଜୟ ହାସଲ କରିବା ସହ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଷ୍ଟାଇଲିଷ୍ଟ ଅମ୍ପେୟାର୍ ପିଣ୍ଟୁ ନାଥ ଓ ଜ୍ଞାନ ରଞ୍ଜନ ସ୍ୱାଇଁ ଆଜିର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ବୁଦ୍ଧଦେବ ମହାରଣା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ ବୋଲି ବୀଣାପାଣି କ୍ରିକେଟ୍ କ୍ଲବର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

ମଙ୍ଗଳପୁର ଥାନା ଅଞ୍ଚଳରେ ବାରମ୍ବାର ଚୋରି

ଦଶରଥପୁର,୨।୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଞ୍ଚଳରେ ବାରମ୍ବାର ବିଭିନ୍ନ ସ୍ଥାନରେ ଚୋରି ହେଉଥିବାର ଦେଖିବାକୁ ମିଳୁଛି। ପୁଲିସକୁ ଚକମା ଦେଇ ଚୋର କରୁଛନ୍ତି ଚୋରି। ପୁଲିସର ନିଷ୍କ୍ରିୟତା ଓ ସ୍ଥାନୀୟ ଲୋକଙ୍କ ସହଯୋଗ ପାଇଁ ଚାଲିଛି ଅଜରକତା ଓ ବିଭିନ୍ନ ପ୍ରକାର ଚୋରି। ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି ଚୋରି। ଏମିତି ଏକ ଅପ୍ରତିକାର ପରିସ୍ଥିତି ଘଟିଛି ମଙ୍ଗଳପୁର ଥାନା ଅଧୀନ କନିକାପଡା ପଞ୍ଚାୟତସ୍ଥ ମଧୁପୁର ଗ୍ରାମ ତ୍ରୈଲୋକ୍ୟ ପୃଷ୍ଟିଙ୍କ ଘର। ଗତକାଲି ରବିବାର ରାତିରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଘରର ମୁଖ୍ୟ କବାଟ ତାଲା ଭାଙ୍ଗି ଘରେ ପଶି ଆଲମାରୀ ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ସମେତ ପିତଳ ବାସନକୁସନ ଓ ନଗଦ ଅର୍ଥରାଶି ଚୋରି କରି ନେଇଛନ୍ତି। ପଡୋଶୀଙ୍କ ଠାରୁ ଫୋନ ପାଇ ପ୍ରତାପ କୁମାର ପୃଷ୍ଟି ଯାଜପୁର ରୋଡ୍‌ରୁ ଆସି ଘରର ଅବସ୍ଥା ଦେଖିବା ପରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳପୁର ଥାନାର ଏସ୍‌ଆଇ ଅନିତା ପ୍ରଧାନଙ୍କ ନେତୃତ୍ୱରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଆସି ତଦନ୍ତ ଜାରି ରଖିଛି। ତେବେ କେତେଶୀଘ୍ର ମଙ୍ଗଳପୁର ପୁଲିସ ଚୋରଙ୍କୁ ଧରିବାରେ ସଫଳତା ପାଉଛି ତାହା ଦେଖିବାକୁ ବାକି ରହିଲା।

ମହିମା ଅଲେଖ ସନାତନ ମଠରେ ମେଳା

ପାଣିକୋଇଲି,୨।୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ଅଲେଖ ମଠରେ ଜୀବଜଗତର ସ୍ରଷ୍ଟା ବ୍ରହ୍ମାଣ୍ଡ ଠାକୁର ମହିମା ଅଲେଖ ଆଶ୍ରମରେ ମେଳା ଓ ବାର୍ଷିକୋତ୍ସବ ପ୍ରତିବର୍ଷ ପରି ଚଳିତ ବର୍ଷ ସାଧୁ କ୍ଷମାନନ୍ଦ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓଟିନ୍ଦା, ତାଜପୁର, ଖସାଗଡିଆ, ବର୍ତ୍ତମଣା, କାଜିପଟଣା, ନୂଆଗାଁ, ପଥରପଦା ଆଦି ଗ୍ରାମର ଅଲେଖ ଭକ୍ତ ମାନଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମ କରାଯିବା ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା।

ଉଦୟଭାନୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ସିଂହପୁର,୨।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଉଦୟଭାନୁ ସାହିତ୍ୟ ସଂସଦର ଚତୁର୍ଥ ବାର୍ଷିକ ଉତ୍ସବ କପିଳା ପଞ୍ଚାୟତ ଗୁହାଳି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବରେ ଶତାଧିକ କବି ଯୋଗ ଦେଇଥିଲେ। ଉଦ୍ୟାନବିତ୍ ଧନେଶ୍ୱର ପାତ୍ର ଉଦ୍‌ଘାଟନ କରିଥିଲେ। ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ କବି ପ୍ରଦୀପ ଦାସ, ଜିତେନ୍ଦ୍ର ବେହେରା, ରଶ୍ମିତା ସେନାପତି ସଂଯୋଜକ ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ ଶ୍ରୀଧର ସାହୁ ଉଦ୍‌ଘାଟନ କରିଥିଲେ। ଭାସ୍କର ସାମଲ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ଉତ୍କଳ ବନ୍ଦନା ଗାନ କରିଥିଲେ। ପଣ୍ଡିତ ବନମାଳି ପତି ବେଦପାଠ କରିଥିଲେ। ଉଦୟଭାନୁର ସ୍ଥାୟୀ ସଭାପତି ବ୍ରଜ ସୁନ୍ଦର ସାମଲଙ୍କ ଅଧ୍ୟକ୍ଷତାରେ କବି ନିରଞ୍ଜନ ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ପଦ୍ମଚରଣ ଧଳ, ମୁଖ୍ୟବକ୍ତା ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ବିଶିଷ୍ଟ ବକ୍ତା ଅଧ୍ୟାପିକା ଦୀପାଞ୍ଜଳି ସାହୁ, ପ୍ରାଧ୍ୟାପକ ଅଜୟ ଓଝା ପ୍ରମୁଖ ଯୋଗ ଦେଇଥିଲେ। ବିଷ୍ଣୁଚରଣ ସାମଲ ସୂଚନା ଓ ଭାରତ ଭୂଷଣ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂପାଦକ ସୁରେନ୍ଦ୍ର କୁମାର ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ସାହିତ୍ୟ ସଂସଦର ସ୍ମରଣିକା ଉଦୟାର୍କକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ପତ୍ରିକାର ସଂପାଦକ ସରୋଜ କୁମାର ମଲ୍ଲିକ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅକ୍ଷୟ କୁମାର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

ନୂଆଗାଁରେ ଅଷ୍ଟପ୍ରହର ନାମଯଜ୍ଞ

ଧର୍ମଶାଳା,୨।୨(ସମିସ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ସ୍ଥିତ ପଳାଶବୁଢ଼ୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ଦିନ ବ୍ୟାପୀ ଏହି ନାମଯଜ୍ଞରେ ଶୁକ୍ରବାର ସନ୍ଧ୍ୟାରେ ଶୁଭାଧୀଭାସ କରାଯାଇ ପରଦିନ ନାମଯଜ୍ଞ କରାଯାଇଥିଲା। ରବିବାର ଗ୍ରାମରେ ନଗର ପରିକ୍ରମା କରାଯାଇ ଦଧିହାଣ୍ଡି ଭଙ୍ଗା ଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୮ଗୋଟି କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମଯଜ୍ଞ କରିଥିଲେ। ମନୋରଞ୍ଜନ ମିଶ୍ର ପୂଜକ ଭାବେ ଯୋଗ ଦେଇଥିବା ବେଳେ ଦେବାଶିଷ ପରିଡ଼ା, ନିର୍ମଳ ନାୟକ, କେଦାର ଦାସ, ଅନାଦି ଚରଣ ଦାସ ଓ ବ୍ରଜ କିଶୋର ଦାସ ପ୍ରମୁଖ କଳସ ବୁଡ଼ାଇ ଥିଲେ। ଏହି ଅଷ୍ଟପ୍ରହର ନାମଯଜ୍ଞକୁ ଗ୍ରାମର ମୁଖ୍ୟପୁରୋଧା ପ୍ରକାଶ କୁମାର ନାୟକ, ସୁନୀଲ କୁମାର ସ୍ୱାଇଁ, କପିଳ ସ୍ୱାଇଁ ଓ ରମେଶ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

ନିମପୁରକୁ ହରାଇ ଭୁବନେଶ୍ୱର ଚାମ୍ପିଅନ୍

ବରୀ,୨।୨(ସମିସ): ବରୀ ବ୍ଲକ ଅନ୍ତର୍ଗତ ଅଲିପୁର ପଞ୍ଚାୟତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ନବମ ଡାଇନାମିକ କ୍ରିକେଟ ମ୍ୟାଚ୍ ଫାଇନାଲରେ କଟକର ନିମପୁର କ୍ରିକେଟ୍ ଟିମକୁ ହରାଇ ଭୁବନେଶ୍ୱରର ଆଦିତ୍ୟ ଇଲେଭେନ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ଆଦିତ୍ୟ ଇଲେଭେନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭର ଖେଳି ୩ ୱିକେଟ ବିନିମୟରେ ୨୦୫ ରନ୍ ସଂଗ୍ରହ କରିଥିଲା। ଜବାବରେ ନିମପୁର ୨୦ ଓଭର ଖେଳି ୬ ୱିକେଟ ବିନିମୟରେ ୧୯୩ ରନ କରିବାକୁ ସକ୍ଷମ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଦିଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ଅଶୋକ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ବେହେରା, ସମାଜସେବୀ ପ୍ରସନ୍ନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚରେ ବିଶ୍ୱଜିତ ପତି ଓ ସଦା ସୁମନ ସାହୁ ପରିଚାଳନା କରିଥିବା ବେଳେ ବିଶ୍ୱଜିତ ମଲିକ, ଚିନ୍ମୟ ନାୟକ, ତାପସ ମଲିକ, ଅମନ ସାହୁ, ସ୍ମୃତି ମଲିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସେହିପରି ରୂପକ ବେହେରା, ପ୍ରଭାତ ସାହୁ, ପ୍ରତାପ ବେଉରିଆ, ରଶ୍ମି ପତି, ସୁଦିପ୍ତ ବିଶ୍ୱାଳ ଭାଷ୍ୟକାର ଭାବେ ଧାରା ବିବରଣୀ ପ୍ରଦାନ କରିଥିଲେ।

ଶୁଶୁଆ ପ୍ୟାକ୍ସରେ ଧାନ ମଣ୍ଡି ଉଦ୍‌ଘାଟିତ

ଦଶରଥପୁର,୨।୨(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ଶୁଶୁଆ ପଞ୍ଚାୟତରେ ନୂତନ ଭାବେ ସୃଷ୍ଟି ହୋଇଥିବା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଚଳିତ ଖରିଫ ଚାଷୀଙ୍କ ଧାନ ବିକ୍ରୟ ପାଇଁ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ୟାକ୍ସ ସଭାପତି ଅନୁସୟା ସାମଲ ମୁଖ୍ୟ ଅତିଥିଭାବେ ଧାନ ମଣ୍ଡିକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପାକ୍ସ କର୍ମକର୍ତ୍ତା ମୃତ୍ୟୁଞ୍ଜୟ ପଣ୍ଡା, ଅଭିମନ୍ୟୁ ବାରିକ ଉପସ୍ଥିତ ରହିବା ସହ ଅନ୍ୟମାନଙ୍କ ସଭ୍ୟ ବିରେନ ବେହେରା, ଚନ୍ଦ୍ରମଣି ବାରିକ, ଚାଷୀ ବାସୁଦେବ ବିଶ୍ୱାଳ, ସତ୍ୟବ୍ରତ ରାୟ,ବିଷ୍ଣୁ ଦାସ, ଆଲୋକ ସାମଲ, ପୂର୍ଣ୍ଣଚନ୍ଦ୍ର ପରିଡା, ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶୁଶୁଆ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ୫୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଏକ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସ୍ଥିର କରାଯାଇଛି। ପ୍ରଥମ ଦିନରେ ମଣ୍ଡିରୁ ୨୫୧ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ସୂଚନା ରହିଥିବା ବେଳେ ମଣ୍ଡିରେ ପଞ୍ଜିକୃତ ଚାଷୀ ସୁରୁଖୁରୁରେ ଅମଳ ଧାନ ବିକ୍ରୟ ପାଇଁ ପ୍ୟାକ୍ସ କର୍ତ୍ତୃପକ୍ଷ କାର୍ଯ୍ୟ କରିବେ ବୋଲି ସଭାପତି ଶ୍ରୀମତୀ ସାମଲ ପ୍ରକାଶ କରିଛନ୍ତି।

କନିକାପଡା ପିଇଓଙ୍କ ବିରୋଧରେ ତଦନ୍ତ ଦାବି

ମଙ୍ଗଳପୁର,୨।୨(ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତର ପିଇଓ ରବିନାରାୟଣ ସାମଲ କନିକାପଡ଼ା ପଞ୍ଚାୟତର କେତେକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀମାନେ ଆଦୌ ଘର କରିନଥିବା ବେଳେ ସେମାନଙ୍କର ବିଲ୍ କରେଇ ଦେବା ନାଁରେ ଅର୍ଥ ଆତ୍ମସାତ୍ କରୁଥିବା ନେଇ ପଞ୍ଚାୟତର ଜନସାଧାରଣ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ୨ ମାସ ପୂର୍ବେ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ଇତି ମଧ୍ୟରେ ପ୍ରାୟ ୨ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଘଟଣାର କୌଣସି ତଦନ୍ତ ହୋଇ ନଥିବାରୁ ପଞ୍ଚାୟତର ଜନସାଧାରଣ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶଯେ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀମାନଙ୍କର ଅନ୍ୟ ଲୋକଙ୍କ ଘର ଆଗରେ ହିତାଧିକାରୀମାନଙ୍କୁ ଠିଆ କରି ଫଟୋ ଉଠାଇ ଚତୁରତାର ସହ ବିଲ୍ କରିବାରେ ପିଇଓ ସଫଳ ହେଉଥିବା ବେଳେ ସରକାର ଯେଉଁ ଉଦ୍ଦେଶ୍ୟରେ ଗରିବ ଲୋକମାନଙ୍କୁ ଘର ଯୋଗେଇ ଦେଉଛନ୍ତି ସରକାରଙ୍କର ଯୋଜନା ସଫଳ ହେଉନଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତ ଅର୍ଥର ବିଭିନ୍ନ ଯୋଜନାରେ ଫଲସ ଭାଉଚର କରି ବହୁ ଅର୍ଥ ହଡପ କରାଯାଇ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ରାଜ୍ୟରେ ସରକାର ବଦଳିବା ପରେ ଦୁର୍ନୀତି କମିଛି ବୋଲି ସରକାର ବାହା ବାହା ନେଉଥିବା ବେଳେ ବାସ୍ତବ କ୍ଷେତ୍ରରେ ପୂର୍ବ ସରକାର ଅପେକ୍ଷା ଏହି ସରକାର ସମୟରେ ଦୁର୍ନୀତି ବଢିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ତେବେ ଦେଖିବା ପାଇଁ ବାକି ରହିଲା କେବେ ହେଉଛି ତଦନ୍ତ ଆଉ କେବେ ହେବ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାହା ଦେଖିବା ପାଇଁ ପଞ୍ଚାୟତ ବାସୀ ଚାତକ ପରି ଚାହିଁ ବସିଛନ୍ତି।

କରଦା ହରିହାଟ ମହୋତ୍ସବ

ଦର୍ଶକଙ୍କୁ ନଚାଇଲେ ଶୀତଲ

ପାଣିକୋଇଲି,୨।୨(ସମିସ)

କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଗଣପର୍ବ ହରିହାଟ ମେଳାର ଷଷ୍ଠ ସନ୍ଧ୍ୟା ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ଶେଷ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱ ଓ କାର୍ତ୍ତିକ ସ୍ୱାଇଁଙ୍କ ସଞ୍ଚାଳନାରେ ମୁଖ୍ୟଅତିଥି ଭାବେ ଯୁବନେତା ପ୍ରୀତିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ଶ୍ରମିକ ନେତା ପ୍ରଫୁଲ୍ଲ କୁମାର ନାୟକ, ଶିକ୍ଷାବିତ ବନୋଜ କୁମାର ଜେନା, ସମାଜସେବୀ ଶରତ ଚନ୍ଦ୍ର ଦାଶ, କେଶବ ରାଓ ଭୁକ୍ତା,

ହରିହାଟ କମିଟି ପକ୍ଷରୁ ହରିହର ସାହୁ, ଗୋକୁଳାନନ୍ଦ ସାହୁ, ରତ୍ନାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ଡିଜିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଲ ପାତ୍ର ଦର୍ଶକ ମାନଙ୍କୁ ମନୋରଞ୍ଜନ କରାଇଥିଲେ। କଲିକତାର ଭାଇଜାନ ଡ୍ୟାନ୍ସ ଗ୍ରୁପ, ଭୁବନେଶ୍ୱରର ପ୍ରତିଭା ପଣ୍ଡା ଓଡ଼ିଶୀ ନୃତ୍ୟ ଦଳ, କ୍ରୀଷ୍ଟା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଦର୍ଶକମାନଙ୍କୁ ନୃତ୍ୟ ସଂଗୀତରେ ଝୁମାଇଥିଲେ। ଦୁର୍ଗା ଶଙ୍କର ପଣ୍ଡା, ଅଧ୍ୟାପକ ମାୟାଧର ଜେନା, ଅନିରୁଦ୍ଧ ମଲିକ, ଶୁଭ୍ରାଂଶୁ ପାତ୍ର, ରମେଶ ମଲିକ, ରାଜ କିଶୋର ଦାସ, ସଚିଦାନନ୍ଦ ସାହୁ, ତ୍ରିଲୋଚନ ସାହୁ, ସୁଦର୍ଶନ କୁଣ୍ଡୁ, ପ୍ରଭାକର ସାହୁ, ଚିନ୍ତାମଣି ସାହୁ, ଅଶୋକ କୁମାର ସାହୁ, ତୁଷାର ବେହେରା, ଶରତ ସେନାପତି, ପ୍ରଫୁଲ୍ଲ ଖଣ୍ଡାଇ ସମେତ ମେଳା ଓ ମହୋତ୍ସବକୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

ଆଜି ଆସିବେ ରାଷ୍ଟ୍ରପତି

ସଜେଇ ହୋଇଛି ମନ୍ଦିର; ଚଳଚଞ୍ଚଳ ଯାଜପୁର



ଯାଜପୁର,୨।୨(ସମିସ):

ମଙ୍ଗଳବାର ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁର ଗସ୍ତରେ ଆସିବେ। ଭୁବନେଶ୍ୱରରୁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆରେ ଅବତରଣ କରିବେ। ସେଠାରୁ ସିଧା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ପ୍ରଶାସନିକ ଭବନ ପଡ଼ିଆରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବିରଜା ମନ୍ଦିରକୁ ଯିବେ। ଏହି ରାସ୍ତାର ଉଭୟ କଡ଼ରେ ବ୍ୟାରିକେଟ୍ କରାଯାଉଛି। ସଂପୂର୍ଣ୍ଣ ରାସ୍ତାକୁ ମରାମତି କରାଯାଇଛି। ସେହିପରି ବିରଜା ମନ୍ଦିରକୁ ବିଭିନ୍ନ ଫୁଲରେ ସଜେଇ କରାଯାଇଛି। ମନ୍ଦିରର ବାହାର, ଭିତର ପାଶ୍ୱର୍ରେ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରାଯିବା ସହିତ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି। ବ୍ରହ୍ମାକୁଣ୍ଡକୁ ସଫେଇ କରାଯିବା ସହିତ ସୁନ୍ଦର ଆଲୋକ ମାଳାରେ ସଜ୍ଜିତ୍ କରାଯାଇଛି।

ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦ରୁ ଉର୍ଦ୍ଧ୍ୱ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଆଜି ରାଷ୍ଟ୍ରପତି କିପରି ଭାବେ ପ୍ରଶାସନିକ ଭବନ ପଡ଼ିଆରୁ ବିରଜା ମନ୍ଦିର ପର୍ଯ୍ୟନ୍ତ ଯିବେ ତାର କାର୍କେଟ ମକ୍‌ଡ୍ରିଲ୍ କରାଯାଇଥିଲା। ଏହି ମକଡ୍ରିଲ୍ ଜିଲ୍ଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଓ ପୁଲିସ ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଆଗମନ ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଯାଜପୁର ସହର। ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଯାଜପୁର ଗସ୍ତରେ ଆସିବା ସହ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନାଭିଗୟାରେ ପିଣ୍ଡଦାନ କରିବେ। ଯାହାକି ସହରବାସୀ ଓ ମନ୍ଦିର ପ୍ରଶାସନର ଉତ୍କଣ୍ଠା ଭରି ଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ସମେତ ସମସ୍ତ ଅଧିକାରୀ ତନ୍ନତନ୍ନ କରି ବିରଜା ମନ୍ଦିରକୁ ତଦାରଖ କରୁଥିବାର ଦେଖିବାକୁ ମିଳିଛି। ସନ୍ଧ୍ୟାରେ ଅତିରିକ୍ତ ଡିଜି ଅରୁଣ ବୋଥ୍ରା, ଡିଆଇଜି ଚରଣ ସିଂହ ମୀନା ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଥିଲେ। ନିର୍ମାଣ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌କୁ ମଧ୍ୟ ଯାଞ୍ଚ କରିଥିଲେ। ଏହି ହେଲିପ୍ୟାଡ୍‌କୁ ସୁରକ୍ଷା ଦେବା ପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଛି।

ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସହରସାରା ପୁଲିସ ମୁତୟନ ହୋଇଛି। ସବୁ ଛକ ବଜାରରେ ପୁଲିସ ବୁଲୁଥିବାର ଦେଖାଯାଇଛି।

ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିରୁ ଗାଡ଼ି ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ସିଂହପୁର ଓ ମଙ୍ଗଳପୁରରୁ ଆସୁଥିବା ଘରୋଇ ବସ୍ ଓ ଅନ୍ୟ ଗାଡ଼ି ଗୁଡ଼ିକୁ ତାର ଗନ୍ତବ୍ୟ ପଥ ପରିବର୍ତ୍ତନ କରାଯାଇଛି। ଡାକବାଜି ଯନ୍ତ୍ର ଦ୍ୱାରା ଅବଗତ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଯାନବାହନ ଉପରେ କଟକଣା କରାଯାଇଥିବାରୁ କାଲି ଗୋଟିଏ ଦିନ ପାଇଁ ସମସ୍ତ ସ୍କୁଲକୁ ଜିଲ୍ଲାପାଳଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ରାଷ୍ଟ୍ରପତି ଯେଉଁ ରାସ୍ତା ଦେଇ ମା' ବିରଜା ମନ୍ଦିରକୁ ଯିବେ ଉକ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ରୂପେ କଟକଣା ଜାରି କରାଯାଇଛି। ଏଥିନିମନ୍ତେ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶ୍ ପ୍ରତାପ ଶ୍ରୀମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୪ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୨ଜଣ ଡିଏସ୍‌ପି, ୧୬ଜଣ ଇନ୍ସପେକ୍ଟର, ୩୨ଜଣ ସବ୍‌ଇନ୍ସପେକ୍ଟର, ୬୬ଜଣ ଏଏସ୍ଆଇ, ୧୦ଜଣ ହାବିଲଦାର, ୧୭୫ କନଷ୍ଟେବଲ, ୧୫୦ ଗୃହରକ୍ଷୀ ସମେତ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୂର୍ବରୁ ଡ୍ରୋନ ନ ଉଡ଼ିବା ପାଇଁ 'ନୋ ଫ୍ଲାଇଂ' ଜୋନ ଘୋଷଣା କରାଯାଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କୁସୁମା ସମ୍ମୁଖ ଆଉଟଡୋର ଷ୍ଟାଡିୟମରେ ପୁଲିସ ପକ୍ଷରୁ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ରାଷ୍ଟ୍ରପତିଙ୍କ ଯିବା ସମୟରେ ବ୍ୟାରିକେଡ୍‌କୁ ଯେପରି କୌଣସି ସାଧାରଣ ଜନତା ଅତିକ୍ରମ ନ କରନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଯାଜପୁରବାସୀଙ୍କ ମନରେ ଖୁସିର ଲହରି ଖେଳି ଯାଇଛି। ସହରର ବିଭିନ୍ନ ସ୍ଥାନରେ ରାଷ୍ଟ୍ରପତିଙ୍କ ବଡ଼ ବଡ଼ ହୋର୍ଡ଼ିଂ ଲଗା ଯାଇ ସ୍ୱାଗତ କରାଯାଇଛି। କହିବାକୁ ଗଲେ ସହରକୁ ନବ ବଧୂ ଭାବେ ସଜା ଯାଇଛି। ଅନ୍ୟ ପକ୍ଷରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିବା ପାଇଁ ରାଜ୍ୟପାଳ ହରିବାବୁ କମ୍ଭମପଟି ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ହେଲିକପ୍ଟର ଯୋଗେ ଅବତରଣର କାର୍ଯ୍ୟକ୍ରମ ରହିଛି। ସେଠାରୁ ସେ ସିଧା ରାଷ୍ଟ୍ରପତିଙ୍କ ଅବତରଣ ସ୍ଥଳକୁ ଯିବା ସହ ରାଜ୍ୟର ବରିଷ୍ଠ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ପୁଲିସ ପ୍ରଶାସନିକ ଅଧିକାରୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।

ମନ୍ଦିର ଭିତରେ ସୀମିତ ସଂଖ୍ୟକ ସେବାୟତ ପ୍ରବେଶକୁ ନେଇ ବିବାଦ

ଯାଜପୁର: ରାଷ୍ଟ୍ରପତିଙ୍କ ଆଗମନ ପୂର୍ବରୁ ସେବାୟତଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ସୀମିତ ମାତ୍ରାରେ ସେବାୟତ ପ୍ରବେଶ ଅନୁମତିକୁ ନେଇ ଯାଜପୁର ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକୁ ସେବାୟତମାନେ ବିରୋଧ କରିଛନ୍ତି। ପ୍ରଶାସନିକ ନିଷ୍ପତ୍ତି ମୁତାବକ ସୀମିତ ସେବାୟତ ପୂଜାକାର୍ଯ୍ୟରେ ନିୟୋଜିତ ହେବେ; ମାତ୍ର ଅନ୍ୟ ସେବାୟତ ମାନେ ମନ୍ଦିର ପରିସରରେ ରହିବାକୁ ଦାବି କରିଛନ୍ତି ସେବାୟତ। ଏଭଳି ନିଷ୍ପତ୍ତି ନେଲେ ପ୍ରତିବାଦରେ ପୂଜାକାର୍ଯ୍ୟରେ ବିରତ ରହିବାକୁ ସମୂହ ସେବାୟତଙ୍କ ନିଷ୍ପତ୍ତି ନେଇଥିଲା। ଏହାପରେ ପ୍ରଶାସନ ସହିତ ଆଲୋଚନା ପରେ ମୋଟ ୩୨ ଜଣ ସେବାୟତଙ୍କୁ ମୁକ୍ତି ମଣ୍ଡପରେ ବାସଇବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି। ଅନ୍ୟ ସେବାୟତଙ୍କ କଥା ବିଚାରାଧୀନ ଅଛି ବୋଲି କହିଛନ୍ତି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି।

ସିମିଳିଆ ପ୍ୟାକ୍ସର ଧାନ ମଣ୍ଡି ଉଦ୍‌ଘାଟିତ

ଯାଜପୁର,୨।୨(ସମିସ): ସିମିଳିଆ ପାକ୍ସର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସିମିଳିଆ ପାକ୍ସ ପକ୍ଷରୁ ବୁଢ଼ାଘାଟ ଠାରେ ଧାନ ମଣ୍ଡି ଖୋଲାଯାଇ କୃଷକଙ୍କ ଠାରୁ ସରକାରଙ୍କ ନିୟମାନୁଯାୟୀ ଧାନ କ୍ରୟ କରାଯାଉଛି। ସମ୍ପାଦକ ବିଚିତ୍ରାନନ୍ଦ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଷୀ ମଣ୍ଡିରେ ଧାନ ଦେବା ସହ ବିଶ୍ରାମ ସ୍ଥଳରେ ବିଶ୍ରାମ ନେଉଛନ୍ତି। ଚାଷୀଙ୍କ ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଟୋକନ ପାଇଥିବା ଚାଷୀ ଧାନ ମଣ୍ଡିରେ ବିକ୍ରି କରୁଛନ୍ତି। ମଣ୍ଡିରେ ଚାଷୀଙ୍କ ପକ୍ଷରୁ ଦିଆଯାଇଥିବା ଧାନ ମିଲର ଟ୍ରକ ଯୋଗେ ମିଲ୍କୁ ନେଉଥିବା ଦେଖିବାକୁ ମିଳିଛି। ସିମିଳିଆ ପାକ୍ସର ଟୋକନ ପାଇଥିବା ଚାଷୀ ଧାନ ମଣ୍ଡିରେ ଧାନ ବିକ୍ରି କରିବା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ସିମିଳିଆ ପ୍ୟାକ୍ସ ପକ୍ଷରୁ ସଭାପତି ଶରତ ସାହୁ, ମହେନ୍ଦ୍ର ନାୟକ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ରହୁଥିବା ବେଳେ ଅଦ୍ୟାବଧି ୧୫ଶହ କ୍ୱିଣ୍ଟାଲ ଧାନ ଚାଷୀଙ୍କ ଠାରୁ କ୍ରୟ କରାଯାଇଛି ବୋଲି ସମ୍ପାଦକ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

ମହମବତି ଶୋଭାଯାତ୍ରା

ଧର୍ମଶାଳା,୨।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଅଞ୍ଚଳର ସମାଜସେବୀ ସୁଧାକର ସାହୁଙ୍କ ବିୟୋଗରେ ସ୍ୱାଭିମାନ ମଞ୍ଚ ଆନୁକୂଲ୍ୟରେ ଓ ଅସହାୟର ବନ୍ଧୁ ସେବା ସଂଗଠନ ସହଯୋଗରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଏମା ଅଞ୍ଚଳର ଶତାଧିକ ଜନ ସାଧାରଣ କଲ୍ୟାଣମଣ୍ଡପ ଠାରେ ଏକତ୍ରିତ ହୋଇ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଏହି ସ୍ଥାନରୁ ବାହାରି ବଡ଼ବଜାର ପରିକ୍ରମା କରି ମା' କମଳେଇ ପୀଠ ନିକଟରେ ପହଞ୍ଚିଥିଲା। ସେଠାରେ ଦୀପଦାନ ଦିଆଯାଇଥିଲା।

ମେସ୍କୋ କାରଖାନା ଚାଲୁ କରିବା ଦାବି ଜୋର ଧରିଲା

ଆନ୍ଦୋଳନକୁ ଓହ୍ଲାଇବ ମଜଦୂର ୟୁନିୟନ

ଦାନଗଦି,୨।୨(ସମିସ): ୩ ଦଫା ଦାବିକୁ ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇବ କଳିଙ୍ଗନଗର ମଜଦୂର ୟୁନିୟନ। ଏ ନେଇ ଆଜି କାରଖାନା ପରିସରରେ ଏକ ଜରୁରୀ ବୈଠକରେ ନିଆଯାଇଛି ଏଭଳି ଚରମ ନିଷ୍ପତି। ୟୁନିୟନ ସଭାପତି ଏସ୍‌କେ ଜାହେଦଙ୍କ କହିବା କଥା ଯେ ଦୀର୍ଘ ୭୨ ମାସ ହେଲା କାରଖାନା କର୍ତ୍ତୃପକ୍ଷ କ୍ଷତିରେ ଚାଲୁଥିବା ଆଳରେ କାରଖାନାକୁ ବନ୍ଦ ରଖିଛନ୍ତି। ଫଳରେ ଶ୍ରମିକମାନେ ଭୋକ ଉପବାସରେ ଦିନ କାଟୁଛନ୍ତି। ବହୁ ବିସ୍ଥାପିତ ପରିବାର ଦୁଃଖରେ ଦିନ କାଟୁଛନ୍ତି। ଅନେକ ଶ୍ରମିକ ମୃତ୍ୟୁବରଣ କଲେଣି। ବହୁବାର କାରଖାନା ଖୋଲିବାକୁ ସଂଗଠନ ଆନ୍ଦୋଳନ ଡାକରା ଦେଇ କଳିଙ୍ଗନଗରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯାଇଛି। ଫାଟକ ଆଗରେ ଧାରଣା ମଧ୍ୟ ଦେଇଛି। ବାରମ୍ବାର ଜିଲ୍ଲା ପ୍ରଶାସନ ଓ ୟୁନିୟନ ନିକଟରେ ମିଥ୍ୟା ପ୍ରତିଶ୍ରୁତି ଦେଇଚାଲିଛନ୍ତି କାରଖାନା କର୍ତ୍ତୃପକ୍ଷ। ହେଲେ ପ୍ରଶାସନ କାରଖାନା ବିରୋଧରେ କୌଣସି ପଦକ୍ଷେପ ଏ ଯାଏ ନେଇ ନାହାଁନ୍ତି। ଏଣୁ ଆଜି ଶତାଧିକ ଶ୍ରମିକ କାରଖାନା ଫାଟକ ନିକଟରେ ଏକତ୍ରିତ ହୋଇ ଜିଲ୍ଲା ପ୍ରଶାସନ ଏବଂ କାରଖାନା କର୍ତ୍ତୃପକ୍ଷଙ୍କୁ ଏହାର ସମାଧାନ ପାଇଁ ୧୦ ଦିନ ସମୟ ଦେଇଛନ୍ତି। ୧୦ ଦିନ ମଧ୍ୟରେ ସମାଧାନର ରାସ୍ତା ନ ବାହାରିଲେ ୧୨ ତାରିଖ ସକାଳୁ କାରଖାନା ଫାଟକରେ ତାଲାପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନରେ ବସିରହିବେ। ଶ୍ରମିକ ସଂଘ ସଭାପତି ଏସ୍‌କେ ଜାହେଦଙ୍କ ନେତୃତ୍ୱରେ ଏକ ଟିମ୍ କାରଖାନା କର୍ତ୍ତୃପକ୍ଷଙ୍କୁ ଭେଟି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହାର ଏକକିତା ନକଲ ପୂର୍ବତନ ମନ୍ତ୍ରୀ ଇଓ ପ୍ରୀତିରଞ୍ଜନ ଘଡେଇ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଏଡିଏମ୍ କଳିଙ୍ଗନଗର ସପନ ନନ୍ଦ, ଜେଏଲସି ଯାଜପୁର ରୋଡ୍, ଆଇଆଇସି କଳିଙ୍ଗନଗର ପ୍ରକାଶ ଚନ୍ଦ୍ର ସାହୁଙ୍କୁ ପତ୍ର ମାଧ୍ୟମରେ ଜଣେଇ ଦେଇଛନ୍ତି।

କୁଆଖିଆ-ମଙ୍ଗଳପୁର ୨୦ ନମ୍ବର ଜାତୀୟ ରାଜପଥ

ନିର୍ମାଣ ନ ସରୁଣୁ ରାସ୍ତାରୁ ଉଠିଗଲାଣି ପିଚୁ

ଦଶରଥପୁର,୨।୨ (ସମିସ):

ଯାଜପୁର ଜିଲ୍ଲା କୁଆଖିଆ ଠାରୁ ଭଦ୍ରକ ଜିଲ୍ଲା ଧାମରା ଭାୟା ଯାଜପୁରଟାଉନ-ମଙ୍ଗଳପୁର, କୟାଁଗୋଲା ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୦ ସଂପ୍ରସାରଣ କାର୍ଯ୍ୟ ଚାଲିଛି। ମାତ୍ର ଗତ ୧୫ ଦିନ ପୂର୍ବରୁ ପିଚୁ ନିର୍ମାଣ କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଉଠିଯାଇଥିଲା। ବଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଠିକସଂସ୍ଥା କିଛି ସ୍ଥାନରେ ଗୋପାଳପୁର ପଞ୍ଚାୟତ ବିଭୁତିପୁରା ଠାରେ ୨ଟି ସ୍ଥାନରେ ପ୍ରାୟ ୧୦୦ ଫୁଟ ପିଚୁ ଉଠାଯାଇଛି। ଏହାଛଡା ଦଶରଥପୁର ବ୍ଲକ ଛକ ଠାରୁ ବଉଳାଙ୍ଗ ପର୍ଯ୍ୟନ୍ତ ଆହୁରି ପ୍ରାୟ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ୧୦ ସ୍ଥାନରୁ ଅଧିକ ପିଚୁ ଉଠିଯାଇଛି। ଏଣୁ ପର୍ଯ୍ୟାୟ କ୍ରମେ ପିଚୁ ଉଠାଯାଇ ନୂତନ ଭାବେ ନିର୍ମାଣ କରାଯିବା ବୋଲି ଜେଇ ନିର୍ମଳ ସାମଲ ସୂଚନା ଦେଇଛନ୍ତି। ମାତ୍ର କାର୍ଯ୍ୟଟି ଯେପରି ହେଉଛି ଲାଗୁଛି କାହାର ଦାୟିତ୍ୱ ନଥିବା ଭଳି। କାରଣ କାର୍ଯ୍ୟ ସମୟରେ ବ୍ୟବହାର ହେଉନାହିଁ କୌଣସି ସୂଚନା, ବ୍ୟାରିକେଟ, ୱାର୍ଣ୍ଣ ଟେପ କିମ୍ବା ସେପ୍ଟି।

ସୂଚନା ଅନୁସାରେ କାର୍ଯ୍ୟଟିକୁ ସିଭମ କଣ୍ଡେମ ନାମକ କମ୍ପାନୀ ତଥା ଜଗତସିଂହପୁର ଜିଲ୍ଲାର ରଘୁନାଥ ପରିଡ଼ା କାର୍ଯ୍ୟ ନେଇ ଏଆର୍‌ଏସଏସ କମ୍ପାନୀକୁ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଛି। ପ୍ରକଳ୍ପଟି ୨୦୨୨ରୁ ଆରମ୍ଭ ହୋଇଥିବାବେଳେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାବତ କାର୍ଯ୍ୟ ଶେଷ ହୋଇପାରିନାହିଁ। ପ୍ରକଳ୍ପଟି ୩୫. ୮୦୦ କିଲୋମିଟର କାର୍ଯ୍ୟ ହେବାକୁ ଥିବାବେଳେ ଅଟକଳ ମୂଲ୍ୟ ୩୪୧ କୋଟି ୭୩ ଲକ୍ଷ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ମାତ୍ର ଦଶରଥପୁର ବ୍ଲକ ଛକ ଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ବର୍ତ୍ତମାନ କାର୍ଯ୍ୟ ଚାଲିଛି। ନିର୍ମାଣ ସମୟରେ ବ୍ୟବହାର ହେଉନାହିଁ କୌଣସି ସୂଚନା ଫଳକ, ବ୍ୟାରିକେଟ, ୱାର୍ଣ୍ଣ ଟେପ କିମ୍ବା ସେପ୍ଟି ସିଷ୍ଟମ। ଏମିତି କି ସଚେତନତା ପାଇଁ କୌଣସି ଷ୍ଟାଫ ରହୁନାହାନ୍ତି। ଫଳରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ହଜାର ହଜାର ଲୋକ। ସେଠାରେ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ଠିକସଂସ୍ଥା ବେଧଡ଼କ ଭାବେ ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଗତ ୮ ଦିନ ତଳେ ନିର୍ମାଣ ହୋଇଥିବା ପିଚୁ କାର୍ଯ୍ୟ କାଟିଆ ଛକ ଠାରୁ ବଉଳାଙ୍ଗ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଉପରୁ ପିଚୁ ଉଠିଗଲାଣି। ଗୋଡ଼ ମାରିଲେ ବାଜୁରୀ ଉଠିଯାଉଛି। ଅତି ନିମ୍ନମାନର ପିଚୁ ବ୍ୟବହାର କରାଯାଇଥିବାରୁ ୮ ଦିନ ଗଲାନି ପୁଳା ପୁଳା ହୋଇ ଉଠିଗଲାଣି ପିଚୁ। ଏହା ଛଡା ଝୁମ୍ପୁରୀ ବଜାର ଠାରୁ ଦଶରଥପୁର ବ୍ଲକ ପର୍ଯ୍ୟନ୍ତ ରାସ୍ତା ମଝିରେ ୧୯ ଟି ବିଦ୍ୟୁତ ଖୁଣ୍ଟ ଓ ଟ୍ରାସଫରମର ରହିଛି। ଅଭିଯୋଗର ଦୁଇ ମାସ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁନାହିଁ। ଏଭଳି ଦାୟିତ୍ୱହୀନତା କାର୍ଯ୍ୟ ପାଇଁ କାର୍ଯ୍ୟ ଆରମ୍ଭରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଗତ ଦେଢ଼ ବର୍ଷ ମଧ୍ୟରେ ୪ ଜଣଙ୍କ ଜୀବନ ଯିବା ସହିତ ୨୫ ରୁ ଅଧିକ ଗୁରୁତର ହୋଇ ସାରିଲେଣି। ଏସମ୍ପର୍କରେ ଜିଲ୍ଲାପାଳଙ୍କ ଜଣାଶୁଣାଣିରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୋଣସି ସୁଫଳ ମିଳୁନାହିଁ। ଏ ବିଷୟରେ ବିଭାଗୀୟ ଏସ ଡିଓ ଶୁଭସ୍ମିତା ପାଣିଙ୍କୁ ପଚାରିବାରେ ଆମ ହାତରେ କିଛି ନାହିଁ ଠିକା ସଂସ୍ଥା ଆମର କୌଣସି ନିୟମ ମାନୁ ନଥିବାରୁ ଆମେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ ବୋଲି କହିଛନ୍ତି।

● ଯାଜପୁର ରୋଡ୍-ଧାମରା ରେଳ ପ୍ରକଳ୍ପ

ରେଳ ବଜେଟର ପ୍ରତାରଣା ବିରୋଧରେ ଆନ୍ଦୋଳନ ଆହ୍ୱାନ

ଯାଜପୁର,୨।୨(ସମିସ): ରେଳ ବଜେଟ୍‌ରେ ପୁଣିଥରେ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାବାସୀଙ୍କୁ ପ୍ରତାରିତ କରିବାକୁ ଉଚିତ ମନେ କରିଛନ୍ତି କେନ୍ଦ୍ର ସରକାର। ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ବଜେଟରେ କରାଯାଇଥିବା ବ୍ୟୟବରାଦ ଉପରେ କୌଣସି ସ୍ପଷ୍ଟ ଉତ୍ତର ଦେବାକୁ ରେଳମନ୍ତ୍ରୀ ଆଜି ନୂଆଦିଲ୍ଲୀରେ କରିଥିବା ସାମ୍ବାଦିକ ସମ୍ମିଳନୀରେ ଏଡେଇ ଦେଇଛନ୍ତି। ଭୁବନେଶ୍ୱରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ଅନୁରୂପ ଚିତ୍ର ଦେଖିବାକୁ ମିଳିଛି। "ପ୍ରକଳ୍ପକୁ ରେଳବାଇ ବୋର୍ଡର ମଞ୍ଜୁରୀ ମିଳିଛି ଓ ଏହା ସରକାରୀ-ବେସରକାରୀ ଭାଗିଦାରୀ ବ୍ୟବସ୍ଥାରେ କାର୍ଯ୍ୟକାରୀ ହେବ' ବୋଲି ଉପରଠାଉରିଆ ବିବୃତ୍ତି ବ୍ୟତୀତ ଅନ୍ୟ କିଛି ସ୍ୱଷ୍ଟ ଘୋଷଣା ପ୍ରକାଶ ପାଇନାହିଁ। କେନ୍ଦ୍ର ସରକାରଙ୍କର ଏହି ଆଭିମୁଖ୍ୟକୁ ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତି ଦୃଢ଼ ନିନ୍ଦା କରୁଛି। ଏଠାରେ ପ୍ରଶ୍ନ ଉଠେ, ଯଦି ସରକାରୀ-ବେସରକାରୀ ଭାଗିଦାରୀ ବ୍ୟବସ୍ଥାରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ, ତେବେ ସରକାର କେଉଁ ମାତ୍ରାରେ ଭାଗିଦାର ହେବେ, ତାହା ବଜେଟରେ ଓ ରେଳ ମନ୍ତ୍ରୀଙ୍କ ବକ୍ତବ୍ୟରେ ସ୍ପଷ୍ଟ ହେବା ଆବଶ୍ୟକ ଥିଲା। ଜନସାଧାରଣଙ୍କ ଆବେଗ ପ୍ରତି ସମ୍ବେଦନଶୀଳ ନହୋଇ, ଏକ ରେଳ ପ୍ରକଳ୍ପର ଯୁକ୍ତିଯୁକ୍ତ ଦାବି ପ୍ରତି ଅବଜ୍ଞା ପ୍ରକାଶ କରାଗଲେ, ତାକୁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାବାସୀ ବରଦାସ୍ତ କରିବେ ନାହିଁ। ରେଳ ବଜେଟର ଏହି ପ୍ରତାରଣାର ପ୍ରତିବାଦ ପାଇଁ ତୁରନ୍ତ ସଂଗ୍ରାମ ସମିତିର ବୈଠକ ଅନୁଷ୍ଠିତ ହୋଇ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ଘୋଷଣା କରାଯିବ।

ସମ୍ପାଦକୀୟ

କୌଣସି ବାହ୍ୟ ତତ୍ତ୍ୱ ଆମ ଆନ୍ତରାତ୍ମାକୁ ଶାସନ କରିପାରିବ ନାହିଁ।
ଏହି ସତ୍ୟ ଜାଣିଯିବା ପରେ ଯାଇ ଆମେ ପୂର୍ଣ୍ଣ ସ୍ୱାଧୀନ ବୋଲି ଘୋଷଣା କରିପାରିବା।
-ଗୌତମ ବୁଦ୍ଧ

ସକାଳ
THE SAKALA

ଆର୍ଥିକ ସଂକଟ ପ୍ରତିଫଳିତ

ପ୍ରତିକୂଳ ଭୂ-ରାଜନୈତିକ ସ୍ଥିତିର ପ୍ରଭାବ ଭାରତୀୟ ଅର୍ଥନୀତିରେ ଯେ ଅନୁଭୂତ ହୋଇଛି ତାହା ଚଳିତ ବଜେଟ୍ ବ୍ୟବସ୍ଥା ପରୋକ୍ଷରେ ସ୍ପଷ୍ଟ କରିଛି। ପରିବର୍ତ୍ତିତ ଦୃଶ୍ୟପଟ୍ଟକୁ ସୁଧାରିବା ସକାଶେ ଯେଉଁ ଉତ୍ସାହ ସୃଷ୍ଟିକାରୀ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ତାହାକୁ ଗତି ଦେବା ପାଇଁ ବଜେଟରେ ସ୍ୱତନ୍ତ୍ର ପ୍ରୟାସ କରାଯାଇଛି। ତାହାର ସୁଦୂରପ୍ରସାରୀ ପ୍ରଭାବ ତ୍ୱରିତ ଅନୁଭବ ନହେଲେ ମଧ୍ୟ ସମୟ ହିଁ ନିର୍ଦ୍ଧାରଣ କରିବ ଲକ୍ଷ୍ୟ ଓ ଉଦ୍ଦେଶ୍ୟର ସଫଳତା। ଏକଥା ସତ ଯେ ବଜେଟରୁ ଲାଭାନ୍ୱିତ ହେବା ସକାଶେ ଆଶା କରିଥିବା ବର୍ଗ ନିରାଶ ହୋଇଛନ୍ତି। କିଛି ବଡ଼ ସଫଳତା ହାସଲ ପାଇଁ କିଛି ତ୍ୟାଗ କରିବାର ସମୟ ଏବେ ଉପସ୍ଥିତ। ଏହା ହିଁ ହେଉଛି ଚଳିତ ବଜେଟର ନିର୍ଯାସ।

ସମୟର କଷଟି ପଥରେ ସରକାର ଯେଉଁ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ତାହାକୁ ଦୃଷ୍ଟିରେ ରଖି ବିନିର୍ମାଣ, ଏମ୍ଏସ୍ଏମ୍ଇ, ନୂତନ ପ୍ରଯୁକ୍ତି ବିଦ୍ୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଭାରତକୁ ବିଶ୍ୱସ୍ତରୀୟ ସେମିକଣ୍ଡକର ହବ୍‌ରେ ପରିଣତ କରିବା ସହ ଇଲେକ୍ଟ୍ରୋନିକ୍ ଉତ୍ପାଦନ ବୃଦ୍ଧିକୁ ବଜେଟ ବ୍ୟବସ୍ଥାରେ ପ୍ରାଧାନ୍ୟ ଦିଆଯାଇଛି। ସେଥିମଧ୍ୟରୁ ୪୦,୦୦୦ କୋଟିରେ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଓ ଏସଏମଇ ପାଇଁ ୧୦,୦୦୦ କୋଟି ଟଙ୍କା ବରାଦ କରାଯାଇଛି। ଏକ୍ଷେତ୍ରରେ ବିରଳ ମୃତ୍ତିକାର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ସ୍ୱତନ୍ତ୍ର କରିଡର ସ୍ଥାପନ କରାଯିବ। କଣ୍ଟେନର ଉତ୍ପାଦନ ବୃଦ୍ଧି ସକାଶେ ୧୦ ହଜାର କୋଟି ବ୍ୟୟବରାଦ ସହ ବାୟୋଫାର୍ମା କ୍ଷେତ୍ରରେ ଘରୋଇ ଉତ୍ପାଦନକୁ ପ୍ରାଧାନ୍ୟ ପ୍ରଦାନରୁ ସ୍ପଷ୍ଟ ଅନୁମେୟ ଯେ ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପ୍ରତି ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି।

ପ୍ରସ୍ତାବିତ ବଜେଟ ବ୍ୟବସ୍ଥାରେ ଆୟ ବ୍ୟୟ ହିସାବ ଏକ ଗତାନୁଗତିକ ହେଲେ ମଧ୍ୟ ସରକାର ସମ୍ମୁଖୀନ ହେଉଥିବା ଆର୍ଥିକ ସଂକଟର ଚିତ୍ର ଦେଶବାସୀ ଅବଗତ ହେବା ଜରୁରୀ। ବଜେଟର ମୋଟାମୋଟି ଆକାର ୫୩ ଲକ୍ଷ ୪୭ ହଜାର ୩୧୫ କୋଟି ଟଙ୍କା। ସେଥିମଧ୍ୟରୁ ରାଜସ୍ୱ ଆୟ ୩୫ ଲକ୍ଷ ୩୩ ହଜାର ୧୫୦ କୋଟି ଟଙ୍କା ଏବଂ ବିତ୍ତୀୟ ନିଅଣ୍ଟ ପରିମାଣ ହେବ ୧୬ ଲକ୍ଷ ୯୫ ହଜାର ୭୬୮ କୋଟି ଟଙ୍କା। ଏସବୁ ସତ୍ତ୍ୱେ ଅର୍ଥନୀତିକୁ ଗତି ଦେବା ସକାଶେ ୧୮୭ ବିଲିୟନ ଡଲାର ଋଣ କରିବେ ସରକାର। ସରକାରଙ୍କୁ ଋଣ ଏବଂ ସୁଧମୂଳ ଶୁଝିବାରେ ଆୟର ଯଥାକ୍ରମେ ୨୪ ଓ ୨୨ ପ୍ରତିଶତ ବ୍ୟୟ କରିବାକୁ ପଡ଼ିବ। ଇପିଏଫଓ କ୍ଷେତ୍ରରେ ସର୍ବନିମ୍ନ ପେନସନ ଧାର୍ଯ୍ୟ କରିବା ଭଳି ନିଷ୍ପତ୍ତିକୁ ଶେଷ ମୁହୂର୍ତ୍ତରେ ସରକାର ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି। ସେହିଭଳି ଆୟକର ସୀମା ମଧ୍ୟ ପରିବର୍ତ୍ତିତ ରହିଛି। ଏପ୍ରିଲ ମାସରୁ ନୂଆ ଆୟକର ନିୟମ ଲାଗୁ ହୋଇଥିବା ବେଳେ ରିଟର୍ଣ୍ଣ ଦାଖଲ ଅବଧି ମଧ୍ୟ ବଢ଼ିଛି। ଏକ୍ଷେତ୍ରରେ କେବଳ ମିଳିବାକୁ ଥିବା ରିହାତି ହେଉଛି ବିଦେଶରେ ଶିକ୍ଷା ଓ ମେଡିକାଲ କ୍ଷେତ୍ରରେ ଟିସିଏସ ୫ ରୁ ୨ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ମୋଟର ଦୁର୍ଘଟଣା ବାବଦ ସୁଧ ଉପରେ ଲାଗୁ ହେବନି ଆୟକର।

ଚଳିତ ବଜେଟରେ ଅର୍ଥ ଆୟୋଗଙ୍କ ସୁପାରିସ, କେନ୍ଦ୍ରୀୟ ଅନୁଦାନ ଓ ସ୍ୱତନ୍ତ୍ର ଯୋଜନା ବାବଦରେ ଓଡ଼ିଶାକୁ ପ୍ରାୟ ୧.୨୦ ଲକ୍ଷ କୋଟି ଟଙ୍କା ମିଳିବ ବୋଲି ଅନୁମାନ କରାଯାଉଛି। ପୂର୍ବବର୍ଷ ତୁଳନା ଓଡ଼ିଶା ଅଧିକ ୧୪ ହଜାର କୋଟି ଟଙ୍କା ଏ ବାବଦରେ ପାଇବ। ସାମଗ୍ରିକ ଭାବେ ବିଚାର କଲେ, ରାଜ୍ୟଗୁଡ଼ିକୁ ଆନୁଷଙ୍ଗିକ ଓ ସୁପାରିସ କ୍ରମେ ମିଳିବାକୁ ଥିବା କେନ୍ଦ୍ରୀୟ ଅନୁଦାନ ରାଶି ହ୍ରାସ ପାଇଛି। ତେଣୁ ସାମାଜିକ କ୍ଷେତ୍ରରେ ବିନିଯୋଗ ହ୍ରାସ ପାଇବ। କେନ୍ଦ୍ରୀୟ ବଜେଟରେ ରେଳବାଇ ପାଇଁ ଏବର୍ଷ ଅଧିକ ୪୧ ହଜାର କୋଟି ଟଙ୍କା ମିଳିଛି। ବଜେଟ ବ୍ୟବସ୍ଥା ଶିଳ୍ପବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ମାଲ ପରିବହନକୁ ଅଧିକ ଦ୍ରୁତ, ଶସ୍ତା ଓ ଦକ୍ଷ କରାଯିବ। ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହ ସଂଯୋଗ କରିବା ସକାଶେ ନୂତନ ମାଲ ପରିବହନ କରିଡର ପ୍ରତିଷ୍ଠା ପ୍ରସ୍ତାବ ରହିଛି। ପ୍ରମୁଖ ସହରାଞ୍ଚଳ ଓ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ୭ଟି ହାଇସ୍ପିଡ୍ କରିଡର ବିକାଶ ପ୍ରସ୍ତାବ ରହିଛି। ଯାତ୍ରା ସମୟ ହ୍ରାସ, ନିର୍ଗମନକୁ ରୋକିବା ଓ ଆଞ୍ଚଳିକ ବିକାଶ ପ୍ରକ୍ରିୟାକୁ ଏହା ତ୍ୱରାନ୍ୱିତ କରିବ। ଏହି ରେଳ କରିଡର ଆର୍ଥିକ କ୍ଷେତ୍ର, ପ୍ରଯୁକ୍ତି ବିଦ୍ୟା ଓ ଉତ୍ପାଦନ ମଧ୍ୟରେ ସଂଯୋଗ ସ୍ଥାପନର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। କିନ୍ତୁ ଓଡ଼ିଶା ଏହି ବ୍ୟବସ୍ଥାର ଅଂଶୀଦାର ହେଉଥିବାର ସୂଚନା ମିଳିନାହିଁ।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା କେତେକ ନିଷ୍ପତ୍ତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଦେଶରେ ତିନିଟି ନୂଆ ଏମସ ପ୍ରତିଷ୍ଠା ଓ ଡାକ୍ତରୀ ଶିକ୍ଷା ସଂପ୍ରସାରଣକୁ ଗୁରୁତ୍ୱ ଦିଆଯାଇଛି। କର୍କଟ ଚିକିତ୍ସାରେ ବ୍ୟବହୃତ ୧୭ଟି ଗୁରୁତ୍ୱପୂର୍ଣ୍ଣ ଔଷଧ ଉପରୁ ସୀମାଶୁଳ୍କ ଛାଡ଼ କରାଯାଇଛି। ଅନୁରୂପ ନିଷ୍ପତ୍ତି ହେମୋଫିଲିଆ ସିକିଲସେଲ ଓ ମସ୍କୁଲାର ଡିଷ୍ଟ୍ରଫି ଭଳି ରୋଗରେ ବ୍ୟବହୃତ ୭ଟି ଔଷଧ କ୍ଷେତ୍ରରେ ମଧ୍ୟ ଗ୍ରହଣ କରାଯାଥିବା ଅନୁରୂପ ପଦକ୍ଷେପ ଆଶ୍ୱସ୍ତି ସୃଷ୍ଟି କରିଛି। ବୈଶ୍ୱିକ ବାୟୋଫାର୍ମ ହବ ପ୍ରତିଷ୍ଠା ଓ ସ୍ୱାସ୍ଥ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହନକୁ ମଧ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି।

କୃତ୍ରିମ ବୁଦ୍ଧିମତ୍ତାରେ ଚାଷୀଙ୍କୁ ଯୋଡ଼ିବାରେ ପ୍ରୟାସ ହୋଇଛି। ଏହା ମତ୍ସ୍ୟଚାଷୀ, ନଡ଼ିଆ, କାଜୁ ଓ କୋକୋ ଚାଷୀଙ୍କ ଆୟ ବଢ଼ାଇବାରେ ସହାୟକ ହେବ। କୃଷି କ୍ଷେତ୍ର ପାଇଁ ବଜେଟରେ ୧,୬୨,୭୬୧ କୋଟି ଟଙ୍କା ବରାଦ କରାଯାଇଛି। ମନରେଗା ବଦଳରେ ସରକାର ଜିରାମଜି କାର୍ଯ୍ୟକ୍ରମ ରୂପାୟନ ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ମହାତ୍ମାଗାନ୍ଧୀଙ୍କ ନାମ ଯୋଜନାରୁ ବାଦ ଦିଆଯାଇଥିବାରୁ ସୃଷ୍ଟି ଅସନ୍ତୋଷ ଦୂର କରିବା ଲକ୍ଷ୍ୟରେ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ନାମରେ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ। ସେହିଭଳି ନିଯୁକ୍ତି କ୍ଷେତ୍ରକୁ ସଂପ୍ରସାରଣ କରିବା ଏବଂ ରପ୍ତାନି ବାଣିଜ୍ୟକୁ ଗତି ଦେବା ପାଇଁ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରାଯିବ।

ରବିବାରକୁ ଏକ କର୍ମ ଦିବସ ଭାବରେ ନୂଆ ପରମ୍ପରା ସୃଷ୍ଟି ପାଇଁ ଫେବୃଆରୀ ପହିଲାରେ ବଜେଟ ଆଗତ, ପୁଞ୍ଜିବଜାର ଖୋଲା ରହିବା ଏବଂ ଚଳଚଞ୍ଚଳ ସରକାରୀ କାର୍ଯ୍ୟକଳକୁ ଏକ ନୂଆଦିଗ ରୂପେ ଗ୍ରହଣ କରାଯାପାରେ। ସାଧାରଣତଃ ବଜେଟର ଭଲମନ୍ଦ ପ୍ରଭାବ ପୁଞ୍ଜି କାରବାରରୁ ଆକଳନ କରାଯାଇଥାଏ। ସେନସେକ୍ସ ୧୮୪୩ ପଏଣ୍ଟ ଓ ନିଫ୍ଟି ୫୯୩.୪୫ ପଏଣ୍ଟ ହ୍ରାସ ଘଟିଛି। ବଜେଟ ଆଗତର ଏହି ଦୃଶ୍ୟପଟ୍ଟ ସମସ୍ତଙ୍କୁ ଚମକାଇ ଦେଇଛି। ସରକାରଙ୍କ ରାଜସ୍ୱ ଆୟର ପ୍ରମୁଖ ଅଙ୍ଗ ମଧ୍ୟମ ବର୍ଗ ଏଥର ମଧ୍ୟ ବଜେଟରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି।

ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତିବିକାଶ

ବିଦ୍ୟାଧର ମହାରଣା

ଦୈନନ୍ଦିନ ଜୀବନରେ ଆମେ ବିଭିନ୍ନ ପ୍ରକାରର ଶକ୍ତି ବ୍ୟବହାର କରୁ। ଏହି ଶକ୍ତିଗୁଡ଼ିକ ଦୁଇ ପ୍ରକାରର। କ୍ଷୟ ଶକ୍ତି ଓ ଅକ୍ଷୟ ଶକ୍ତି। ଆମେ ରୋଷେଇ, ପରିବହନ ଓ କଳକାରଖାନା ଚଳାଇବା ପାଇଁ ଯେଉଁ ଶକ୍ତି ବ୍ୟବହାର କରୁ ତାହା ସାଧାରଣତଃ ଜୀବାଶ୍ମ ଇନ୍ଧନ(ପେଟ୍ରୋଲିୟମ୍, କୋଇଲା, ପ୍ରାକୃତିକ ଗ୍ୟାସ୍) ବା କ୍ଷୟଶକ୍ତି। ଏଗୁଡ଼ିକ ନବୀକରଣ ଅଯୋଗ୍ୟ। ଅର୍ଥାତ୍ ସରିଗଲେ ପୁନଃଭରଣ ହୋଇପାରେ ନାହିଁ। ସେଥିରୁ ବାୟୁମଣ୍ଡଳକୁ କ୍ରମାଗତ ସବୁଜ ଗୃହ ବାଷ୍ପ ନିର୍ଗତ ହେବା ଯୋଗୁଁ ଜଳବାୟୁ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣ ହେଉଛି। ଏହାର କୁପ୍ରଭାବ ଆମର ସ୍ୱାସ୍ଥ୍ୟ ଉପରେ ପରିଲକ୍ଷିତ ହେଉଛି। ଏତଦ୍‌ବ୍ୟତୀତ ବାହାର ଦେଶରୁ ଆମକୁ ଖଣିଜ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଆମଦାନୀ କରିବାକୁ ହେଉଛି, ଯାହାଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେଉଛି। ଅପରପକ୍ଷରେ ସୌର, ପବନ ଓ ଜଳରୁ ଉତ୍ପନ୍ନ ଶକ୍ତି ହେଉଛି ନବୀକରଣ ଯୋଗ୍ୟ ଶକ୍ତି। ଜଳବାୟୁ ପରିବର୍ତ୍ତନର ପ୍ରତିକାର ସ୍ୱରୂପ ଏହି ଶସ୍ତା ଓ ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାର କରାଯାଇପାରେ। ଏହାଛଡ଼ା ପରମାଣୁ ଶକ୍ତି ମଧ୍ୟ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପ୍ରସ୍ତୁତ କରି ବ୍ୟବହାର କରାଯାଉଛି।

ଦେଶର ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ, ଅନୁପମ ଭୌଗୋଳିକ ସ୍ଥିତି ଓ ବିସ୍ତୀର୍ଣ୍ଣ ବେଳାଭୂମି ରାଜ୍ୟରେ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ଓଡ଼ିଶା ସ୍ୱଚ୍ଛଶକ୍ତି ବିକାଶ ପାଇଁ ୨୦୪୭ ସୁଦ୍ଧା ୭୦% ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖିଛି। ଏପରି ଶକ୍ତିଗୁଡ଼ିକ ହେଲା ସୌର ଶକ୍ତି, ପବନ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଇତ୍ୟାଦି। ୨୦୨୨ ମସିହାରେ ପ୍ରଣୀତ ନବୀକରଣ ଯୋଗ୍ୟ ଶକ୍ତିନୀତି ଅନୁସାରେ ସୌର ଓ ପବନଶକ୍ତି ଏବଂ ସବୁଜ ହାଇଡ୍ରୋଜେନ୍ କରିଡର ନିର୍ମାଣ ପାଇଁ ରାଜ୍ୟ ଆଗଭର ହେଲାଣି। ଏଥିପାଇଁ ବହୁ କମ୍ପାନୀ ପୁଞ୍ଜିନିବେଶ କରିବାକୁ ଇଚ୍ଛା ପ୍ରକାଶ କଲେଣି। ୨୦୩୦ ସୁଦ୍ଧା ୧୧ ଗିଗାୱାଟ ସବୁଜ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି।

ରାଜ୍ୟରେ ପ୍ରାୟ ୩୦୦ ଦିନ ସୂର୍ଯ୍ୟ ଦେଖାଯାଏ। ପ୍ରଶସ୍ତ ଖୋଲା ଜାଗା ଓ ସହରାଞ୍ଚଳରେ ଛାତ ଉପରେ ସୋଲାର ପ୍ୟାନେଲ ବ୍ୟବହାର କରି ସୌରଶକ୍ତି ଉତ୍ପାଦନ କରିବାର ଅପୂର୍ବ ସୁଯୋଗ ରହିଛି, ଯାହାକୁ ଆମେ ହାତଛଡ଼ା କରିବା ଉଚିତ ନୁହେଁ। ସୌର ପ୍ୟାନେଲରୁ ମିଳୁଥିବା ଡି.ସି ସପ୍ଲାଇକୁ ୨୩୦ ଭୋଲଟ ଏସି ସପ୍ଲାଇରେ ଇନ୍‌ଭର୍ଟର ଦ୍ୱାରା ରୂପାନ୍ତରିତ କରି ଆମେ ଘରେ ବ୍ୟବହାର କରିପାରିବା। ଏପରି ପ୍ରକଳ୍ପ ପାଇଁ କିଲୋୱାଟ୍ ପ୍ରତି ୫୦୦୦୦-୬୦୦୦୦ ଟଙ୍କା ଖର୍ଚ୍ଚ ପଡ଼ିପାରେ। ଏହି ଖର୍ଚ୍ଚ ୩-୪ ବର୍ଷରେ ଉପଭୋକ୍ତା ଫେରି ପାଇପାରନ୍ତି। ଆମେ ଯଦି ଦୁଇ କିଲୋୱାଟ୍ ପାଇଁ ପ୍ୟାନେଲ ବସାଇବା ତେବେ ଖର୍ଚ୍ଚ ପ୍ରାୟ ୧ ଲକ୍ଷ ଟଙ୍କା ଏବଂ ଏଥିରେ ୯୦% ରିହାତି ବ୍ୟବସ୍ଥା ରହିଛି। ସୌରଶକ୍ତି ବିଦ୍ୟୁତ ୟୁନିଟ୍ ପ୍ରତି ୨.୫୦ ଟଙ୍କାକୁ ହ୍ରାସ ପାଇଛି। ଏବେ ସରକାରୀ ପ୍ରୋତ୍ସାହନରେ ରାଜ୍ୟରେ ସୌରଶକ୍ତି ଉତ୍ପାଦନ ଓ ସୋଲାର ପମ୍ପ ବ୍ୟବହାର ଆରମ୍ଭ ହୋଇଗଲାଣି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ସୋଲାର ପ୍ୟାନେଲ ଦ୍ୱାରା ସୌରଶକ୍ତି ଉତ୍ପନ୍ନ କରିବା ପାଇଁ ସହାୟତା ମିଳିପାରୁଛି।

ଓଡ଼ିଶାର ଉପକୂଳ ବେଳାଭୂମି ୪୮୦ କିଲୋମିଟରରୁ ଅଧିକ ବ୍ୟାପ୍ତ। ଅନୁକୂଳ ପବନର ଗତି ଯୋଗୁଁ ପବନଚାଳିତ କଳ ମାଧ୍ୟମରେ ପୁରୀ, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ବହୁ ଅକ୍ଷୟଶକ୍ତି ଉତ୍ପାଦନ କରାଯାଇ ପାରିବ। ଭାରତରେ ତାମିଲନାଡୁ, କର୍ଣ୍ଣାଟକ, ଗୁଜରାଟ ଓ ରାଜସ୍ଥାନରେ ପବନ ଶକ୍ତି ପ୍ରକଳ୍ପ ସଫଳତାର ସହିତ କାର୍ଯ୍ୟ କରୁଛି। ପବନ ଶକ୍ତିରୁ ଟରବାଇନ୍ ଦ୍ୱାରା ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୁଏ। ୨୫ ରୁ ୮୦ ମିଟର ଟାୱାର ସହିତ ଟରବାଇନ୍, ଜେନେରେଟର ଇତ୍ୟାଦି ବାବଦରେ ପ୍ରକଳ୍ପ ଖର୍ଚ୍ଚ ୪.୫ ରୁ ୬.୮୫ କୋଟି ଟଙ୍କା ହୋଇପାରେ। ଏହି ପ୍ରକଳ୍ପ ସ୍ଥାନରେ ପବନର ଗତି ସେକେଣ୍ଡ ପ୍ରତି ୧୨-୧୫ ମିଟର ହେବା ଆବଶ୍ୟକ। ରୋଟରଗୁଡ଼ିକର ବ୍ୟାସ ୩୦-୯୦ ମିଟର ହୋଇଥାଏ। ଏକ ମେଗାୱାଟ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପାଇଁ ପ୍ରାୟ ୫ ଏକର ଜାଗା ଆବଶ୍ୟକ। ଟାଟା ପାୱାର ଓ ରେନ୍ୟୁ ପାୱାର କମ୍ପାନୀ ଏପରି ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହି ଶକ୍ତି ସୁସ୍ଥାୟୀ ଓ ନବୀକରଣ ଯୋଗ୍ୟ। ଗୋଟିଏ ୟୁନିଟ୍ ଅନ୍ତତଃ ୨୨୫ କିଲୋୱାଟ୍ ରୁ ୨ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିପାରେ।

ଓଡ଼ିଶାରେ ବିଭିନ୍ନ ଫସଲର ଅବଶେଷଗୁଡ଼ିକରୁ ବାୟୋଡିଜେଲ କିମ୍ବା ବାୟୋଇଥାନଲ ପ୍ରସ୍ତୁତ ହୋଇପାରିବ। ମକା ଓ ଆଖୁ ଛେଦାରୁ ଏପ୍ରକାରର ବାୟୋଶକ୍ତି ଉତ୍ପାଦନ କରାଯାଇ ପାରିବ। ଦୈନିକ ୩୦ କିଲୋ ଲିଟର ଉତ୍ପାଦନ ପାଇଁ ୬୦ କୋଟି ଟଙ୍କା ଏବଂ ୧୨୦-୧୫୦ କିଲୋ ଲିଟର ଉତ୍ପାଦନ ପାଇଁ ୧୨୦-୧୫୦ କୋଟି ଟଙ୍କା ବ୍ୟୟ ହୋଇପାରେ। ରାଜ୍ୟର ବରଗଡ଼ଠାରେ ଏପରି ଏକ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ଏହା ସରକାରୀ ସ୍ତରରେ କରାଯିବ। ଫଳରେ ଚାଷୀମାନେ ଫସଲ ଅବଶେଷ ପୋଡ଼ିବା ପାଇଁ ମନ ବଳାଇବେ ନାହିଁ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ଛୋଟବଡ଼ ନଦୀଜଳକୁ ଶକ୍ତିରେ ପରିଣତ କରିବା ପାଇଁ ଛୋଟ ଛୋଟ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରାଯାଇ ପାରିବ। ୨୫ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରୁଥିବା ପ୍ରକଳ୍ପ ପାଇଁ ମେଗାୱାଟ୍ ପ୍ରତି ୧୦-୧୫ କୋଟି ଟଙ୍କା ଖର୍ଚ୍ଚ ପଡ଼ିପାରେ। ଏଗୁଡ଼ିକ ସରକାରୀ ସ୍ତରରେ କାର୍ଯ୍ୟକାରୀ ହେବା ଆବଶ୍ୟକ।

ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ବା ବାୟୋ ଗ୍ୟାସ୍ ପ୍ଲାଣ୍ଟ ବହୁ ଜାଗାରେ ସଫଳତାର ସହ କାର୍ଯ୍ୟ କରୁଛି। ଏଥିପାଇଁ ଖଦୀ ବୋର୍ଡ, ଓରେଡା ଓ ମନରେଗା ଯୋଜନାରେ ସହାୟତା ମିଳୁଥିଲା। ୩-୪ ଗାଈ ଥିଲେ ତାଙ୍କର ଗୋବର ବ୍ୟବହାର କରି ଆମେ ଦୈନିକ ଦୁଇ ଘନମିଟର ବାୟୋଗ୍ୟାସ୍ ପାଇପାରିବା, ଯାହାକି ଗୋଟିଏ ପରିବାର ପାଇଁ ଯଥେଷ୍ଟ। ଏଥିରେ ଆମେ ରୋଷେଇ ସହିତ ଆଲୁଅ ଜାଳିପାରିବା। ପୋର୍ଟେବଲ ବାୟୋଗ୍ୟାସ୍ ୟୁନିଟ୍ ପ୍ରତି ୩୦୦୦୦-୫୫୦୦୦ ଟଙ୍କା ଓ କଂକ୍ରିଟ୍ ପ୍ଲାଣ୍ଟ ପାଇଁ ପ୍ରାୟ ୪୧୦୦୦ ଟଙ୍କା ବ୍ୟୟ ହେବ। ଦୁଇ ଘନ ମିଟର ବାୟୋଗ୍ୟାସ୍ ଆମର ୨୬ କିଲୋଗ୍ରାମ ଏଲ୍‌ପିଜି ଗ୍ୟାସ୍ କିମ୍ବା ୩୭ ଲିଟର କିରୋସିନି କିମ୍ବା ୮୮ କିଲୋଗ୍ରାମ କୋଇଲା ବା ୨୧୦ କିଲୋଗ୍ରାମ ଜାଳେଣି କାଠ ସଞ୍ଚୟ କରିବ। ଏହାଦ୍ୱାରା ପରିବେଶ ପ୍ରଦୂଷଣମୁକ୍ତ ରହିବ। ସାଧାରଣତଃ ବାୟୋଗ୍ୟାସ ହେଉଛି ମିଥେନ, ଯାହାକି ବାୟୁମଣ୍ଡଳକୁ ତ୍ୟାଗ କଲେ ଜଳବାୟୁ ପରିବର୍ତ୍ତନର କାରଣ ହୋଇଥାଏ। ଏହି ଗ୍ୟାସକୁ ଆମେ ସଂଗ୍ରହ କରି ଜାଳେଣି ଓ ଆଲୋକ ପାଇଁ ବ୍ୟବହାର କରିପାରିବା। ଗ୍ରାମାଞ୍ଚଳରେ ପାରିବାରିକ ସ୍ତରରେ ଶକ୍ତି ସଞ୍ଚୟ ସହିତ ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାର ପାଇଁ ଅପୂର୍ବ ସୁଯୋଗ ରହିଛି। ସୋଲାର କୁକର, ଶୂନ୍ୟ ଶକ୍ତି ଶୀତଳ କୋଠରି, ଧୂମ ହୀନ ଚୁଲା, ପ୍ରିୟାଗ୍ନି ଚୁଲା, ସବଜି କୁଲର ଇତ୍ୟାଦି ବ୍ୟବହାର କଲେ ଆମେ ଶକ୍ତିସଞ୍ଚୟ ସହିତ ପରିବେଶକୁ ପ୍ରଦୂଷଣ ମୁକ୍ତ କରିପାରିବା।

ଓଡ଼ିଶାର ନବୀକରଣ ଯୋଗ୍ୟ ଶକ୍ତି ବିକାଶ ପାଇଁ ସ୍ୱତନ୍ତ୍ର ଭିଜନ୍ ପ୍ରସ୍ତୁତ କରାଯାଇଛି। ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ ଜୋନ ଗଠନ କରି ବୃହତ୍ ପ୍ରକଳ୍ପ ସ୍ଥାପନ କରିପାରିଲେ ଏହା କର୍ମନିଯୁକ୍ତି ସୃଷ୍ଟି କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଅର୍ଥନୈତିକ ବିକାଶ କରିବ। ବିଭିନ୍ନ କମ୍ପାନୀ ଏଥିପାଇଁ ସହାୟତାର ହାତ ବଢ଼ାଇଲେ ସେମାନଙ୍କ ପାଇଁ ରିହାତି ଓ ପ୍ରୋତ୍ସାହନ ସହିତ ଟିକସଛାଡ଼ ବ୍ୟବସ୍ଥା କରାଯାଇପାରେ। ସମ୍ମିଳିତ ଉଦ୍ୟମରେ ଏପରି ଏକ ବିକାଶ ଲକ୍ଷ୍ୟ ହାସଲ ହେବା ଆଶା କରାଯାଏ। ଏପରି କାର୍ଯ୍ୟପନ୍ଥା ସଫଳ ହେଲେ ଏହା ପରିବେଶ ସୁରକ୍ଷା ଓ ଆର୍ଥିକ ବିକାଶ ପାଇଁ ସହାୟକ ହେବ। ନବୀକରଣ ଶକ୍ତି ବିକାଶ କ୍ଷେତ୍ରରେ ରାଜ୍ୟର ଉଦ୍ୟମ ପ୍ରଶଂସନୀୟ। ସବୁଜ ଶକ୍ତିର ବିକାଶ ପାଇଁ ରାଜ୍ୟସରକାର ଆବଶ୍ୟକ ପୁଞ୍ଜିନିବେଶ କରିପାରିଲେ ଏହା ସଫଳତା ପାଇଁ ବାଟ କଢ଼ାଇବ।

ଏପରି ସମ୍ଭାବନା ଥାଇ ମଧ୍ୟ ଆମ ରାଜ୍ୟରେ କେତେକ ସମସ୍ୟା ରହିଛି। ଆବଶ୍ୟକ ଭିତ୍ତିଭୂମିର ଅଭାବ, ଭୂଅର୍ଜନ, ଆଧୁନିକ ଜ୍ଞାନକୌଶଳ ଏବଂ କୁଶଳୀ ମାନବ ସମ୍ବଳ କେତେକ ମାତ୍ରାରେ ସମସ୍ୟା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ସରକାରୀ, ବେସରକାରୀ, କମ୍ପାନୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତା ନିଶ୍ଚିତଭାବେ ଆବଶ୍ୟକ। ଏହା ସହିତ ଶକ୍ତି ସଞ୍ଚୟ ପାଇଁ ଜନସାଧାରଣ ଉଦ୍ୟମ କରିବା ଆବଶ୍ୟକ। ଘରେ ଏଲ୍‌ଇଡି ବ୍ୟବହାର କରିବା, ଅଳ୍ପ ରାସ୍ତା ପାଇଁ ଚାଲିବା ବା ସାଇକେଲ ବ୍ୟବହାର କରିବା ଏବଂ ଦୂର ଜାଗାକୁ ସର୍ବସାଧାରଣ ପରିବହନ ବ୍ୟବହାର କରିବା ଇତ୍ୟାଦି ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ଭବ। ଆମେ ଏଥିପ୍ରତି ଯତ୍ନଶୀଳ ନହେଲେ ଆଗାମୀ ଦିନରେ ଶକ୍ତି ସଙ୍କଟ ନିଶ୍ଚିତ ଦେଖାଯିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

ବାୟୁ ପ୍ରଦୂଷଣ ଓ ସିଗାରେଟ୍ ଧୂଆଁ

ଅଭିମନ୍ୟୁ ଧଳ

ଦେଶର ରାଜଧାନୀ ଦିଲ୍ଲୀ ଓ ରାଜ୍ୟର ରାଜଧାନୀ ଭୁବନେଶ୍ୱର ବାୟୁ ପ୍ରଦୂଷଣରେ ପ୍ରତିଯୋଗିତା କରିଚାଲିଛନ୍ତି। ସ୍ୱାସ୍ଥ୍ୟ ବିଜ୍ଞାନୀମାନେ କହିଲେଣି ଦିଲ୍ଲୀର ପରିବେଶ ଦୂଷିତ ହୋଇ ରହିଲେ ବ୍ୟକ୍ତିର ହାରାହାରି ଆୟୁଷ ୧୦ ବର୍ଷ କମିଯିବ। ଭୁବନେଶ୍ୱରରେ ରହୁଥିବା ଲୋକଙ୍କ ଅବସ୍ଥା ସେଇୟା ହେବାକୁ ଲାଗିଲାଣି। ଦିଲ୍ଲୀ ସୀମାକୁ ଲାଗି ପଞ୍ଜାବ ଓ ହରିୟାଣାର ଚାଷୀ ନଡ଼ା ପୋଡ଼ିବାରୁ ଏହାର ବାୟୁ ଅଧିକ ପ୍ରଦୂଷିତ ହେବାର ମୁଖ୍ୟ କାରଣ। କିନ୍ତୁ ଭୁବନେଶ୍ୱରରେ ସେଭଳି ଅବସ୍ଥା ନାହିଁ। ଏହାର ବାୟୁ ଦୂଷିତ ହେବାର ମୁଖ୍ୟ କାରଣ ଅଧିକ ଗାଡ଼ି ଚଳାଚଳ, ଗଳିକନ୍ଦି ରାସ୍ତାରୁ ଆରମ୍ଭକରି ଜାତୀୟ ରାଜପଥ ପର୍ଯ୍ୟନ୍ତ। ଗାଡ଼ିଟିଏ ଚାଲିଗଲେ ଧୂଳି କିପରି ଧୂଆଁ ଭଳି ଆଚ୍ଛାଦିତ ହୋଇଯାଉଛି ତାହା ମନ୍ତ୍ରୀ, ଅଧିକାରୀଙ୍କଠାରୁ ଦିନ ମଜୁରିଆଟି ମଧ୍ୟ ଜାଣିପାରୁଛି। ପାଦଚଲା ଲୋକେ ଏହିଭଳି ଯନ୍ତ୍ରଣା ଅଧିକ ଭୋଗୁଛନ୍ତି।

ଏବେ ଭୁବନେଶ୍ୱରରେ ବାୟୁମଣ୍ଡଳର ଯେଉଁ ଗୁଣବତ୍ତା ରହିଛି, ତାହା ଭୟଙ୍କର ଉଦାହରଣ ଧୂମପାନ ସହିତ ତୁଳନୀୟ। ଜଣେ ଦିନକୁ ୯ଟି ସିଗାରେଟ୍ ଟାଣିଲେ ତାଙ୍କ ଶ୍ୱାସନଳୀ, ଫୁସ୍‌ଫୁସ୍ ଓ ଶରୀର ଉପରେ ଯେତେ ପ୍ରତିକୂଳ ପ୍ରଭାବ ପଡ଼େ, ଏବେକାର ପ୍ରଦୂଷିତ ବାୟୁରେ ଏକ୍ୟୁଆଇ ଖରାପ ସ୍ତରରେ ରହିବା ଫଳରେ ସମ ଅନୁପାତରେ ପ୍ରତିକୂଳ ପ୍ରଭାବ ସ୍ୱାସ୍ଥ୍ୟ କ୍ଷେତ୍ରରେ ପଡ଼ିଥାଏ।

ବୈଜ୍ଞାନିକଙ୍କ ମତରେ, ଗୋଟିଏ ସିଗାରେଟ୍ ଟାଣିଲେ ବ୍ୟକ୍ତିର ୨୨ ମିନିଟ୍ ଆୟୁଷ କ୍ଷୟ ହୁଏ। ପ୍ରଦୂଷିତ ବାୟୁ ସେବନରେ ରାଜଧାନୀବାସୀଙ୍କର ଆୟୁଷ ପ୍ରତିଦିନ ୩ ଘଣ୍ଟାରେ ୧୮ ମିନିଟ୍ କ୍ଷୟ ହେଉଛି। ଯେଉଁ ଭାଇଭଉଣୀମାନେ ଅଭ୍ୟାସ କରି ସିଗାରେଟ୍ ଟାଣୁଛନ୍ତି, ସେମାନେ ସିଗାରେଟ୍ ପିଛା ୨୨ ମିନିଟ୍ ମିଶାଇ ଏଥିରେ ଯୋଗ କରି ଭାବନ୍ତୁ, ଏହି ଦୁର୍ଲଭ ମଣିଷ ଜୀବନକୁ ଆମେ ନିଜେ କିପରି ବିନାଶ କରିଚାଲିଛେ।

ଅନୁଗୁଳ, ଝାରସୁଗୁଡ଼ା, ରାଉରକେଲା, ତାଳଚେର ଆଦି ଅଞ୍ଚଳରେ ଏକ୍ୟୁଆଇ ହାର ମଧ୍ୟ ଭଲ ସ୍ଥିତିରେ ନାହିଁ। ବୈଜ୍ଞାନିକଙ୍କ ମତରେ ଏକ୍ୟୁଆଇ ପରିମାଣ ୧୫୦ରୁ ୩୦୦ ମଧ୍ୟରେ ରହିଲେ ଆଜ୍‌ମା ବୃଦ୍ଧି ପାଇବା ସହ ହୃଦ୍‌ରୋଗ, ଫୁସ୍‌ଫୁସ୍ ଓ ଶ୍ୱାସନଳୀ ଜନିତ ରୋଗ, ଆଲର୍ଜି ଆଦି ବଢ଼ିଥାଏ ଏବଂ ସାଧାରଣତଃ ଥଣ୍ଡାରୋଗରେ ଲୋକେ ସଂକ୍ରମିତ ହୋଇଥା'ନ୍ତି। ଏଭଳି ଏକ ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକୁଳିବା ପାଇଁ 'ଭାସିଗଲା ବେଳେ କୁଟାଖିଅକୁ ଭରସା' କରିବା ପରି ଶୀତଦିନେ ଘରେ ଅଧିକ ସମୟ ରହିବା, ବାହାରକୁ ଗଲେ ଏନ୍-୯୫ ମାସ୍କ ପିନ୍ଧିବା, ଘରେ ଏୟାର୍ ଫିଲଟର୍ କାର୍ ଫିଲଟର୍ ଆଦି ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ପରାମର୍ଶ ଦେଉଛନ୍ତି। ସମନ୍ୱିତ ବାୟୁସେବନ କରୋନା ମହାମାରୀଠାରୁ କମ୍ ନୁହେଁ। ଏଥିରେ ଭାରତରେ ବର୍ଷକୁ ହାରାହାରି ଦେଢ଼ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି ଏବଂ ଲକ୍ଷ ଲକ୍ଷ ଲୋକ ରୋଗ ଯନ୍ତ୍ରଣା ଭୋଗୁଛନ୍ତି। ଆବାଳବୃଦ୍ଧବନିତା ଏଥିରେ ପୀଡ଼ିତ ଓ ପୀଡ଼ିତା।

ଭୁବନେଶ୍ୱରରେ ଯେତିକି ଚାରିଚକିଆ ଗାଡ଼ି ତା'ର ହିସାବ ନାହିଁ ଏବଂ ଏଗୁଡ଼ିକ ପାର୍କିଂ ରଖିବା ପାଇଁ ସ୍ଥାନ ନାହିଁ। ରାଜଧାନୀର ପ୍ରତ୍ୟେକ ଗଳିରାସ୍ତାର ଦୁଇପଟେ ଗାଡ଼ି ଲାଇନ୍। ଓଭରବ୍ରିଜ୍ କଡ଼ରେ ଶହଶହ ଗାଡ଼ି। କେତେକ ପରିତ୍ୟକ୍ତ। ପରିବାର ସଦସ୍ୟ ପିଛା ଦୁଇଟି ଦୁଇଚକିଆ, ଗୋଟିଏ ଚାରିଚକିଆ ଗାଡ଼ି। ସନ୍ଧ୍ୟାବେଳେ ନିଜେନିଜେ ଡ୍ରାଇଭିଙ୍ଗ୍ କରି ନାନା ସ୍ଥାନକୁ ବୁଲିଯିବା ଯୋଗୁଁ ଶବ୍ଦ, ବାୟୁ ପ୍ରଦୂଷଣ ବୃଦ୍ଧି ପାଇବା ସହ ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଯାଉଛି। ପ୍ରତିଟି ଟ୍ରାଫିକ୍ ଛକରେ ବାୟୁର ଗୁଣବତ୍ତା ୬୦୦ ରହୁଛି। ତେଣୁ ଶୀତଦିନେ ଭୁବନେଶ୍ୱରରେ ଦିଲ୍ଲୀ ପରି ଯୁଗ୍ମ ଓ ଅଯୁଗ୍ମ ଆଇନ୍ ଲାଗୁ ହେଉ।

ରାଜଧାନୀର ଜନବହୁଳ ଅଞ୍ଚଳରେ ଗୃହନିର୍ମାଣ ଯୋଗୁଁ ରାସ୍ତାରେ ମାସ ମାସ ବାଲିଗୋଡ଼ି ପଡ଼ିରହିବା, ଧୂଳି ଉଡ଼ି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ଏହି ନିର୍ମାଣାଧୀନ ଘର ଚାରିପାଖରେ ରହୁଥିବା ପଡ଼ୋଶୀ ବର୍ଷ ବର୍ଷ ଧରି ଧୂଳିର ପ୍ରାବଲ୍ୟ ଭୋଗୁଛନ୍ତି। ଯେତେ ଦ୍ରୁତ ଗାଡ଼ି ଚାଳନା, ସେତେ ଧୂଳିର ବାଦଲ। ରାଜଧାନୀର ରାସ୍ତା ଝାଡୁ ଦେବା ବେଳେ ୫ ଫୁଟ୍‌ରେ ବି କିଛି ଦିଶୁନି। ବିଏମ୍‌ସି, ନଗର ଉନ୍ନୟନ ବିଭାଗ, ପରିବହନ ଓ ପ୍ରଦୂଷଣ ବୋର୍ଡ ସମନ୍ୱୟ ରକ୍ଷା କରି ଏହାର ସମାଧାନ କରିବା ଆବଶ୍ୟକ। ଆମେ ଭୁବନେଶ୍ୱରର ପ୍ରତ୍ୟେକ ରାସ୍ତା ପାର୍ଶ୍ୱରେ ବନୀକରଣ କରି ମଧ୍ୟ ସବୁଜିମା ଦୃଶ୍ୟ ଉପଭୋଗରୁ ବଂଚିତ। ଏହି ଧୂଳି ଆଚ୍ଛାଦିତ ସବୁଜ ପତ୍ର ଚମକ ହରାଇବା ସହିତ ଖାଦ୍ୟ ସଂଗ୍ରହ ଓ ଅମ୍ଳଜାନ ଦେବାରେ ଘୋର ବାଧା ସୃଷ୍ଟି ହେଉଛି। ଏବେ ମନ୍ଦିରମାଳିନୀ ସହର ଧୂଳି ସହରର ଅପଯଶ ମୁଣ୍ଡେଇବ।

ଭୁବନେଶ୍ୱରର ଲୋକେ ଏବେ ଅଣନିଃଶ୍ୱାସୀ। ଏହାର ଖରାପ ପ୍ରଭାବ କ୍ଷତିକାରକ ସିଗାରେଟ୍ ସହିତ ତୁଳନା କରାଗଲେ ଆମ ଭଳି ଲକ୍ଷ ଲକ୍ଷ ବ୍ୟକ୍ତି ସିଗାରେଟ୍ ନଟାଣି ମଧ୍ୟ ପରୋକ୍ଷରେ ଦୈନିକ ୯ଟି ସିଗାରେଟ୍ ଟାଣିବା ଭଳି ହେଉଛି। ସହରର ପ୍ରଦୂଷଣ ପ୍ରଭାବରେ ପ୍ରାୟ ସମସ୍ତେ ଅନ୍ତେବହୁତ ମାନସିକ ବିଷାଦଗ୍ରସ୍ତ। ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ ହେବା ବିଧେୟ।

ପଟ୍ଟାମୁଣ୍ଡାଇ(କେନ୍ଦ୍ରାପଡ଼ା)
ମୋ: ୯୮୬୧୦୪୮୦୫୨

ନାରୀ ଓ ସ୍ୱନିର୍ବେଶ୍ୟ ରୋଗ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଦେଖାଯାଉଛି ଯେ, ପୁରୁଷମାନଙ୍କ ତୁଳନାରେ ନାରୀମାନଙ୍କ ରୋଗ ପ୍ରତିରକ୍ଷିତ ବ୍ୟବସ୍ଥା ନିଜ ବିରୁଦ୍ଧରେ କାର୍ଯ୍ୟ କରିବାର ସମ୍ଭାବନା ଅଧିକ। ଫଳରେ ସେମାନେ ବିବିଧ ସ୍ୱନିର୍ବେଶ୍ୟ(ଅଟୋଇମ୍ୟୁନି) ରୋଗରେ ପୀଡ଼ିତ ହୁଅନ୍ତି। ଏହା ହୁଏ ଯେତେବେଳେ ରୋଗ ପ୍ରତିରକ୍ଷିତ ବ୍ୟବସ୍ଥା ଭୁଲକ୍ରମେ ନିଜ ଶରୀରର ସୁସ୍ଥ ଜୀବକୋଷଗୁଡ଼ିକୁ ଆକ୍ରମଣ କରେ। ଏହି ରୋଗଗୁଡ଼ିକର ଉଦାହରଣ ହେଲା କେତେକ ସନ୍ଧି ପ୍ରଦାହ, ଟାଇପ୍ ୧ ମଧୁମେହ, ଲ୍ୟୁପସ, ମଲ୍ଟିପଲ୍ ସ୍କ୍ଲେରୋସିସ୍ ଆଦି।

ନିକଟରେ (ଫେବୃୟାରୀ, ୨୦୨୪) ଗବେଷଣା ପତ୍ରିକା 'ସେଲ'ରେ ପ୍ରକାଶିତ ଏକ ଗବେଷଣାପତ୍ରରେ ସୂଚୀତ କରାଯାଇଛି ଯେ, ସମ୍ଭବତଃ ଏଥିପାଇଁ ମହିଳାମାନଙ୍କଠାରେ ଥିବା ଅଧିକ ଏକ୍ସ-କ୍ରୋମୋଜମଟି ଦାୟୀ। ଏଥିରେ ସଂଯୁକ୍ତ ଏକ ବିଶେଷଧରଣର ଅଣୁକୁ ନେଇ ସେମାନଙ୍କ ରୋଗ ପ୍ରତିରକ୍ଷିତ ବ୍ୟବସ୍ଥା ଅନେକ ସମୟରେ ବାଉଳା ହେବାରୁ ଏପରି ଘଟେ। ବିଶେଷଜ୍ଞମାନଙ୍କ ମତରେ ଯଦି ପରବର୍ତ୍ତୀ ପରୀକ୍ଷା ନିରୀକ୍ଷାରୁ ଏହା ନିର୍ଦ୍ଦିଷ୍ଟ ରୂପେ ପ୍ରମାଣିତ ହୁଏ ତେବେ ଏପ୍ରକାର ରୋଗ ଲାଗି ନୂତନ ଚିକିତ୍ସାର ବାଟ ଖୋଲିବ ଏବଂ ବର୍ତ୍ତମାନ ସମଗ୍ର ରୋଗ ପ୍ରତିରକ୍ଷିତ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ଔଷଧର ବ୍ୟବହାରରୁ ରକ୍ଷା ମିଳିଯିବ।

ଉଭୟ ନାରୀ ଓ ପୁରୁଷ ଭ୍ରୂଣରେ ଥିବା କ୍ରୋମୋଜମ୍‌ଗୁଡ଼ିକ ମଧ୍ୟରୁ ୨୨ ଯୋଡ଼ା ଏକାପ୍ରକାରର। କିନ୍ତୁ ୨୩ ତମଟି ହେଉଛି ଅଲଗା ଅଲଗା। ନାରୀଠାରେ ଦୁଇଟି ଯାକ କ୍ରୋମୋଜମ୍ 'ଏକ୍ସ' ହେଲାବେଳେ ପୁରୁଷଠାରେ ଗୋଟିଏ 'ଏକ୍ସ' ଓ ଅନ୍ୟଟି 'ୱାଇ', ଯାହାକି ତା'ଠାରେ ପୁଲିଙ୍ଗୀୟ ଅଙ୍ଗମାନ ବିକଶିତ ହେବାରେ ସାହାଯ୍ୟ କରେ। ପ୍ରତ୍ୟେକ କ୍ରୋମୋଜମ ଜିନ୍‌ମାନ ଧାରଣ କରିଥା'ନ୍ତି। ସେଗୁଡ଼ିକ ଚାଲୁ ହେଲେ ଜୀବକୋଷମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ପ୍ରୋଟିନ୍‌ମାନ ଉତ୍ପନ୍ନ କରିନ୍ତି। ଏଣୁ ଆଶା କରିବାର କଥା ଯେ ନାରୀଠାରେ ଦୁଇଟି 'ଏକ୍ସ' କ୍ରୋମୋଜମ୍ ଥିବାରୁ ଏହା ପୁରୁଷ ତୁଳନାରେ ଏଥିସହିତ ସଂପୃକ୍ତ ପ୍ରୋଟିନ ଦୁଇଗୁଣ ଉତ୍ପନ୍ନ କରିବ। କିନ୍ତୁ ପ୍ରକୃତରେ ତାହା ହୁଏନାହିଁ। ଏହା ପୁରୁଷଠାରେ ଯେତିକି ନାରୀଠାରେ ମଧ୍ୟ ସେତିକି ହୋଇଥାଏ। କାରଣ ତା'ଠାରେ ଥିବା ଦୁଇ ଏକ୍ସ-କ୍ରୋମୋଜମ୍‌ରୁ ଗୋଟିଏ ସୁପ୍ତ ବା ନୀରବ ହୋଇଥାଏ।

'ସେଲ୍‌ଫ' ପତ୍ରିକାରେ ପ୍ରକାଶିତ ଉପରୋକ୍ତ ଗବେଷଣାପତ୍ରର ମୁଖ୍ୟଲେଖକ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଡକ୍ଟର ହୋୱାର୍ଡ ଚାଙ୍ଗ କହନ୍ତି ଯେ ଏହି ଏକ୍ସ କ୍ରୋମୋଜମ୍‌ରେ 'ଏକ୍ସିଷ୍ଟ' ନାମକ ଅଣୁ ଲାଖି ହୋଇଥାଏ। ଶହ ଶହ ସଂଖ୍ୟାରେ ଏହି ଅଣୁ ତା'କୁ ଚାରିପାଖରୁ ଘୋଡ଼ାଇ ପକାଇ ବନ୍ଦ କରି ଦିଅନ୍ତି। ଏହାର ବୋଧହୁଏ ଏକ ନକାରାତ୍ମକ ଦିଗ ରହିଛି। ତାଙ୍କ ମତରେ ଶରୀରରେ ସାଧାରଣ ପ୍ରକ୍ରିୟାରେ ଜୀବ କୋଷମାନେ ମୃତ୍ୟୁବରଣ କଲା ବେଳେ ତାହା ଫାଟି ତହିଁରୁ ଅଣୁଗୁଡ଼ିକ ବିଚ୍ଛୁରିତ ହୋଇଯା'ନ୍ତି ଏବଂ ରକ୍ତସ୍ରୋତରେ ଅଜାଡ଼ି ହୋଇପଡ଼ନ୍ତି। ନାରୀମାନଙ୍କ କ୍ଷେତ୍ରରେ ଏହି ବର୍ଜ୍ୟବସ୍ତୁଗୁଡ଼ିକ ମଧ୍ୟରେ ଥାଏ 'ଏକ୍ସିଷ୍ଟ' ଅଣୁ ଏବଂ ତାହା ସହିତ ସଂପୃକ୍ତ ପ୍ରୋଟିନ୍।

ଯେତେବେଳେ ରୋଗ ପ୍ରତିରକ୍ଷିତ ଜୀବକୋଷଗୁଡ଼ିକ 'ଏକ୍ସିଷ୍ଟ' ଅଣୁର ସମ୍ମୁଖିନ ହୁଅନ୍ତି ଏହା ତହିଁରେ ଥିବା ପ୍ରୋଟିନ୍ ସଂସ୍ପର୍ଶରେ ଆସନ୍ତି। ଏହି ଅପ୍ରାକୃତିକ ଅନୁଭୂତି ତାଙ୍କୁ ବାଉଳା କରିଦିଏ। ଏଣୁ ସେଗୁଡ଼ିକ ଉତ୍ପନ୍ନ କରନ୍ତି 'ଏକ୍ସିଷ୍ଟ' ପ୍ରୋଟିନ୍‌ର ପ୍ରତିପିଣ୍ଡ। ଥରେ ରୋଗ ପ୍ରତିରକ୍ଷିତ ବ୍ୟବସ୍ଥା ଏହାକୁ ଶତ୍ରୁରୂପେ ଗଣନା କଲେ ଏହା ସେଥିସହିତ ଶରୀରର ଅନ୍ୟ ଅଂଶକୁ ମଧ୍ୟ ଆକ୍ରମଣ କରେ। କାରଣ, ପ୍ରତ୍ୟେକ ଜୀବକୋଷର ପୃଷ୍ଠଦେଶରେ ଏହାର ପ୍ରୋଟିନ ଅଣୁମାନଙ୍କ ଟୁକୁରାମାନ ଲାଗି ରହିଥା'ନ୍ତି। ତାହା ରୋଗ ପ୍ରତିରକ୍ଷିତ ଜୀବକୋଷମାନେ ଚିହ୍ନଟ କରିପାରନ୍ତି। ଅତଏବ ସେଗୁଡ଼ିକ ତାହାକୁ ଧ୍ୱଂସ କରି ଦିଅନ୍ତି। ତେବେ ଚାଙ୍ଗଙ୍କ ମତରେ କିପରି ନାରୀମାନଙ୍କ ପ୍ରତି ଏହି ପକ୍ଷପାତୀ ରୋଗ ସୃଷ୍ଟି କରିବାକୁ ଏ ସମସ୍ତ କାରକ ଏକତ୍ର କାର୍ଯ୍ୟ କରନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ ଚିହ୍ନଟ କରିବା ହେଲା ବର୍ତ୍ତମାନର ଆହ୍ୱାନ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲାଭ ନେଉଛି କେନ୍ଦ୍ର

ଓଡ଼ିଶା ଭାଗରେ ଧୂଳି-ଧୂଆଁ-ପାଉଁଶ

ଭୁବନେଶ୍ୱର,୨।୨(ସମିସ): ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଆସିଲେ, ଓଡ଼ିଶାର ବ୍ୟାପକ ବିକାଶ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ଓଡ଼ିଶାରେ ଡ଼ବଲ ଇଞ୍ଜିନ୍ ସରକାର ହେଲା, ତଥାପି ଓଡ଼ିଶା ପ୍ରତିଟି କ୍ଷେତ୍ରରେ ଅବହେଳାର ଶିକାର ହେଉଛି। ବିଭିନ୍ନ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ହୋଇ ଚାଲିଛି । ଏବେ କୋଇଲା ରାଜଭାଗ ପ୍ରଦାନରେ ବି ଅନୁରୂପ ଅବହେଳା ପରିଦୃଶ୍ୟ ହୋଇଛି। ଖୋଦ୍ କେନ୍ଦ୍ର କୋଇଲା ମନ୍ତ୍ରୀ ଜି. କିଶନ ରେଡ୍ଡୀ ସଂସଦରେ ପ୍ରଦାନ କରିଥିବା ତଥ୍ୟରେ ଏହା ଜଳଜଳ ଦିଶୁଛି । ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ରାଜ୍ୟକୁ କୋଇଲା ରାଜଭାଗ ଏବଂ ଜିଲ୍ଲା ଖଣିଜ ପାଣ୍ଠି(ଡିଏମଏଫ) ବାବଦରେ ଅନୁଦାନ ସଂକ୍ରାନ୍ତ ଏକ ପ୍ରଶ୍ନରେ ଶ୍ରୀ ରେଡ୍ଡୀ ପ୍ରଦାନ କରିଥିବା ସୂଚନା କେନ୍ଦ୍ରୀୟ ଅବହେଳାକୁ ଉଜାଗର କରିଛି । ଗତ ୩ ବର୍ଷରେ ଓଡ଼ିଶାକୁ ଉଭୟ ଅନୁଦାନ ଲଗାତାର ଭାବେ ହ୍ରାସ ପାଇଛି ବୋଲି ମନ୍ତ୍ରୀ ରାଜ୍ୟସଭାରେ ତଥ୍ୟ ପ୍ରଦାନ କରିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୨-୨୩ରେ କୋଇଲା ରାଜଭାଗ ବାବଦରେ ଓଡ଼ିଶାକୁ ୪୧୩୭ କୋଟି ୮୮ ଲକ୍ଷ ଟଙ୍କା ମିଳିଥିଲା। ୨୦୨୩-୨୪ରେ ଏହା ୩୮୮୧ କୋଟି ୭୯ ଲକ୍ଷ ଟଙ୍କାକୁ ହ୍ରାସ ପାଇଲା। ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ଆହୁରି ହ୍ରାସ ପାଇ ୩୬୮୬ କୋଟି ୭୧ ଲକ୍ଷ ଟଙ୍କାରେ ପହଞ୍ଚିଛି। କେବଳ ରାଜଭାଗ ନୁହେଁ, ଡିଏମଏଫ ପାଣ୍ଠିରେ ମଧ୍ୟ ଓଡ଼ିଶାକୁ

- ୩ ବର୍ଷ ହେଲା କମୁଛି କୋଇଲା ରାଜଭାଗ
- ଜିଲ୍ଲା ଖଣିଜ ପାଣ୍ଠିକୁ ବି କମିଚାଲିଛି ରାଜସ୍ୱ
- କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର ଖୋଲିଲା ଅବହେଳା ଗୁମର

ସମଦଶା ଭୋଗିବାକୁ ପଡ଼ିଛି। ୨୦୨୨-୨୩ରେ ଡିଏମଏଫ ପାଣ୍ଠି ବାବଦରେ ଓଡ଼ିଶାକୁ ୧୧୬୩.୨୯ କୋଟି ଟଙ୍କା ମିଳିଥିଲା। ୨୦୨୩-୨୪ରେ ଏହା ହ୍ରାସ ପାଇ ୧୦୧୦.୭୯ ଏବଂ ୨୦୨୪-୨୫ରେ ୯୮୧.୧୯ କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶାରୁ କେନ୍ଦ୍ର ସରକାର ବ୍ୟାପକ ମାତ୍ରାରେ କୋଇଲା ଉତ୍ତୋଳନ କରୁଛନ୍ତି। ମାତ୍ର ନିୟମିତ ବାବଦରେ ରାଜଭାଗ ଏବଂ ଡିଏମଏଫ ପାଣ୍ଠି ହ୍ରାସ କରିଚାଲିବା, ରାଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଶେଷଥର ପାଇଁ ୨୦୧୨ ମସିହାରେ କୋଇଲା ରାଜଭାଗ ସଂଶୋଧନ ହୋଇଥିବା ବେଳେ ଏହା ପରଠାରୁ ଆଉ ସଂଶୋଧନ ହୋଇନାହିଁ। ଯାହାଫଳରେ ଓଡ଼ିଶା ସରକାର ବ୍ୟାପକ କ୍ଷତି ସହି ଆସୁଛନ୍ତି। କୋଇଲା ରାଜଭାଗ ସଂଶୋଧନ ପାଇଁ ବିଗତ କିଛି ବର୍ଷ ଧରି ନିୟମିତ ଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସୁଛି। ମାତ୍ର କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଗତକାଲି କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ବଜେଟ ଆଗତ କରିଥିବା ବେଳେ ଏହାର ପ୍ରତିକ୍ରିୟାରେ ସମାନ କଥା ଉଠାଇଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ଓଡ଼ିଶାର ପ୍ରାକୃତିକ ସମ୍ପଦର ଉତ୍ତୋଳନ ଓ ଅନ୍ୟତ୍ର ପରିବହନ ପାଇଁ କେବଳ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ମିଳୁଛି; ମାତ୍ର ରାଜ୍ୟବାସୀଙ୍କ ସୁବିଧା ତଥା ଉନ୍ନତି ପାଇଁ ଅର୍ଥ ଆବଣ୍ଟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଥିଲେ।

ଆଜି ଯାଜପୁର ଯିବେ ରାଷ୍ଟ୍ରପତି

ଭୁବନେଶ୍ୱର,୨।୨(ସମିସ): ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସନ୍ଧ୍ୟା ୭ଟା ବେଳେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ବିମାନବନ୍ଦରରୁ କଡ଼ା ସୁରକ୍ଷା ବଳୟରେ ରାଷ୍ଟ୍ରପତି ଲୋକଭବନ ଯାଇଥିଲେ। ସେଠାରେ ଆଜି ସେ ରାତ୍ରିଯାପନ କରିବା ସହ ମଙ୍ଗଳବାରଠାରୁ ବିଭିନ୍ନ ଜିଲ୍ଲାକୁ ଗସ୍ତ କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ, ୩ ତାରିଖ ସକାଳେ ରାଷ୍ଟ୍ରପତି ଯାଜପୁର ଗସ୍ତ କରି ବିରଜା ମନ୍ଦିର ପରିଦର୍ଶନ କରି ନାଭି ଗୟାଠାରେ ପୂଜାର୍ଚ୍ଚନା କରିବେ। ଅପରାହ୍ଣରେ ବାଲେଶ୍ୱର ଗସ୍ତ କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସନ୍ଧ୍ୟାରେ ସେ ପୁରୀ ଗସ୍ତ କରି ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରି ଶ୍ରୀ ଜୀଉମାନଙ୍କ ଦର୍ଶନ, ଆଳତୀ ଏବଂ ପିଣ୍ଡଦାନ କରିବେ। ୪ତାରିଖ ସକାଳେ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ରାଇରଙ୍ଗପୁର ମହୁଲଡିହା ସ୍ଥିତ ଅବକାଶ ଗୃହ (ହୋଲି-ଡେ' ହୋମ) ଉଦଘାଟନ କରିବା ସହ ସେଠାରେ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ବିଭାଗ ପରିଚାଳିତ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ପରେପରେ ପରେ ବୈଦପୁର ଠାରେ ଏକ କ୍ରୀଡ଼ା କମ୍ପ୍ଲେକ୍ସ ଉଦଘାଟନ କରିବେ। ୪ ତାରିଖ ଅପରାହ୍ଣରେ ରାଷ୍ଟ୍ରପତି ରାଇରଙ୍ଗପୁରଠାରେ ଅନ୍ୟ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୫ତାରିଖ ସକାଳେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରଠାରେ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ଅପରାହ୍ଣରେ ଶିମିଳିପାଳ ଗସ୍ତ କରିବେ। ୬ ତାରିଖ ସକାଳେ ସେଠାରେ ମହିଳା ଏବଂ ଆଦିବାସୀ ଗୋଷ୍ଠୀର ଯୁବବର୍ଗଙ୍କ ସହିତ ବାର୍ତ୍ତା ବିନିମୟ କରିବେ। ଅପରାହ୍ଣରେ ଭୁବନେଶ୍ୱରରେ ପହଁଚି ଓଡ଼ିଶା ସରକାର ଏବଂ ଗ୍ଲୋବାଲ ଫିନାନ୍ସ ଟେକ୍ନୋଲୋଜି ନେଟୱର୍କର ମିଳିତ ଆୟୋଜନରେ ଅନୁଷ୍ଠିତ 'ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଇଣ୍ଡିଆ' କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତି ୭ ତାରିଖ ସକାଳୁ ଭୁବନେଶ୍ୱର ବିମାନ ବନ୍ଦରରୁ ଛତିଶଗଡ଼ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ରାଜ୍ୟରେ ହେବ...

ରହିଛି। ଏଥିରେ ନୂତନ ଲାଇନ୍ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେସନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ। ୨୦୧୪ରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିମିର ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱାର୍କଠାରୁ ମଧ୍ୟ ଅଧିକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରେ ୧୦୦% ଅର୍ଥାତ୍ ୧,୫୫୯ କିମି ରେଳ ଲାଇନ୍ ବିଦ୍ୟୁତୀକରଣ ହୋଇଛି।

ଅମୃତ ଷ୍ଟେସନ ଯୋଜନା ଅଧୀନରେ, ୨,୪୩୯ କୋଟି ଟଙ୍କା ବିନିଯୋଗରେ ଓଡ଼ିଶାରେ ୫୯ଟି ଷ୍ଟେସନର ଉନ୍ନତିକରଣ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଲଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ୬ଟି ଷ୍ଟେସନରେ କାର୍ଯ୍ୟ ଶେଷ ହୋଇଛି। ଯାହା ଯାତ୍ରୀ ସୁବିଧା ଏବଂ ଷ୍ଟେସନ ସୌନ୍ଦର୍ଯ୍ୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ବର୍ତ୍ତମାନ, ରାଜ୍ୟରେ ୬ ଯୋଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏବଂ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି, ଯାହା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରୁଛି। ନେଟୱର୍କ ସମ୍ପ୍ରସାରଣ ବର୍ତ୍ତମାନ ରେଳବାଇ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇ ରହିଛି।

ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ ରୋକିବାକୁ ପଦକ୍ଷେପ ସ୍ୱରୂପ ସମ୍ବେଦନଶୀଳ ସ୍ଥାନରେ ଅପ୍ଟିକାଲ ଫାଇବର ସ୍ଥାପନ ଯୋଜନା ରହିଛି। ଆଗକୁ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଭିତ୍ତିକ ଥର୍ମାଲ କ୍ୟାମେରା ଲଗାଇବାକୁ ଯୋଜନା ରହିଛି। ସାରା ଦେଶରେ ୨୦୦ ସ୍ଥାନରେ ତିଆରି ହେବ ଅଣ୍ଡର ପାସ। ୨୦୨୬ ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ରାଜ୍ୟର ୩ ଅମୃତ ଷ୍ଟେସନ ସହ ପାରଳାଖେମୁଣ୍ଡି, ତାଳଚେର, ବରପାଲି, ଷ୍ଟେସନ କାର୍ଯ୍ୟ ସରିଛି। ଅନ୍ୟ ଷ୍ଟେସନର ନବୀକରଣ କାର୍ଯ୍ୟ ୨୦୨୬ ଡିସେମ୍ବର ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ପୂର୍ବତଟ ରେଳବାଇକୁ ମିଳିଥିବା ଅର୍ଥରୁ ୮୮% ଖର୍ଚ୍ଚ ହୋଇ ସାରିଛି। ମିଳିଥିବା ଅନୁଦାନରୁ ୯୧% ଓଡିଶା ଖର୍ଚ୍ଚ କରି ସାରିଥିବା ଶ୍ରୀ ବୈଷ୍ଣବ କହିଛନ୍ତି।

ଦଲାଇ ଲାମାଙ୍କୁ...

ର୍ୟାପ୍ ଆଲବମ୍ ଓ ବେଷ୍ଟ ର୍ୟାପ ସଙ୍ଗ ଜିତି ସେ ହିପ୍- ହପ୍ ସଙ୍ଗୀତ ଦୁନିଆରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିସହ କେଣ୍ଡ୍ରିକ ପ୍ରସିଦ୍ଧ ର୍ୟାପର ଜେ- କେଡ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି।

ଅନ୍ୟପଟେ ଭାରତର ଧର୍ମଶାଳାରେ ଅବସ୍ଥାପିତ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ଶ୍ରେଷ୍ଠ 'ଅଡିଓ ବୁକ୍' ପାଇଁ ନିଜର ପ୍ରଥମ ଗ୍ରାମୀ ପୁରସ୍କାର ହାସଲ କରିଛନ୍ତି। ଏଥର ଗ୍ରାମୀ ପୁରସ୍କାରରେ ସଙ୍ଗୀତ ସହ ଆଧ୍ୟାତ୍ମିକତାର ମଧ୍ୟ ଝଲକ ଦେଖିବାକୁ ମିଳିଥିଲା। ୯୦ ବର୍ଷ ବୟସରେ ଦଲାଇଲାମା 'ବେଷ୍ଟ ଅଡିଓ ବୁକ୍, ନ୍ୟାରେସନ ଓ ଷ୍ଟୋରୀ ଟେଲିଂ' ବିଭାଗରେ ନିଜର ପ୍ରଥମ ଗ୍ରାମୀ ଜିତିଛନ୍ତି। ସେ ତାଙ୍କର ଆଲବମ୍ 'ମେଡିଟେସନ; ଦି ରିଫ୍ଲେକସନ ହିଜ୍ ହୋଲିନେସ ଦି ଦଲାଇଲାମା' ପାଇଁ ଏହି ସମ୍ମାନ ପାଇଛନ୍ତି। ଟ୍ରେଭର ନୋଆ ଏହି ପୁରସ୍କାର ସମାରୋହର ସଞ୍ଚାଳନ କରିଥିଲେ। ସେହିପରି ଲେଡ଼ି ଗାଗା, ଜଷ୍ଟିନ ବିବର, ଫାରେଲ ୱିଲିୟମ୍ସ ଓ ସାବ୍ରିନା କାର୍ପେଣ୍ଟରଙ୍କ ଭଳି କଳାକାରମାନେ ନିଜର ଦମ୍‌ଦାର ପ୍ରଦର୍ଶନ ଦ୍ୱାରା ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ମୋଟ ୨୦ଟି ବିଭାଗ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଲ୍ଲେଖଥାଉ କି, ଗ୍ରାମୀ ପୁରସ୍କାର ସଙ୍ଗୀତରେ ଅସାଧାରଣ ସଫଳତା ପାଇଁ ଆମେରିକାର 'ଦି ରେକର୍ଡିଂ ଏକାଡେମୀ' ତରଫରୁ ପ୍ରଦାନ କରାଯାଇଥାଏ।

ବଦଳିବ ମିଶନ ଶକ୍ତି...

ପରିବର୍ତ୍ତନ କରାଯାଇ ନ ଥିଲେ ହେଁ ମିଶନ ଶକ୍ତି ବଜାରକୁ ସୁଭଦ୍ରା ଶକ୍ତି ବଜାର ନାମରେ ପରିବର୍ତ୍ତନ କରାଯାଇ ଏହାର ରଙ୍ଗ ବଦଳାଇ ଦିଆଗଲା। ମୋ ବସ୍‌ର ନାମ ଓ ରଙ୍ଗ ବଦଳା ଗଲା। ସ୍କୁଲ କଲେଜକୁ ଗେରୁଆ ରଙ୍ଗରେ ରଙ୍ଗେଇବା ସହ ପିଲାଙ୍କ ୟୁନିଫର୍ମ ବି ବଦଳାଇ ଦିଆଗଲା। ଓମ୍‌ଫେଡ୍ କ୍ଷୀର, ପାଣି ଟାଙ୍କି, ରାସନ କାଡର୍ ଓ ସରକାରୀ କାର୍ଯ୍ୟାଳୟ ବି ଏଥିରୁ ବାଦ ପଡ଼ିଲା ନାହିଁ। ଏବେ ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନଙ୍କର ରଙ୍ଗ ପରିବର୍ତ୍ତନ ପାଇଁ ସରକାର ଯୋଜନା କରିଛନ୍ତି। କେବଳ ରଙ୍ଗ ବଦଳାଇବା ଓ ନାମ ବଦଳାଇବା ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି।

ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ପୂର୍ବ ସରକାର ପ୍ରଚଳନ କରିଥିଲେ ଓ ଏବେ ଏଥିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଆଜି ୨ଲକ୍ଷ୮୦ ହଜାର୫୮୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୫୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁଧ ଫେରସ୍ତ କରିଥିବା ଉଲ୍ଲେଖ କରି ଏହାଦ୍ୱାରା ମହିଳା ସଶକ୍ତିକରଣ ସୁଦୃଢ଼ ହେଉଥିବା କହିଛନ୍ତି।

ଚଳିତ ସପ୍ତାହରେ...

ମଧ୍ୟରେ ପ୍ରାୟତଃ ୨ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ମୋଟ୍ ଉପରେ ଚଳିତ ସପ୍ତାହରେ ରାଜ୍ୟରେ ପ୍ରାୟ ୫ ଡିଗ୍ରୀ ଓ ଅଳ୍ପ କେତେକ ସ୍ଥାନରେ ୬ରୁ ୭ ଡିଗ୍ରୀ ତାପମାତ୍ରା ବଢ଼ିପାରେ। ବଲାଙ୍ଗିର, ଟିଟିଲାଗଡ଼, ଭୁବନେଶ୍ୱରରେ ୩୬-୩୭ ଡିଗ୍ରୀ ପହଞ୍ଚିପାରେ। ସେହିପରି ସମ୍ବଲପୁର ଓ ରାଉରକେଲାରେ ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରିପାରେ। ବାୟୁର ଦିଗ ପରିବର୍ତ୍ତନ, ମେଘମୁକ୍ତ ଆକାଶ ଏବଂ ବର୍ଷା ନ ହେତୁ ମାଟି ଶୁଖିଲା ରହିଛି। ଏହା ତାପମାତ୍ରା ବୃଦ୍ଧିକୁ ସୁହାଉଛି। ହିମାଳୟରୁ ଆସୁଥିବା ଥଣ୍ଡା ପବନ ପଶ୍ଚିମା ଝଡ଼ ଯୋଗୁଁ ରାଜ୍ୟକୁ ଆସିବାରେ ବାଧାପ୍ରାପ୍ତ ହେଉଛି। ଭୁବନେଶ୍ୱର ସମେତ ଉପକୂଳ ଜିଲ୍ଲାକୁ ବଙ୍ଗୋପସାଗରରୁ ସିଧା ବା ଦକ୍ଷିଣ ପଟୁ ପବନ ବହିବ। ଏହା ଆର୍ଦ୍ର ବାୟୁକୁ ରାଜ୍ୟରେ ପ୍ରବେଶ କରାଇବ। ଫଳତଃ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ (ଅନୁଭବ ତାପମାତ୍ରା) ଅଧିକ ରହିବ। ଅନ୍ୟପଟେ ଉପକୂଳ ଜିଲ୍ଲାରେ ହାଲୁକା ବା ମଧ୍ୟମ ଧରମର କୁହୁଡ଼ି ଗୁରୁବାର ପର୍ଯ୍ୟନ୍ତ ଲାଗି ରହିବ। ତେବେ ରାତିରେ ହାଲୁକା ଥଣ୍ଡା ଜାରି ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ ଦିନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହିକ୍ରମରେ ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଘନ କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ଖାତା ପୁରୁଣା...

ବର୍ତ୍ତମାନ ଜଳପଥ-୫ର ଭୌଗୋଳିକ ସ୍ଥିତି, ନଦୀରେ ଜଳର ପ୍ରବାହକୁ ଦେଖିଲେ ଆଗାମୀ ୫ ବର୍ଷ କାହିଁକି, ୧୦ ବର୍ଷ ମଧ୍ୟରେ ବି ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅସମ୍ଭବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଯୁକ୍ତି ଅନୁଯାୟୀ ଏହି ଜଳପଥ ଖଣି ସମୃଦ୍ଧ ଅଞ୍ଚଳ ତାଳଚେର, ଅନୁଗୋଳରୁ ଶିଳ୍ପାଞ୍ଚଳ କଳିଙ୍ଗନଗର ଏବଂ ପାରାଦୀପ ଓ ଧାମରା ବନ୍ଦରକୁ ଯୋଡ଼ିବ। ଏହି ସବୁ ଅଞ୍ଚଳରେ ଥିବା ଶିଳ୍ପ ଗୁଡ଼ିକ ନିଜର କଞ୍ଚାମାଲ ଓ ସାମଗ୍ରୀ ସହଜରେ ପରିବହନ କରିପାରିବେ। ଏହା ବେଶ୍ ଲାଭଦାୟକ ହେବା ସହ ଜାତୀୟ ରାଜପଥ, ରାଜ୍ୟ ରାଜପଥ ତଥା ରେଳପଥ ଉପରୁ ଚାପ କମାଇପାରିବ। ଏଠାରେ ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ୨୦୦୮ ଶେଷାର୍ଦ୍ଧରେ ଏହି ଜାତୀୟ ଜଳପଥ ଘୋଷିତ ହେଲା ସମୟରେ ଠିକ୍ ଏହି କଥା କୁହାଯାଇଥିଲା। ଜଳପଥର ବିକାଶ ରାଜ୍ୟକୁ ବିକାଶ ପଥରେ ଆଗେଇ ନେଇଯିବ ବୋଲି ସେତେବେଳେ ଉଲ୍ଲେଖ ରହିଥିଲା। ପରବର୍ତ୍ତୀ ସମୟରେ ଏନ୍‌ଡ଼ିଏ ସରକାରର କେନ୍ଦ୍ରମନ୍ତ୍ରୀମାନେ ୧୦ ବର୍ଷ ହେଲା ଏହି କଥା କହି ଆସୁଛନ୍ତି। ଏହି ଜଳପଥର ବିକାଶ ପାଇଁ ଅତୀତରେ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ, ପାରାଦୀପ ବନ୍ଦର, ଧାମରା ପୋର୍ଟ କମ୍ପାନୀ ଏବଂ ଓଡ଼ିଶା ସରକାରଙ୍କ ସହ ୨୦୧୪ ମସିହରେ ଏମଓୟୁ ହୋଇଥିଲା। କେନ୍ଦ୍ର ସରକାର ମଧ୍ୟ ଜଳପଥର ବିକାଶ ପାଇଁ ଅନେକ ଥର ପ୍ରତିଶ୍ରୁତି ଦେଇଥିବା ବେଳେ ଏହା ଶୀତଳଭଣ୍ଡାରରେ ରହିଛି। ଏପରିକି ପୂର୍ବ ବିଜେଡି ସରକାର ଏନେଇ କେନ୍ଦ୍ର ସରକାରଙ୍କ ନିକଟରେ ଏକାଧିକ ଥର ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ମାତ୍ର ଏହି ପ୍ରକଳ୍ପର ବିକାଶ କାମ କାଣିଚାଏ ଆଗେଇ ପାରିନାହିଁ। ଜାତୀୟ ଜଳପଥ-୫ କାର୍ଯ୍ୟକ୍ଷମ ହେଲେ ଏଥିରେ ବଡ଼ ବଡ଼ ଜାହାଜ ଚଳପ୍ରଚଳ କରିବ। ଏହି ଜଳପଥ ମୁଖ୍ୟତଃ ବ୍ରାହ୍ମଣୀ, ଖରସୁଆ, ମତାଇ ନଦୀ, ମହାନଦୀ ଡେଲଟାର ବିଭିନ୍ନ ଶାଖା ଓ ଧାମରା ନଦୀ ଦେଇ ଅତିକ୍ରମ କରିବ। ମାତ୍ର ଏହି ସବୁ ନଦୀଗୁଡ଼ିକର ପଙ୍କ ଏବଂ ପଟୁ ଚରିଯିବା କାରଣରୁ ଏହାର ଗଭୀରତା ହ୍ରାସ ପାଇଛି ଓ ନଦୀଗୁଡ଼ିକର ଜଳଧାରଣ କ୍ଷମତା ସଂକୋଚିତ ହୋଇଛି। ବର୍ଷରାଦିନ ବ୍ୟତୀତ ଅନ୍ୟଦିନେ ବଡ଼ ଜାହାଜ ତ ଦୂରର କଥା ସାଧାରଣ ଡ଼ଙ୍ଗା ଯିବା ପାଇଁ ପାଣି ରହୁନାହିଁ। ତେଣୁ ଜାହାଜ ଚଳାଚଳ ଉପଯୋଗୀ କରିବା ନିମନ୍ତେ ପ୍ରଥମେ ଏହି ନଦୀ ତଥା କେନାଲ ଗୁଡ଼ିକର ଡ୍ରେଜିଂ ଆବଶ୍ୟକ, ଯାହାକି ଏକ ସମୟସାପେକ୍ଷ ବ୍ୟାପାର। ସେହିପରି ଏହି ନଦୀ ଗୁଡ଼ିକ ଉପରେ ଏକାଧିକ ସେତୁ ଥିବା କାରଣରୁ ବର୍ତ୍ତମାନ ସମୟରେ ଜାହାଜ ଚଳାଚଳ ସମ୍ଭବପର ନୁହେଁ। ଜାହାଜ ଚଳାଚଳ ପୂର୍ବରୁ ଏହି ସେତୁ ଗୁଡ଼ିକୁ ହଟାଇବାକୁ ପଡ଼ିବ କିମ୍ବା ଏହାର

ସକାଳ THE SAKALA

www.sakalaepaper.com

ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ବ୍ୟାପକ ଅନିୟମିତତା

ଦୋବଲ,୨।୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ଗୋଖାସାହିଠାରେ ଚାଲିଥିବା ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ, ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୫ ନଭେମ୍ବର ୨୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସେପରି ଆଖିଦୃଶିଆ କାମ ହୋଇନାହିଁ। କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, କାର୍ଯ୍ୟସ୍ଥଳରେ ବିଭାଗୀୟ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ନିର୍ମାଣ କାର୍ଯ୍ୟର ମାନ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ପ୍ରତିବର୍ଷ ମରାମତି ନାମରେ ଏହି ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ହୋଇଛି। ଏବେ ପୁଣି ଥରେ ନୂତନ କାର୍ଯ୍ୟରେ ସେହି ସମାନ ଢଙ୍ଗରେ କାର୍ଯ୍ୟ ହେଉଥିବାରୁ ଲୋକେ ଆଶଙ୍କାରେ ରହିଛନ୍ତି। ବନ୍ଧର ସୁରକ୍ଷା ଯଦି ଠିକ୍ ଭାବେ ନ ହୁଏ, ତେବେ ଆଗାମୀ ବର୍ଷା ଦିନେ ଏହା ଗ୍ରାମବାସୀଙ୍କ ପାଇଁ ବିପଦ ସାଜିବ। ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରତି ବର୍ଷ ବନ୍ୟା ଆସି ଉକ୍ତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରେ। ଏହି ନଦୀ ବନ୍ଧରେ ଫାଟ ସୃଷ୍ଟି ହେବା ସହ ବନ୍ଧ ମଧ୍ୟ ଧସିଥାଏ। ଏ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବି କରି ସମସ୍ୟା ବିଷୟରେ ଜଣାଇବା ପରେ ମନ୍ତ୍ରୀଙ୍କ ଉଦ୍ୟମରେ ସେଠାରେ ଏକ ବନ୍ଧ ନିର୍ମାଣ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ନୀତିରେ ସେଠାରେ କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଥିବା ବେଳେ ଠିକାଦାରଙ୍କ ଇଚ୍ଛାରେ କାମ କରଯାଉଛି। ସେଠାରେ କେବଳ ଲୁହାପାତ ପୋତି ଦେଇ ଆଉ କାର୍ଯ୍ୟ କରୁନାହାନ୍ତି। ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି। ତୁରନ୍ତ କାର୍ଯ୍ୟ ସାରିବାକୁ ଠିକାଦାରଙ୍କୁ ତାଗିଦ୍ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି।

ନଦୀପଠାରେ ବୃକ୍ଷରୋପଣ

ବାରିକପୁର,୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଜଗନ୍ନାଥ ପ୍ରସାଦ ନିକଟସ୍ଥ ବୈତରଣୀ ନଦୀପଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନଦୀରୁ ଦିନକୁ ଦିନ ଚୋରା ବାଲି ପରିବହନ ବୃଦ୍ଧି ପାଉଥିବାବେଳେ ଏହା ଦ୍ୱାରା ବୈତରଣୀ

ଦିଗ ବଦଳୁଛି। ଏପରିକି ନଦୀ ତଡ଼ିକୁ ମଧ୍ୟ ଖନନ କରାଯାଉଛି। ତେଣୁ କୂଳ ସୁରକ୍ଷା ପାଇଁ ସମାଜସେବୀ ସନ୍ତୋଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗ୍ରାମ୍ୟ ଜଙ୍ଗଲ ଜମି ସମେତ ନଦୀପଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅକ୍ଷୟ ତ୍ରିପାଠୀ ଯୋଗଦେଇ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ବେହେରା, ଯଯାତି ମହାପାତ୍ର, ପ୍ରଦୀପ ମହାପାତ୍ର, ବସନ୍ତ ମହାପାତ୍ର, ମନୋଜ ମହାପାତ୍ର, ଗଗନ ବିହାରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ଦୁଇ ଦିନିଆ ପାଲା ପରିବେଷଣ

ଅସୁରାଳି,୨।୨(ସମିସ): ଧୂଷୁରୀସ୍ଥିତ ବ୍ରାହ୍ମଣପାଳ ଜାଗୁଳାଇ ସାହିରେ ଗାୟକ ଭୂଷଣ ପଣ୍ଡିତ କରୁଣାସିନ୍ଧୁ ନାୟକ ଫାଉଣ୍ଡେସନ ତରଫରୁ ୨ ଦିନିଆ ପାଲା ଆୟୋଜିତ ହୋଇଥିଲା। ସାହିରେ ଆୟୋଜିତ ଏହି ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନରେ ସ୍ଥାନୀୟ ଲୋକଙ୍କର ଭିଡ଼ ଦେଖାଯାଇଥିଲା। ପାଲାରେ ଅଂଶଗ୍ରହଣ କରିଥିବା କଳାକାରମାନେ ଥିଲେ ଗାୟିକା ବିଷ୍ଣୁପ୍ରିୟା ବେହେରା, ଯୁବ ସମ୍ରାଟ ପ୍ରଶାନ୍ତ ବେହେରା, ଗାୟକ ସତ୍ୟବ୍ରତ କର, ଗାୟିକା କବିତା ଦେ, ଗାୟକ ଶରତ ଚନ୍ଦ୍ର ସୂତାର, ଗାୟକ ପ୍ରଶାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ପ୍ରାଧ୍ୟାପକ ବ୍ରଜମୋହନ ନାୟକ, ଉପସଭାପତି ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ସମ୍ପାଦକ ପଣ୍ଡିତ ନୃସିଂହ ଚରଣ ନାୟକ, କୋଷାଧ୍ୟକ୍ଷ ଡ. ନନ୍ଦ କିଶୋର ନାୟକ, ଉପଦେଷ୍ଟା ଓ ପୃଷ୍ଠପୋଷକ ପ୍ରଫେସର ଡ. ରାଜକିଶୋର ନାୟକ, ସଦସ୍ୟ ବାଣୀ କବି ପଣ୍ଡିତ ଦୟାନିଧି ମିଶ୍ର, ଶିକ୍ଷକ ନିରୋଦ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

କେନ୍ଦ୍ର ବଜେଟ ଜନବିରୋଧୀ ଓ ନୈରାଶ୍ୟଜନକ: ସିପିଆଇ(ଏମ୍ଏଲ୍)

ଭଦ୍ରକ, ୨।୨ (ସମିସ): ଦେଶରେ ବଢୁଥିବା ଅସମାନତା, ବେକାରୀ, ଆୟ ହ୍ରାସ, ଲୋକଙ୍କ କ୍ରୟ ଶକ୍ତି କମିବା ଏବଂ ମାନୁଫ୍ୟାକ୍ଚରିଂ କ୍ଷେତ୍ରର ଦୁର୍ଦ୍ଦଶା ମଧ୍ୟରେ ମୋଦୀ ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ୍ ୨୦୨୬-୨୭ ବିଗତ ବର୍ଷଗୁଡ଼ିକ ଅପେକ୍ଷା ସବୁଠାରୁ ଖରାପ ବଜେଟ୍। ଏହି ବଜେଟ୍ "ବିକଶିତ ଭାରତ'ର ଫମ୍ପା ପ୍ରତିଶ୍ରୁତି ଦେଉଥିବାବେଳେ ପ୍ରକୃତରେ ଭାରତୀୟ ଅର୍ଥବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ଜୀବିକା ଉପରେ କ୍ରମାଗତ ଆକ୍ରମଣ ଜାରି ରଖିଛି। କୃଷି ଏବଂ ସାଧାରଣ ଜନତାଙ୍କୁ ଅବହେଳା କରାଯିବା ସହିତ ଏହି ବଜେଟ୍ କୃଷକ, ଶ୍ରମିକ, ଯୁବକ ଏବଂ ମହିଳାଙ୍କ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଅଣଦେଖା କରିଛି। ସାମାଜିକ ସୁରକ୍ଷା ଏବଂ ଗରିବୀ ଦୂରୀକରଣ ଯୋଜନା ପାଇଁ ବଜେଟ୍ ବରାଦ କମାଇ ଦିଆଯାଇଛି କିମ୍ବା ସ୍ଥିର ରଖାଯାଇଛି ବୋଲି ସିପିଆଇ (ଏମ୍ଏଲ୍) ଲିବରେସନ ଜିଲ୍ଲା ସମ୍ପାଦକ ସମର ବଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସଙ୍କଟ, ସରକାରୀ

ସ୍ୱାସ୍ଥ୍ୟସେବା ଡାକ୍ତର, ନର୍ସ ଏବଂ ଭିତ୍ତିଭୂମି ଅଭାବରୁ ଯୁଝୁଥିବାବେଳେ ସରକାର ଘରୋଇକରଣକୁ ପ୍ରୋତ୍ସାହନ ଦେଉଛନ୍ତି। କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ପାଣ୍ଠି ହ୍ରାସ କରାଯାଇଛି। ଡ୍ରୋନ୍ ଏବଂ ଇଓ ବ୍ୟବହାର ନାମରେ କର୍ପୋରେଟ୍ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ଅନ୍ୟପଟେ କ୍ଲାଉଡ୍ ଡାଟା ସେଣ୍ଟର ସ୍ଥାପନ ପାଇଁ ବହୁ ରାଷ୍ଟ୍ରୀୟ କମ୍ପାନୀଙ୍କୁ ଟ୍ୟାକ୍ସ ଛାଡ଼ କରାଯାଉଛି, ଯାହା ଭୂତଳ ଜଳ ହ୍ରାସ ଏବଂ ପରିବେଶ ପ୍ରଦୂଷଣର କାରଣ ସାଜିବ। ଧନୀ ଏବଂ କର୍ପୋରେଟ୍ମାନଙ୍କୁ ଟ୍ୟାକ୍ସ ଛାଡ଼ ମିଳୁଥିବାବେଳେ ସାଧାରଣ ଲୋକଙ୍କ ଉପରେ ମହଙ୍ଗା ମାଡ଼ ଜାରି ରହିଛି।

ଶିକ୍ଷାବିତ୍ ହୃଦାନନ୍ଦ କରଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା

ଦୋବଲ,୨।୨(ସମିସ): ଜ୍ଞାନର ଆଲୋକ ବାଣ୍ଟିବା ପରେ ଏବେ ସମାଜ ସଂସ୍କାରରେ ବ୍ରତୀ। ଶିକ୍ଷକତାରୁ ଅବସର ନେବା ପରେ ମଧ୍ୟ ଯାହାଙ୍କ କର୍ମମୟ ଜୀବନ ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ, ସେହି ବରିଷ୍ଠ ଶିକ୍ଷାବିତ୍ ହୃଦାନନ୍ଦ କରଙ୍କୁ ମିଳିଛି ରାଜ୍ୟସ୍ତରୀୟ ସ୍ୱୀକୃତି। ଅସୁରାଳିଠାରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପଞ୍ଚାୟତିରାଜ୍ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ "ଧାମନଗର ଶୀତ ମହୋତ୍ସବ'ର ଭବ୍ୟ ମଞ୍ଚରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ହୃଦାନନ୍ଦ କର କେବଳ ଜଣେ ଅବସରପ୍ରାପ୍ତ ଶିକ୍ଷକ ନୁହନ୍ତି, ବରଂ ଧାମନଗର ମାଟିର ଏକ ପରିଚିତ ବ୍ୟକ୍ତିତ୍ୱ। ଶିକ୍ଷକତା ସମୟରେ ନିଜର ଶୃଙ୍ଖଳିତ ଜୀବନ ଏବଂ ଛାତ୍ରବତ୍ସଳ ଗୁଣ ପାଇଁ ସେ ସ୍ଥାନୀୟ ଅଞ୍ଚଳରେ ଘରେ ଘରେ ପରିଚିତ। ଅବସର ପରେ ନିଜକୁ ବିଶ୍ରାମରେ ସୀମିତ ନ ରଖି ସେ ସମାଜସେବାକୁ ନିଜର ବ୍ରତ କରିଛନ୍ତି। ଶୀତ ମହୋତ୍ସବ ଭଳି ଏକ ସମ୍ମାନଜନକ ମଞ୍ଚରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ଘଟଣାକୁ ଧାମନଗରର ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

୪ରୁ ନଟରାଜ ସାଂସ୍କୃତିକ ଅନୁଷ୍ଠାନର ନାଟ୍ୟ ମହୋତ୍ସବ

ଭଦ୍ରକ,୨।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସୌଜନ୍ୟରୁ ଓ ରାଜ୍ୟର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ ଭଦ୍ରକର ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୪ରୁ ୭ ତାରିଖ ଯାଏଁ ୪ଦିନ ବ୍ୟାପୀ 'ନାଟ୍ୟ ମହୋତ୍ସବ-୨୦୨୬' ଅନୁଷ୍ଠିତ ହେବ।

ନଟରାଜ ସାଂସ୍କୃତିକ ଅନୁଷ୍ଠାନର ଦ୍ୱାବିଂଶତମ ବାର୍ଷିକୋତ୍ସବ ଅବସରରେ ଭଦ୍ରକ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବ ଏହି ନାଟ୍ୟ ମହୋତ୍ସବ। ପ୍ରଥମ ସନ୍ଧ୍ୟାରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ "ଜଣେ ରାଜା ଥିଲେ' ନାଟକ ମଞ୍ଚସ୍ଥ ହେବ। ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଓ ଜିଲ୍ଲାପାଳ

ଦିଲ୍ଲୀପ ରାଉତରାଏ ଅତିଥିଭାବେ ଯୋଗଦେବେ। ସେହିଭଳି ୨ୟ ସନ୍ଧ୍ୟାରେ ବାରିପଦା 'ରୂପାନ୍ତର' ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ 'ଅପଦାର୍ଥ', ୩ୟ ସନ୍ଧ୍ୟାରେ ରାଉରକେଲାର 'ସ୍ୱନ୍ଦନ' ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ "ଜନ୍ମ ମାଟି', ୭ ତାରିଖ ଶେଷ ସନ୍ଧ୍ୟାରେ ଭୁବନେଶ୍ୱର 'ବିଦ୍ୟା କନକ' ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ "କୁହୁଡ଼ି' ମଞ୍ଚସ୍ଥ ହେବ ବୋଲି ଭଦ୍ରକ ପୁରୁଣା କଚେରି ପରିସରରେ ଥିବା ଓକିଲ ସଂଘ ସମ୍ମିଳନୀ କକ୍ଷରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥର ମଧ୍ୟ ଅନୁଷ୍ଠାନ ପକ୍ଷରୁ 'ନାଟକ ଦେଖନ୍ତୁ, ପୁରସ୍କାର ଜିତନ୍ତୁ' କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀରେ ନଟରାଜ ସାଂସ୍କୃତି ଅନୁଷ୍ଠାନ ସଭାପତି ନାଟ୍ୟକାର ଡ. ସୁଧାଂଶୁ ନାୟକ, ଉପସଭାପତି ଶିବପ୍ରସାଦ ମହାନ୍ତି, ସମ୍ପାଦକ ଦେବବ୍ରତ ମହାନ୍ତି (ବବି), ନାଟ୍ୟକାର ଲାଲାଟେନ୍ଦୁ ମହାନ୍ତି, ନିର୍ମଳ ପରିଡ଼ା, ଶୁଭେନ୍ଦୁ ବେହେରା, ପ୍ରଦୀପ ବାରିକ, ବୃନ୍ଦାବନ ସାହୁ ଓ କମଳଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସାହିତ୍ୟିକ ଅର୍ଜୁନ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଧାମନଗର,୨।୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତର ବିଶିଷ୍ଟ ସାରସ୍ୱତ ସାଧକ ଅର୍ଜୁନ ଚରଣ ପଣ୍ଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧାମନଗର କାନ୍ତ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ମହତାବ ସେବା ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାନ୍ତ ସାହିତ୍ୟ ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ସନ୍ତୋଷ ପାଢ଼ୀ, ଭାବଗ୍ରାହୀ ଖୁଣ୍ଟିଆ, ରାଧେଶ୍ୟାମ ପଣ୍ଡା, ସୁରେନ୍ଦ୍ର ସେଠୀ, ସିଦ୍ଧେଶ୍ୱର ସାମଲ, ସେକ୍ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅର୍ଜୁନ ଚରଣ ପଣ୍ଡାଙ୍କ ସ୍ୱରଚିତ ଓ ପ୍ରକାଶିତ ପ୍ରାୟ ୩୭ ଖଣ୍ଡ ପୁସ୍ତକ ବେଶ୍ ଲୋକାଦୃତ ହୋଇଥିବାବେଳେ ଏହି ସାହିତ୍ୟକୃତି ତାଙ୍କୁ ଅମର

ପରିଷଦର ସଭାପତି ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପରିଷଦର ସାଧାରଣ ସମ୍ପାଦକ ମନୋଜ କୁମାର ସିଂହ, ପ୍ରାକ୍ତନ ସଭାପତି ରସାନନ୍ଦ ମହାପାତ୍ର, ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା, ବାସୁଦେବ ତ୍ରିପାଠୀ, ବରିଷ୍ଠ ସଦସ୍ୟ କରି ରଖିବ ବୋଲି ବକ୍ତାମାନେ କହିଥିଲେ। ତାଙ୍କ ଦେହାନ୍ତରେ ଜିଲ୍ଲା ଜଣେ ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ହରାଇଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

ଐତିହାସିକ ଝାଡ଼ପଟା ଦୋଳ ମେଳଣ ପ୍ରସ୍ତୁତି ବୈଠକ

ଦୋଳସାହି,୨।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ଝାଡ଼ପଟା ଗାଁରେ ଅନୁଷ୍ଠିତ ହେଉଥିବା ଐତିହାସିକ ଦୋଳ ମେଳଣ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗଜୀବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ସରପଞ୍ଚ ମାମିନା ଜେନା ଯୋଗଦେଇଥିଲେ। ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରି ଦୋଳ ମେଳଣ ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଠାକୁର ବାଡ଼ିଆ ନନ୍ଦ କିଶୋର ପାଣିଗ୍ରାହୀ, ଅତୁଲ୍ୟ ପାଢ଼ୀ, ପ୍ରାଣବନ୍ଧୁ ପାଣିଗ୍ରାହୀ, ମନୋଜ ତ୍ରିପାଠୀ, ଶ୍ରୀକାନ୍ତ ତ୍ରିପାଠୀ, ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ମନ୍ମଥ ଦାସ, ଶାନ୍ତନୁ ପାଣିଗ୍ରାହୀ, ସତ୍ୟାନନ୍ଦ ତ୍ରିପାଠୀ, ଅଜୟ ପଣ୍ଡା, ନରହରି ପୃଷ୍ଟି, ରାମଚନ୍ଦ୍ର ସାହୁ, ଦାଶରଥୀ ମହାପାତ୍ର ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

କ୍ଷେତ୍ରପାଳରେ ତ୍ରିଦିବସୀୟ ଯଜ୍ଞ କାର୍ଯ୍ୟକ୍ରମ

ବନ୍ତ/ଆଗରପଡ଼ା,୨।୨(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମ ନିକଟସ୍ଥ ଶ୍ରୀକ୍ଷେତ୍ରପାଳ ପୀଠରେ ତ୍ରିଦିବସୀୟ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଶାକର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ୪୪ ବର୍ଷର କ୍ଷେତ୍ରପାଳ ମନ୍ଦିରରେ ଯଜ୍ଞ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ପଣ୍ଡା, ବିଷ୍ଣୁମୋହନ ପଣ୍ଡା, ଗୋପୀନାଥ ପଣ୍ଡା ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ମୁଖ୍ୟ ପୁରୋଧା ଭାବରେ ବିଷ୍ଣୁ ମୋହନ ପଣ୍ଡା, ବାସନ୍ତିଲତା ପଣ୍ଡା ପ୍ରଥମଦିନ କାୟାଶୁଦ୍ଧି ତର୍ପଣ, ଗୋପୂଜା, ଗୋଦାନ, ଦ୍ୱିତୀୟ ଦିନ କ୍ଷେତ୍ରପାଳ ପୁଷ୍କରିଣୀରେ ଘଟଉତ୍ତୋଳନ କରି ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପକୁ ଅଣାଯାଇଥିଲା। ମୁଖ୍ୟ ପୂଜକ ଭାବେ ମାଧ ପାଣିଗ୍ରାହୀ, ଭଗବାନ ପତି, ଅଭିମନ୍ୟୁ ପଣ୍ଡା, ବୁଲା ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ତ୍ରିଦିବସୀୟ କାର୍ଯ୍ୟକ୍ରମ ପରିଚାଳନାରେ ମାଳତୀ ପଣ୍ଡା, ହରିଶଙ୍କର ପଣ୍ଡା, ଶିବ ଶଙ୍କର ପଣ୍ଡା, ବିଜୟ ଲକ୍ଷ୍ମୀ ପଣ୍ଡା, ସୌଭାଗ୍ୟଲକ୍ଷ୍ମୀ ପଣ୍ଡା, ସନ୍ଦୀପ ରଥ, ଲଳିତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

ସରସଦାଠାରେ ଭାଗବତ ପାରାୟଣ

ବାରିକପୁର,୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ଟୁଙ୍ଗି ପରିସରରେ ୪୦ତମ ବାର୍ଷିକ ଭାଗବତ ପ୍ରବଚନ ମହାଯଜ୍ଞ ଉଦ୍ଯାପିତ ହୋଇଯାଇଛି। ବ୍ୟାସଜୀ ରାମଚନ୍ଦ୍ର ପତି, ଧାରକ ରୁଦ୍ରପ୍ରତାପ ମିଶ୍ର ଓ ପୂଜକ ନୀଳମଣି ପତିଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପାଦନ ହୋଇଥିଲା। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ପିତାମ୍ବର ଭଞ୍ଜ ଓ ଉମାକାନ୍ତ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ଉମାକାନ୍ତ ପାତ୍ର ଓ ସମ୍ପାଦକ ନଟବର ରାଉଳଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନ ମଙ୍ଗଳ ଆଳତି, ଭାଗବତ ପାଠ, ଭଜନ ସମାରୋହ ଓ ପ୍ରବଚନ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଶହଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଆୟୋଜିତ ବାର୍ଷିକ ଉତ୍ସବକୁ ସଦସ୍ୟ ନିରଞ୍ଜନ ପ୍ରଧାନ, ପିତବାସ ଭଞ୍ଜ, ରାଜକିଶୋର ସ୍ୱାଇଁ, ଶଶିଭୂଷଣ ସାହୁ, ନୃସିଂହ ନାୟକ, ଗଗନ ବିହାରୀ ଶଙ୍ଖୁଆ, ରବିନ୍ଦ୍ର ଷେଣ୍ଠ, ଜୟନ୍ତ ଷେଣ୍ଠ, ରବୀନ୍ଦ୍ର ସ୍ୱାଇଁ, ଶେଷଦେବ ସ୍ୱାଇଁ, ମୁରଲୀଧର ଦାସ ପ୍ରମୁଖ ପରିଚାଳନା କରିଥିଲେ।

ସ୍କୁଲ ଶିକ୍ଷା ପାଠ୍ୟକ୍ରମ ପ୍ରଶିକ୍ଷଣ

ବାରିକପୁର,୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ହାରାମଣୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ୫ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହ ଶିକ୍ଷା ଅଧିକାରିଣୀ ମଞ୍ଜୁଳା ନାୟକ, ବିଦ୍ୟୁତ୍ଲତା ଜେନା, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରଶିକ୍ଷକ କରୁଣାକର ପ୍ରଧାନ, ଜୟଦେବ ସେନାପତି, ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଶିବିର ପରିଦର୍ଶନ କରିଥିଲେ। ପ୍ରାୟ ୫୦ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି।

ସାମ୍ବାଦିକଙ୍କ ପିତୃ ବିୟୋଗ

ଭଦ୍ରକ,୨।୨(ସମିସ): ଭଦ୍ରକ ବ୍ଲକ୍ ବେତରା ପଞ୍ଚାୟତ ମୂଳଗାଁର ବିଶିଷ୍ଟ ସମାଜସେବୀ, ଧର୍ମପରାୟଣ ବ୍ୟକ୍ତି ତଥା ବରିଷ୍ଠ ସାମ୍ବାଦିକ ଶାନ୍ତନୁ ପଣ୍ଡାଙ୍କ ପିତା ମାନଗୋବିନ୍ଦ ପଣ୍ଡାଙ୍କର ସୋମବାର ୮୭ ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଦୀର୍ଘ ଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ସମଗ୍ର ବେତରା ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଅନେକ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁବେଳେ ବଡ଼ ପୁଅ ଶ୍ରୀନିବାସ ପଣ୍ଡ, ସୁଧାଂଶୁ ପଣ୍ଡା, ଶାନ୍ତନୁ ପଣ୍ଡା, ଚନ୍ଦନ ପଣ୍ଡା, ପୁତ୍ର ବଧୂ ବ୍ରହ୍ମତ୍ରି ପଣ୍ଡା, ସରୋଜ ନଳିନୀ ପଣ୍ଡା, ରଶ୍ମିପ୍ରଭା ପଣ୍ଡା, ନାତୁଣୀ ଲୋପାମୁଦ୍ରା ପଣ୍ଡା ଉପସ୍ଥିତ ଥିଲେ।

ମଣିନାଥପୁର ସରସ୍ୱତୀ ପୂଜା ଉଦ୍ଯାପିତ

ଭଣ୍ଡାରିପୋଖରୀ,୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର ଗୋପବନ୍ଧୁ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ମା' ସରସ୍ୱତୀ ବାର୍ଷିକ ପୂଜା ଶନିବାର ରାତ୍ରରେ ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି କ୍ଲବ୍ ପରିସରରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଉନ୍ମୋଚନ କରିଥିଲେ। ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡ଼ି ଅନୁଷ୍ଠିତ ହୋଇଥିଲା। ଶନିବାର ରାତ୍ରରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଭସାଣ ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ ଯୁବକ ସଂଘର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।

ପଞ୍ଚସଖା ଭବମୁକ୍ତି ସେବାଶ୍ରମ ପ୍ରତିଷ୍ଠା ଦିବସ ଉଦ୍ଯାପିତ

ବନ୍ତ/ଆଗରପଡ଼ା,୨।୨(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ଗୋପାଳପୁର ଗ୍ରାମରେ ପଞ୍ଚସଖା ଭବମୁକ୍ତି ସେବାଶ୍ରମ ପ୍ରତିଷ୍ଠା ଦିବସ ଓ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ଜନ୍ମ ବାର୍ଷିକୀ ଆଶ୍ରମରେ ୩ ଦିନ ଧରି ଧୁମ୍ଧାମ୍ରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଏ ବର୍ଷ ଗୋପାଳପୁରସ୍ଥିତ ମହାଦେବ ପୁଷ୍କରିଣୀରେ ୩୧୧ଟି କଳସ ଘଟଉତ୍ତୋଳନ କରି ଗ୍ରାମ ବଜାର ପରିକ୍ରମା ପରେ ଆଶ୍ରମକୁ ଅଣାଯାଇଥିଲା। ପୂଜାରୀ ବିଷ୍ଣୁ ମୋହନ ଶତପଥୀଙ୍କ ସମେତ ସମସ୍ତ ପୂଜକ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଆଶ୍ରମର ମୁଖ୍ୟ ପୁରୋଧା ପ୍ରଧାନ ନ୍ୟାସିକ ବାବାଜୀ ରବିନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତପସ୍ୱିନୀ ପାଢ଼ୀଙ୍କ ଦ୍ୱାରା ପ୍ରବଚନ, ପାଲା, ଧୁଡୁକି, ଭଜନ, ନାମ ସଙ୍କୀର୍ତ୍ତନ ମଣ୍ଡଳୀ, ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲାରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନିକୁନି କଳାକାର ଯୋଗଦେଇଥିଲେ। ଏହି ନୃତ୍ୟ ସଂଗୀତ କାର୍ଯ୍ୟକ୍ରମରେ ଗଣେଶ ପ୍ରସାଦ ଦାସଙ୍କ ମଞ୍ଚ ପରିଚାଳନାରେ ୫୦ରୁ ଊର୍ଦ୍ଧ୍ୱ କଳାକାର ଅଂଶ ଗ୍ରହଣ କରିଥିବାବେଳେ ବିଜେତା କୁନି କଳାକାରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ପରିଚାଳନାରେ ବାବାଜୀ ବସନ୍ତ କୁମାର, ରାମଚନ୍ଦ୍ର ତ୍ରିପାଠୀ, ତୁଳସୀ ଦାସ, ଚକ୍ରଧର ଗିରି, ନିତ୍ୟାନନ୍ଦ ପାଳ, ପ୍ରକାଶ ଚନ୍ଦ୍ର ଗିରି, ସୁକାନ୍ତ ଗିରି, ବିଜୟ ଗିରି, ମାର୍କଣ୍ଡ ଗିରି, ରମାକାନ୍ତ ଜେନା, ସୁବାସ ଚନ୍ଦ୍ର ଗିରି, ସଞ୍ଜୟ ଗିରି, ପ୍ରଫୁଲ୍ଲ ଜେନା, ପଦ୍ମନାଭ ସାହୁ ସମେତ ସମସ୍ତ ଆଶ୍ରମ ଭକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଗୁଆମାଳ ପଞ୍ଚାୟତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

୪ ମାସ ହେଲା ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ରୋଗୀ

ଦୋଳସାହି,୨।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାଧାରଣ ଲୋକଙ୍କ ଦାବି ପରେ ଏକ ଆମ୍ବୁଲାନ୍ସ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା। ତେବେ ବିବାଦ ଯୋଗୁଁ ଗତ ୪ ମାସ ଧରି ରୋଗୀ ଏହି ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଜନସେବକଙ୍କ ବିବାଦ ପାଇଁ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଛନ୍ତି ରୋଗୀ। ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଖପାଖ ୫ଟି ପଞ୍ଚାୟତର ରୋଗୀମାନେ ଚିକିତ୍ସା ସେବା ପାଇଁ ନିର୍ଭର କରିଥାନ୍ତି। ପଞ୍ଚାୟତର ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗର୍ଭବତୀ ମହିଳାଙ୍କ ପାଇଁ ଏକ ଆମ୍ବୁଲାନ୍ସ ଯୋଗାଇଦେବାକୁ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଗତ ୭ ମାସ ତଳେ ଲୋକେ ଦାବି କରିଥିଲେ। ଲୋକଙ୍କ ଦାବି ପରେ ଏକ ଆମ୍ବୁଲାନ୍ସ ସରକାରଙ୍କ ପକ୍ଷରୁ ଯୋଗାଇଦେବା ପାଇଁ ୪ ମାସ ତଳେ ପ୍ରଶାସନିକ ଅଧିକାରୀ ଗୁଆମାଳ ଡାକ୍ତରଖାନାକୁ ଗସ୍ତ କରିବା ସହ ଡାକ୍ତର ଓ ଜନପ୍ରତିନିଧିଙ୍କ ସହ ଆମ୍ବୁଲାନ୍ସ ରଖିବା ପାଇଁ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଡାକ୍ତର ପ୍ରଣବ ମହାନ୍ତିଙ୍କୁ ପଚାରିବାରୁ ଆମ୍ବୁଲାନ୍ସ ଆସିବା ପାଇଁ ସରକାରୀ ଭାବେ କାଗଜପତ୍ର ହୋଇଥିବା କହିବା ସହ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୨୪ ଘଣ୍ଟିଆ ଖୋଲା ରହିବା ନିୟମ ନ ଥିବା କହିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ଗୁଆମାଳ ପଞ୍ଚାୟତର ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାନ ସଂଗ୍ରହ ପରେ ଆମ୍ବୁଲାନ୍ସ ଏଠାରେ ରହିବାକୁ ତଦନ୍ତରେ ଆସିଥିବା ପ୍ରଶାସନିକ କର୍ମଚାରୀଙ୍କୁ କହିଥିବା କହିଛନ୍ତି। ଏହି ଆମ୍ବୁଲାନ୍ସ ସେବାରୁ ରୋଗୀ ବଞ୍ଚିତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ଏହି ଆମ୍ବୁଲାନ୍ସ ଡାକ୍ତରଖାନା ପରିସରରେ ରଖିବାକୁ ସାଧାରଣରେ ଦାବି ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଅଭିଯୋଗର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ବିରଞ୍ଚି ନାରାୟଣ ମନ୍ଦିରରେ ଐତିହାସିକ ଗୁଣ୍ଡୁଣୀ ଯାତ୍ରା

ହଜାର ହଜାର ଶ୍ରଦ୍ଧାଳୁଙ୍କ ଫୁଲ ଛତା ପ୍ରଦାନ

ତିହିଡ଼ି, ୨।୨(ସମିସ)

ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର ଭାବେ ପରିଚିତ ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ପଞ୍ଚାୟତରେ ଅବସ୍ଥିତ ବିରଞ୍ଚି ନାରାୟଣ ମନ୍ଦିର ପରିସରରେ ଐତିହାସିକ ଗୁଣ୍ଡୁଣୀଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ଐତିହାସିକ ଯାତ୍ରାରେ ପ୍ରଥମ ଦିବସରେ ହଜାର ହଜାର ଯାତ୍ରୀ ସମାଗମ ହୋଇଥିବା ଜଣାଯାଇଛି। ଏହି ଦିବସରେ ମାନସିକ ଫୁଲ ଛତା ଠାକୁରଙ୍କ ନିକଟରେ ପ୍ରଦାନ କଲେ ଚର୍ମ ରୋଗ ଓ କୁଷ୍ଠ ରୋଗ ଭଲ ହୋଇଯିବାର ବିଶ୍ୱାସ ରହିଥିବାବେଳେ ପ୍ରଥମ ଦିବସରେ ବହୁ ଭକ୍ତ ଫୁଲ ଛତା ପ୍ରଦାନ କରିଛନ୍ତି। ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଛନ୍ତି।

ସାଧାରଣତଃ ମାଟିରେ ପ୍ରସ୍ତୁତ ହାଣ୍ଡି, ଆଟିକା, ସୁରେଇ, କଳସ, ପଲମ ଆଦି ପୂର୍ବରୁ ମେଳାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବାବେଳେ ଗତ କିଛି ବର୍ଷ ହେଲା ତାହା ଆଉ ଦେଖିବାକୁ ମିଳୁନି। ସେହିପରି ଗ୍ରାମ୍ୟ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କଣ୍ଢେଇ, କାଇଁଚରୁ ନିର୍ମିତ ପ୍ରସ୍ତୁତ ଦ୍ରବ୍ୟ, ଚଣା ଉଖୁଡ଼ା ଓ ଖୁଦୁମା ଆଦି ମିଷ୍ଟାନ୍ନ

ଠାକୁରଙ୍କୁ ଫୁଲ ଛତା ପ୍ରଦାନ କଲେ କୁଷ୍ଠ ଓ ଚର୍ମ ରୋଗ ଭଲ ହୁଏ

ଏହି ମେଳାର ବିଶେଷତ୍ୱ ଥିବାବେଳେ ତାହା ଆଉ ମିଳି ନ ଥିବାରୁ ବୟସ୍କ ଲୋକେ ବେଶ୍ ଝୁରି ହୁଅନ୍ତି। ଅଗିରା ପୂର୍ଣ୍ଣମୀ ପରଦିନ ପାଳିତ ହେଉଥିବା ଗୁଣ୍ଡୁଣୀ ଯାତ୍ରା ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ପର୍ବ। ଏହି ଦିନଠାରୁ ଶୀତର ପ୍ରକୋପ କମୁଥିବାରୁ ସୂର୍ଯ୍ୟଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ପୂର୍ବକ ଲୋକମାନେ ବିରଞ୍ଚି ନାରାୟଣଙ୍କ ମନ୍ଦିର ନିକଟରେ ଏକୀଭୂତ ହେବାର ପରମ୍ପରା ଗୁଣ୍ଡୁଣୀ

ଯାତ୍ରାର ବିଶେଷତ୍ୱ। ପାଳିଆ ଗ୍ରାମ ନିକଟରେ ଅତୀତରେ ସମୁଦ୍ର ଥିବାର ବହୁ ପ୍ରମାଣ ଥିବାବେଳେ ଜନଶ୍ରୁତି ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ପୌତ୍ର ଶାମ୍ବ ଅଭିଶାପଜନିତ ବ୍ୟାଧିରେ ମୁକ୍ତି ପାଇଁ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଉପଦେଶ କ୍ରମେ ଏଠାରେ ଥିବା ସମୁଦ୍ର କୂଳରେ ଅର୍କପୂଜା ପାଇଁ ସ୍ଥାନ ନିରୂପଣ କରିଥିଲେ। କୋଣାର୍କ ମନ୍ଦିରର ବହୁ ପୂର୍ବରୁ ଏହି ମନ୍ଦିର ନିର୍ମାଣ ହୋଇଥିବା ଆଲୋଚନା ହୋଇଥାଏ। କୋଣାର୍କ ମନ୍ଦିର ଢାଞ୍ଚାରେ ଗଠିତ ଏହି ମନ୍ଦିରଟି ରଥ ଆକାରରେ ନିର୍ମିତ ହୋଇଛି। ୭୫ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରରେ ୧୬ଟି ରଥଚକ ଓ ମନ୍ଦିର ମଧ୍ୟରେ ଚାରିମୁଖା ସୂର୍ଯ୍ୟ ମୂର୍ତ୍ତି ଥିବାର ଦେଖାଯାଇଥାଏ। ପ୍ରତ୍ୟେକ ମୂର୍ତ୍ତି ସପ୍ତ ଅଶ୍ୱ ଯୋଚା ରଥରେ ଅବସ୍ଥାପିତ। ମନ୍ଦିର ଚତୁଃପାର୍ଶ୍ୱରେ ମାଙ୍କଡ଼ା ପ୍ରସ୍ତରରେ ନିର୍ମିତ ପ୍ରାଚୀରକୁ କେନ୍ଦ୍ରକରି ବହୁ ସୁନ୍ଦର କିମ୍ବଦନ୍ତୀ ମଧ୍ୟ ଅଛି। ଫୁଲ ଛତା ଓ ଫୁଲ ବିଞ୍ଚଣା ମାନସିକ କଲେ କୁଷ୍ଠ ରୋଗ ପରି ବହୁ ଚର୍ମରୋଗ ଭଲ ହୋଇଯିବାର ବିଶ୍ୱାସ ଯାତ୍ରୀମାନଙ୍କୁ ଏଠାକୁ ଆକର୍ଷିତ କରିଥାଏ।

କଳାପାହାଡ଼ ଆକ୍ରମଣର ଶିକାର ହୋଇଥିବା ଏହି ମନ୍ଦିରର ଇତିହାସ କେହି କହିପାରୁ ନ ଥିଲେ ବି ନବମ ଶତାବ୍ଦୀରେ ଏହା ନିର୍ମିତ ବୋଲି କେହି କେହି କହିଥା'ନ୍ତି। ନବମ ଶତାବ୍ଦୀରେ ପାଳିଆରେ ଥିଲା ଏକ ସମୃଦ୍ଧଶାଳୀ ବାଣିଜ୍ୟ କେନ୍ଦ୍ର। ସେଥିପାଇଁ ଗଢ଼ି ଉଠିଥିଲା ଶ୍ରୀଶ୍ରୀ ବିରଞ୍ଚି ନାରାୟଣଙ୍କ ମନ୍ଦିର। 'ପାଳିଆକୁ ସମୁଦ୍ର କେତେ ଦୂର ଘୁଞ୍ଚିଗଲା' ବୋଲି ଆଜି ମଧ୍ୟ ଲୋକ ମୁଖରୁ ଶୁଣାଯାଏ। ପାଳିଆରୁ କ୍ରମଶଃ ସମୁଦ୍ର ଘୁଞ୍ଚିଘୁଞ୍ଚି ଯାଉଛି। ଅତୀତରେ ମନ୍ଦିରର ମୂର୍ତ୍ତି ତଥା ପାର୍ଶ୍ୱ ଦେବତାମାନେ କ୍ଷତବିକ୍ଷତ ହୋଇଛନ୍ତି। କିନ୍ତୁ ଏହି ଐତିହାସିକ ବିରଞ୍ଚି ନାରାୟଣଙ୍କ ପୀଠରେ ହଜିନାହିଁ ପରମ୍ପରା, ଜାନିଯାତ୍ରା, ପର୍ବପର୍ବାଣୀ ଇତ୍ୟାଦି। ଗୁଣ୍ଡୁଣୀ ଯାତ୍ରା ପରି ଏଠାରେ ମକର ଉତ୍ସବ, ମାଘ ଷଷ୍ଠୀରେ ବଡ଼ ସିଂହାସନ ବେଶ ଓ ନୌବାଣିଜ୍ୟ ସ୍ମାରକୀ ସ୍ୱରୂପ କାର୍ତ୍ତିକ ପୂର୍ଣ୍ଣିମାରେ ନୌବାଣିଜ୍ୟ ଉତ୍ସବ, ଦୋଳ, ଜାଗର ଆଦି ମେଳା ମଧ୍ୟ ଅନୁଷ୍ଠିତ ହୋଇଥାଏ।

ନରସିଂହପୁର ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ

ଅସୁରାଳି, ୨।୨(ସମିସ): ଧୂଷୁରୀ ପଞ୍ଚାୟତ ଅଧୀନ ନରସିଂହପୁର ଗାଁରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ୯ ବର୍ଷ ଧରି ପାଳିତ ହେଉଥିବା ବାର୍ଷିକ ଉତ୍ସବ ଏବେ ଗ୍ରାମୀଣ ସଂସ୍କୃତିର ଏକ ପ୍ରମୁଖ ପରିଚୟରେ ପରିଣତ ହୋଇଛି। ଏହି ଉତ୍ସବ କେବଳ ଧାର୍ମିକ ଆଚାରବିଚାରରେ ସୀମିତ ନୁହେଁ, ବରଂ ଜଗନ୍ନାଥ ସଂସ୍କୃତିର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ମହତ୍ତ୍ୱକୁ ପ୍ରତିପାଦନ କରୁଛି। ମନ୍ଦିରର ସଭାପତି ନିଶିକାନ୍ତ ସ୍ୱାଇଁ ଓ ସହଧର୍ମିଣୀ ଶୁଭଶ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ଉତ୍ସବର କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପଣ୍ଡିତ ସନ୍ତୋଷ କୁମାର ମିଶ୍ର, ପଣ୍ଡିତ ଶଶିକାନ୍ତ ପାଣି ଓ ଅନ୍ୟାନ୍ୟ ପୁରୋହିତମାନଙ୍କ ଦ୍ୱାରା ଯଜ୍ଞ, ପୂଜାପାଠ ଓ ଧାର୍ମିକ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହା ଜଗନ୍ନାଥଙ୍କୁ ନିଜର ଭକ୍ତି, ଶ୍ରଦ୍ଧା ଓ ସମର୍ପଣର ପ୍ରତିକ ଭାବେ ପ୍ରକାଶ କରିଥିଲା। ଉତ୍ସବରେ ୪୦୦ରୁ ଅଧିକ ମହିଳାଙ୍କ ସାମିଲ୍‌ରେ ବିରାଟ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହା ଗ୍ରାମୀଣ ସମାଜରେ ନାରୀଙ୍କ ଭୂମିକା ଓ ସାମୂହିକ ଭକ୍ତିର ଶକ୍ତିକୁ ପ୍ରତିପାଦନ କରିଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମୀଣ କଳା, ସଙ୍ଗୀତ ଓ ନୃତ୍ୟର ସମ୍ବଳକୁ ପ୍ରକାଶ କରିଥିଲା। ଆଶା କର୍ମୀ ଦେବସ୍ମିତା ଜେନା ଓ ଦ୍ରୌପଦୀ ସାହୁଙ୍କ ସ୍ୱାସ୍ଥ୍ୟ ସେବା, ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବଣ୍ଟନ ଏବଂ ସମସ୍ତଙ୍କୁ ସାମିଲ୍ କରିଥିବା ସାମୂହିକ ଯଜ୍ଞ ଏହା ସ୍ପଷ୍ଟ କରିଥିଲା ଯେ ଜଗନ୍ନାଥ ସଂସ୍କୃତି କେବଳ ଧାର୍ମିକ ନୁହେଁ, ସମାଜସେବା ଓ ସାମୂହିକ ସହଭାଗିତାର ପ୍ରତିକ।

ଜନ୍ମଦିନରେ ରୋଗୀଙ୍କୁ ଫଳ ବଣ୍ଟନ

ଭଦ୍ରକ, ୨।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବିନତରା ଗାଁର କବୟିତ୍ରୀ, ସମାଜସେବୀ ନିରୁପମା ପାଣି ନିଜ ଜନ୍ମଦିନରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଛନ୍ତି। ନିରୁପମା ପାଣିଙ୍କ ୫୪ତମ ଶୁଭ ଜନ୍ମତିଥି ଅବସରରେ ଏକ ନିରାଡ଼ମ୍ବର ଭାବେ ଜନ୍ମଦିନ ପାଳନ କରିଛନ୍ତି। କବୟିତ୍ରୀ ନିରୁପମା ପାଣିଙ୍କ ଏହି ପଦକ୍ଷେପକୁ ସମସ୍ତ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ଏହିଭଳି ମହତ୍ କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। କବୟିତ୍ରୀ ନିରୁପମା ପାଣିଙ୍କ ଏହିଭଳି ଉଚ୍ଚ କୋଟିର ସାମାଜିକ ମନୋଭାବ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଅବସରରେ ତାଙ୍କ ପୁତ୍ର ପ୍ରଶାନ୍ତ ପାଣି, ସମାଜସେବୀ ତଥା ଯୁବନେତା ବିରେନ ସାହୁ ଉପସ୍ଥିତ ରହି ନିରୁପମାଙ୍କୁ ସହାୟତା କରିଥିଲେ।

ଗରଦପୁରସ୍ଥିତ ହାଇସ୍କୁଲ ଜମି ଅଧିଗ୍ରହଣ ତ୍ୱରାନ୍ୱିତ ହେଉ

ଭଦ୍ରକ, ୨।୨(ସମିସ): ଭଦ୍ରକ ପୌରାଞ୍ଚଳ ୨୯ ନଂ ୱାର୍ଡର ଗରଦପୁରସ୍ଥିତ ସତ୍ୟସାଇ ବିଷ୍ଣୁମୋହନ ସରକାରୀ ହାଇସ୍କୁଲର ଖେଳ ପଡ଼ିଆ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କରେ ଗ୍ରାମବାସୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ତାଙ୍କର ଭଦ୍ରକସ୍ଥିତ ବାସଭବନରେ ଭେଟି ଆଲୋଚନା କରିଛନ୍ତି। ଜମି ଅଧିଗ୍ରହଣ ପାଇଁ ଯେଉଁସବୁ ପ୍ରାଥମିକ ପଦକ୍ଷେପ ସରକାରୀସ୍ତରରେ ଏ ପର୍ଯ୍ୟନ୍ତ ନିଆଯାଇଛି, ତାହାର ବିଷଦ୍ ଆଲୋଚନା କରାଯାଇଥିଲା ଏବଂ ସେସବୁର ନଥିପତ୍ରର ନକଲ ସବୁ ମନ୍ତ୍ରୀଙ୍କୁ ଦିଆଯାଇଥିଲା। ଭଦ୍ରକର ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଅତିରିକ୍ତ ଜିଲ୍ଲାପାଳଙ୍କ ଏ ଦିଗରେ ସାହାଯ୍ୟ ପାଇଁ ଉପସ୍ଥିତ ପ୍ରତିନିଧିମାନେ ଶିକ୍ଷାମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ମନ୍ତ୍ରୀ ମଧ୍ୟ ଜମି ଅଧିଗ୍ରହଣ ପ୍ରସଙ୍ଗକୁ ଗୁରୁତ୍ୱ ଦେବା ସହିତ ସରକାରୀସ୍ତରରେ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟ ନିମନ୍ତେ ଖେଳ ପଡ଼ିଆର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ମଧ୍ୟ ଅନୁଭବ କରିଛନ୍ତି। ଏହି ଆଲୋଚନାରେ ଗ୍ରାମର ସର୍ବଶ୍ରୀ ଲକ୍ଷ୍ମଣ କୁମାର ମହାନ୍ତି, ପ୍ରଦ୍ୟୋତନ, ସୁଆର, ରବିନାରାୟଣ ଯେନା, ସୁଧାଂଶୁ ଶେଖର ମହାନ୍ତି, ବିଜୟ କୁମାର ଅଗସ୍ତି, ହରିହର ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ ଏବଂ ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିଥିଲେ। ଆଲୋଚନା ସକାରାତ୍ମକ ହୋଇଥିବାବେଳେ ଆଗାମୀ ବିଧାନସଭା ଅଧିବେଶନ କାଳରେ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାକୁ ସ୍ଥିର କରାଯାଇଛି।

ବିଶେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବନ୍ତ/ଆଗରପଡ଼ା, ୨।୨(ସମିସ): ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ରଇଁତିରା ଗ୍ରାମର ପ୍ରତ୍ୟକ୍ଷ ଠାକୁର ବିଶେଶ୍ୱର ମହାଦେବଙ୍କ ପୂର୍ଣ୍ଣାଙ୍ଗ ଓ ମୁଣ୍ଡି କାର୍ଯ୍ୟ ସମ୍ପନ୍ନ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଯଥାରୀତିରେ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତିବେଳେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ବିଶେଶ୍ୱରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସତ୍ୟବ୍ରତ ମଲ୍ଲିକ ଓ ମାଧୁରୀ ମଲ୍ଲିକ କର୍ତ୍ତା କାର୍ଯ୍ୟ ତୁଲାଇଥିବାବେଳେ ପଣ୍ଡିତ ରତ୍ନାକର ଶତପଥୀ, ଦାମୋଦର ଶତପଥୀ, ସୁଦାମ ଶତପଥୀ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, କୃଷ୍ଣଚରଣ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଶରତ ଜେନା, ସରପଞ୍ଚ ପ୍ରକାଶ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, କାର୍ତ୍ତିକ ଜେନା, ସାମ୍ବାଦିକ ଅକ୍ଷୟ ସିଂହ ପ୍ରମୁଖ ବିଶେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ। ଶିକ୍ଷାବିତ୍ ଅଜିତ୍ ରାଉଳ, ବାଞ୍ଛାନିଧି ରାଉଳ, ସନାତନ ସେଠୀ, କୃପାସିନ୍ଧୁ ମୁହୁଲି, ଦୁର୍ଯ୍ୟୋଧନ ମଲ୍ଲିକ, ହାଡ଼ିବନ୍ଧୁ ଜେନା, ବାଞ୍ଛାନିଧି ନାୟକ, ସୁରେନ୍ଦ୍ର ରାଉଳ, ଧନେଶ୍ୱର ପେଡ଼ା, ଭଜହରି ନାୟକ, କାର୍ତ୍ତିକ ଜେନା, ଅଭିରାମ ପାଢ଼ୀ, ଛଚିଆ ଜେନା, ନରହରି ମଲ୍ଲିକ, ବାବୁଚରଣ ନାୟକ, ଭାସ୍କର ନାୟକ, ରଘୁନାଥ ନାୟକ, ମାଧବ ଆଇଚ, ନନ୍ଦ ଜେନା, ପ୍ରଫୁଲ୍ଲ ଜେନା, ସନା ଜେନା ପ୍ରମୁଖ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ

ଭଣ୍ଡାରିପୋଖରୀ, ୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକର ସରସଦା ଭାଗବତ ଟୁଙ୍ଗି ପରିସରରେ ୪୦ତମ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ରବିବାର ସନ୍ଧ୍ୟା ପବିତ୍ର ଅଗ୍ନି ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୨୬ ତାରିଖରେ ଏହି

ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଜଗତ୍‌ଜନନୀ ପତ୍ରିକା ସମ୍ପାଦକ ନାଟ୍ୟକାର ସୁଧାକର ନନ୍ଦ ଉଦ୍‌ଘାଟନ କରିଥିଲେ। ଏଥିରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଗବତ ବର୍ଣ୍ଣିତ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉମାକାନ୍ତ ପ୍ରଧାନ ଓ ପିତାମ୍ବର ଭଞ୍ଜ ଜଳଘଟ ଉତ୍ତୋଳନ କରି ସଙ୍କଳ୍ପ କରିଥିଲେ। ପଣ୍ଡିତ ରାମଚନ୍ଦ୍ର ପତି ବ୍ୟାସ, ପଣ୍ଡିତ ରୁଦ୍ରପ୍ରତାପ ମିଶ୍ର ଧାରକ ଓ ପଣ୍ଡିତ ନୀଳମଣି ପତି ପୂଜକ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଭଦ୍ରକର ପଣ୍ଡିତ ନରହରି ଦାସ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ବିଭିନ୍ନ ସନ୍ଧ୍ୟାରେ ଢେଙ୍କାନାଳ ଗଁଦିଆର ସାବିତ୍ରୀ ମହାରଣା, କାମାକ୍ଷାନଗର ପଣ୍ଡିତ ଦିବାକର ନନ୍ଦ, ଭଦ୍ରକର ପ୍ରତିମା ପଣ୍ଡା ଓ ପୁରୀ ବ୍ରହ୍ମଗିରି ପଣ୍ଡିତ ଅନ୍ତର୍ଯ୍ୟାମୀ ବରାଳ ପୁରାଣ, ରାମାୟଣ, ମହାଭାରତ ଆଦି ଆଧାରିତ ପ୍ରବଚନ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟଅତିଥି ଓ ବିଶିଷ୍ଟ ସାହିତ୍ୟିକ ଡ. ଦୁର୍ଯ୍ୟୋଧନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବକୁ ଭାଗବତ ଟୁଙ୍ଗି କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

ସଡ଼କ ସୁରକ୍ଷା ଗୀତରେ ନୃତ୍ୟ କରି ଛାତ୍ରୀ ପୁରସ୍କୃତ

ବନ୍ତ/ଆଗରପଡ଼ା, ୨।୨(ସମିସ): ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରା ଗାଁର ଡିଏଭି ଡିପିଏସ୍ ଛାତ୍ରୀ ତଥା ଓଡ଼ଙ୍ଗ ପଞ୍ଚାୟତ ସରମରା ଗାଁର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ପିଏସ୍ ପ୍ରିୟାଂଶୀ ରାଉତ ସଡ଼କ ସୁରକ୍ଷା ଉଦ୍‌ଯାପନୀ ଉତ୍ସବରେ ସଡ଼କ ସୁରକ୍ଷା ଗୀତର ତାଳେ ତାଳେ ନୃତ୍ୟ କରି ପ୍ରଶଂସାର ପାତ୍ରୀ ହେଇପାରିଛନ୍ତି। ପ୍ରିୟାଂଶୀ ଏତେ କମ୍ ବୟସରେ ନୃତ୍ୟ ପ୍ରତି ରୁଚି ରଖି ସଚେତନତା ବାର୍ତ୍ତା ବାଣ୍ଟିପାରିଛନ୍ତି। ଜାତୀୟ ସଡ଼କ ସୁରକ୍ଷାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ଜିଲ୍ଲା ସଡ଼କ ସୁରକ୍ଷା କମିଟି ସଭ୍ୟ ଅତିସ ବେହେରା, ସାମ୍ବାଦିକ ରବିନାରାୟଣ ଖିଲାର, ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତି, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ରାଜେନ୍ଦ୍ର ନାୟକ ପ୍ରମୁଖଙ୍କଠାରୁ ପୁରସ୍କାର ସହିତ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ଏହି ସଫଳତା ପାଇଁ ଘରର ସମସ୍ତ ଗୁରୁଜନ, ଡିଏଭି ଡିପିଏସ୍‌ର ପ୍ରିନ୍ସପାଲ, ଶିକ୍ଷକ ଓ ନୃତ୍ୟ ଶିକ୍ଷକ ଓ କ୍ରିଷ୍ଣା କଳା ନିକେତନ ନୃତ୍ୟ ଗୁରୁମା ସଙ୍ଗୀତା ସ୍ୱାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଅଟଳ ବିହାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ମାତୃଭାଷାରେ ଶିକ୍ଷା ବଢ଼ାଇବ ସୃଜନଶୀଳତା: ଶିକ୍ଷାମନ୍ତ୍ରୀ

ବାସୁଦେବପୁର, ୨।୨(ସମିସ): ପାଶ୍ଚାତ୍ୟ ଦେଶମାନଙ୍କରେ ଇଂରାଜୀଠାରୁ ମାତୃଭାଷାକୁ ଗୁରୁତ୍ୱ ଦେଉଛନ୍ତି। ଇଂରାଜୀ ପଢ଼ିବା ଭଲ ନୁହେଁ ବୋଲି କହୁନାହିଁ। କିନ୍ତୁ ଇଂରାଜୀ ସବୁ କିଛି ନୁହେଁ। ଛାତ୍ରଛାତ୍ରୀମାନେ ମାତୃଭାଷାର ଶିକ୍ଷାଲାଭ କଲେ ସୃଜନଶୀଳ ହେବେ ବୋଲି ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ସେ କହିଥିଲେ ଆମେ ରାଜନୈତିକ ସ୍ୱାଧୀନତା ପାଇଛେ ସତ, ଉପନିବେଶବାଦର ସ୍ୱାଧୀନତା ଆମ ପାଖରେ ପହଞ୍ଚିନାହିଁ। ବିଶ୍ୱବିଦ୍ୟାଳୟର ଖଣ୍ଡିଏ କାଗଜ ଆମର ପେଟ ପୂରାଇ ପାରିବନାହିଁ। ଖଣ୍ଡିଏ ସାର୍ଟିଫିକେଟ୍ ଧରି ଚାକିରି ପଛରେ ଗୋଡ଼ାଇଲେ ହେବ ନାହିଁ। ସେହି ସାର୍ଟିଫିକେଟ ରଖି ୧୦ଜଣଙ୍କୁ ଚାକିରି ଦେବାର ମାନସିକତା ରଖିଲେ ସଫଳତା ପାଖରେ ପହଞ୍ଚିପାରିବ। ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅଧକ୍ଷା ଡ. ଚିନ୍ମୟୀ ସେନାପତି ସଭାପତିତ୍ୱ

କରିଥିବାବେଳେ ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ବିଜୟ କୁମାର ଅଗସ୍ତୀ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀର ପୁରସ୍କାରପ୍ରାପ୍ତ କବୟିତ୍ରୀ ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ କହିଥିଲେ ଶିକ୍ଷା ନୀତିରେ ଜୀବିକା ଅର୍ଜନ କରିବା ପରିବର୍ତ୍ତେ ସାମାଜିକ ନୀତିର ପରିବର୍ତ୍ତନର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ ଭଲ ମଣିଷ ହେବାର ଜିଜ୍ଞାସା ରହିଲେ ଗରିବୀ ଆମର ମନୋବଳକୁ ଭାଙ୍ଗିପାରିବ ନାହିଁ। ସମାଜର ବଡ଼ ମଣିଷ ଅନେକ ହେଲେଣି। ବଡ଼ ମଣିଷ ସହିତ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ର ସଂସଦର ଅନ୍ୟତମ ଉପଦେଷ୍ଟା ରାଜେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡ. ସୌଦାମିନୀ ତ୍ରିପାଠୀ ଓ ଅଧ୍ୟାପକ ଅଶୋକ ମହାନ୍ତି ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୨।୨(ସମିସ): ବାସୁଦେବପୁର ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟର ୨୫ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ ନାରୀ ଅବଳା ଦୁର୍ବଳା ନୁହନ୍ତି। ନିଜର ନିଷ୍ଠା ଓ ସାହସ ପାଇଁ ରାଷ୍ଟ୍ରପତି ପଦରେ ଦ୍ରୌପଦୀ ମୁର୍ମୁ ଅଧିଷ୍ଠିତ ହୋଇଛନ୍ତି। ସମାଜର ବଡ଼ ମଣିଷର ଅଭାବ ନାହିଁ। ସମାଜର ଭଲ ମଣିଷର ଅଭାବ ଯୋଗୁଁ ବିପଥଗାମୀ ହେଉଛି। ଛାତ୍ରୀମାନେ ସମୟ, ଆଚରଣ, ଶୃଙ୍ଖଳା, ଉଚ୍ଚାରଣ ଗୁରୁତ୍ୱ ଦେଲେ ଭଲ ମଣିଷଟିଏ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ତୃପ୍ତି ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ଅନୀମା ପାଢ଼ୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ସୋନାଲି ଅପରାଜିତା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଙ୍କ କରକମଳରେ ମହାବିଦ୍ୟାଳୟର ମୁଖପତ୍ର 'ସତ୍ୟଭାମା' ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଶ୍ରେଷ୍ଠ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ରାଧାକୃଷ୍ଣ ମହାନ୍ତିଙ୍କ ସ୍ମୃତିଚାରଣ ସଭା

ବନ୍ତ/ଆଗରପଡ଼ା, ୨।୨(ସମିସ): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତର ରାଜନୀତିର ଚାଣକ୍ୟ ରାଧାକୃଷ୍ଣ ମହାନ୍ତିଙ୍କ ଏକାଦଶାହ କ୍ରିୟାରେ ସ୍ମୃତିଚାରଣ ସଭା ରାମକୃଷ୍ଣପୁର ମହାନ୍ତି ସାହିରେ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ବିଧାୟକ ପ୍ରତିନିଧି ଲାଲା ସ୍ୱାଇଁ, ପୂର୍ବତନ କାଉନ୍‌ସିଲର ଦୁର୍ଗା ଦାସ, ଭଦ୍ରକ ବିଜେଡି ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଧାମନଗର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହରେକୃଷ୍ଣ ପାଢ଼ୀ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ସରପଞ୍ଚ ହିରେନ୍ଦ୍ର ଖିଲାର, ରାମପୁର ସରପଞ୍ଚ ଗିରିଧାରୀ ସାହୁ, ପ୍ରତାପ ଚନ୍ଦ୍ର ବେହୁରିଆ, ଗୋକୁଳ ଚନ୍ଦ୍ର ଖିଲାର, ଶତ୍ରୁଘ୍ନ ଖିଲାର, ଶରତ ଚନ୍ଦ୍ର ଖିଲାର, ଧୀର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ୨ ମିନିଟ୍ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ରାମକୃଷ୍ଣ ମହାନ୍ତି, ବିଭାବସୁ ଦାସ ମହାନ୍ତି, ବରଦା ପ୍ରସନ୍ନ ମହାନ୍ତି, ସାରଦା ପ୍ରସନ୍ନ ମହାନ୍ତି, ଅରବିନ୍ଦ ଦାସ, ବିରେନ ପଟ୍ଟନାୟକ, ନିହାର ରଞ୍ଜନ ଦାସ, ଶକ୍ତି ପ୍ରସାଦ ମହାନ୍ତି, ସନ୍ଦୀପ ପଟ୍ଟନାୟକ, ବ୍ରହ୍ମାନନ୍ଦ ଦାସ, ଚନ୍ଦ୍ରବିନ୍ଦୁ ଦାସ, ଲୋତକ ବିନ୍ଦୁ ଦାସ, କିଶୋର ଚନ୍ଦ୍ର ମହାପାତ୍ର, ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

୧୫୮ରୁ ୩୪ଟିର ତୁରନ୍ତ ସମାଧାନ

ଭଦ୍ରକ, ୨।୨(ସମିସ)

ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସୋମବାର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୁଣାଣିରେ ସମୁଦାୟ ୧୫୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହାମଧ୍ୟରୁ ୧୧୫ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଓ ୨୮ଟି ଗ୍ରାମ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ସେହିପରି ୬ଟି ଅଭିଯୋଗ ସିଏମ୍‌ଆର୍‌ଏଫ୍ (ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ) ଓ ରେଡ୍‌କ୍ରସ ସହାୟତା ପାଇଁ ୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଯୁକ୍ତ ଶୁଣାଣି ସମୟରେ ୩୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ରାଉତରାଏଙ୍କ ସହ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଓ ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣି ସମାଧାନ ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ସମୟରେ ଆବଶ୍ୟକ ମାମଲାରେ ୮୪ ହଜାର ଟଙ୍କା ସହାୟତା ସ୍ଥଳେ ମଞ୍ଜୁରି କରାଯାଇଥିଲା।

ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ବିଶ୍ୱଜିତ୍

ବାରିକପୁର, ୨।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ନୌରଙ୍ଗପୁର ଗାଁର କମଳାକାନ୍ତ ସାମଲଙ୍କ ପୁଅ ବିଶ୍ୱଜିତ୍ ୮୦ ପ୍ରତିଶତ ଭିନ୍ନକ୍ଷମ। ପିଲାବେଳୁ ସେ ଚାଲିବା କ୍ଷମତା ହରାଇଛନ୍ତି। ବୟସ ବଢ଼ିବା ସହିତ ନିଜର ଅକ୍ଷମତା ମଧ୍ୟ ବଢ଼ି ଚାଲିଛି। ଏବେ ଆଶାବାଡ଼ି ତାଙ୍କ ପାଇଁ ସାହା ଭରସା ପାଲଟିଛି। ବହୁ କଷ୍ଟ ମଧ୍ୟରେ ବିଶ୍ୱଜିତ୍ ବିଏ ପଢୁଥିବାବେଳେ ମାସିକିଆ ୧୨୦୦ ଟଙ୍କା ଭତ୍ତା ପଢ଼ା ଖର୍ଚ୍ଚକୁ ନିଅଣ୍ଟ ହେଉଛି। ଏପରି ସ୍ଥଳେ ସେ ବର୍ଦ୍ଧିତ ଭତ୍ତା ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ଏଯାଏଁ କେହି ଶୁଣୁନାହାନ୍ତି। ଶେଷରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ବିଶ୍ୱଜିତ୍ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ପାଇଁ ଗୁହାରି କରିଛନ୍ତି। ଏବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ ସୋମବାର ସେ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ମଧ୍ୟ ଆବେଦନ ପତ୍ର ଦେଇଛନ୍ତି। ଏଠାରେ ସୂଚିତ, ଦୀର୍ଘ ଦିନ ହେବ ସେ ୮୦ ପ୍ରତିଶତ ଭିନ୍ନକ୍ଷମ ବୋଲି କାଗଜପତ୍ର ସହିତ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁ ନ ଥିଲେ। ଏବେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ବିଶ୍ୱଜିତ୍‌ଙ୍କୁ ବର୍ଦ୍ଧିତ ଭତ୍ତା ମିଳିବା ଆଶା ଉଜ୍ଜୀବିତ ହୋଇଛି। ଦେଖାଯାଉ କେବେ ତାଙ୍କୁ ଭତ୍ତା ମିଳୁଛି।

ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ବନ୍ତ/ଆଗରପଡ଼ା, ୨।୨(ସମିସ): ବନ୍ତ ତହସିଲ୍ ଅନ୍ତର୍ଗତ ଗୋପିନାଥପୁର ପଞ୍ଚାୟତ ସନ୍ଧାଡ଼ୋ ଗ୍ରାମରେ ଅଗ୍ନିକାଣ୍ଡ ଘଟି କାଳନ୍ଦୀ ନାୟକଙ୍କ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରୋଷେଇ କରୁଥିବା ସମୟରେ ଚୂଲିରୁ ନିଆଁ ଲାଗି ଏହି ଅଘଟଣା ଘଟିଥିଲା। ଏଥିରେ ଘରର ସମସ୍ତ ଆସବାବପତ୍ର ସମେତ ପ୍ରାୟ ୨୦ କ୍ୱିଣ୍ଟାଲ ଧାନ, ୬ କ୍ୱିଣ୍ଟାଲ ଚାଉଳ ଏବଂ ନଗଦ ୩୦ ହଜାର ଟଙ୍କା ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଆଗରପଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ ଓ ସାମ୍ବାଦିକ ବାବୁରାମ ବେହେରା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

ଦୃଷ୍ଟିହୀନଙ୍କୁ ସହାୟତା କଲେ ଉପଜିଲ୍ଲାପାଳ

ଚମ୍ପୁଆ,୨।୨(ସମିସ): ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତର ଦୃଷ୍ଟିହୀନ ହରେକୃଷ୍ଣ ପାଲ୍(୫୮)ଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା। ଏ ନେଇ ଆଜି ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ରେଡକ୍ରସ ଫଣ୍ଡରୁ ୫ହଜାର ଟଙ୍କାର ସହାୟତା ରାଶି ଚେକ ଯୋଗେ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ହରେକୃଷ୍ଣଙ୍କ ଚକ୍ଷୁ ସମସ୍ୟା ଥିବାବେଳେ କିଛିଦିନ ହେଲା ଚଷମା ବ୍ୟବହାର କରି ଆସୁଥିଲେ। ତେବେ ୨୦୨୪ ଜାନୁଆରୀ ମାସରୁ ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ। କରଞ୍ଜିଆ ବଜାରରେ ସେ ଚା' ଦୋକାନ କରି ଚଳିଆସୁଥିବା ବେଳେ ଦୃଷ୍ଟି ଶକ୍ତି ହରାଇବା ପରେ ଅସହାୟ ହୋଇପଡ଼ିଥିଲେ। ବାପାଙ୍କର ଏହି ବିପଦ ସମୟରେ ଝିଅ ତାଙ୍କ ସହ ରହି କଷ୍ଟେ ମଷ୍ଟେ ଦୋକାନ ଚଳାଇ ପରିବାର ପାଇଁ ସାହାରା ପାଲଟିଛନ୍ତି। ତେଣୁ ତାଙ୍କ ପରିବାରକୁ ବିଭିନ୍ନ ମହଲରୁ ସହାୟତା ପାଇଁ ଦାବି ହେଉଛି।

● ଆନନ୍ଦପୁର-ଘସିପୁରା ବସ୍‌ଷ୍ଟାଣ୍ଡ

ବିଶୋଧନ ହେଉନି ପରିସ୍ରାଗାର, ନାକେଦମ ଯାତ୍ରୀ

ଆନନ୍ଦପୁର,୨।୨(ସମିସ): ଆନନ୍ଦପୁର ଓ ଘସିପୁରା ସରକାରୀ ବସଷ୍ଟାଣ୍ଡରେ ଥିବା ପରିସ୍ରାଗାର ନିୟମିତ ବିଶୋଧନ ହେଉନଥିବାବେଳେ ସେଠାକୁ ଯାଉଥିବା ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅବ୍ୟବସ୍ଥାରୁ ବସଷ୍ଟାଣ୍ଡ ଦୁର୍ଗନ୍ଧରେ ଫାଟି ପଡୁଛି। ଯାତ୍ରୀମାନେ ବାରମ୍ବାର ଅଭିଯୋଗ କଲେ ବି

କେହି ଶୁଣୁ ନାହାନ୍ତି। ବାହାରକୁ ଚିକ୍କଣ ଦେଖାଯାଉଥିବା ବସ୍‌ଷ୍ଟାଣ୍ଡରେ ଏଭଳି ଅବ୍ୟବସ୍ଥା ଦେଖି ଲୋକେ ନାକଟେକୁଛନ୍ତି। ଏପରିକି ପିଇବା ପାଣି ପାଇଁ ଲଗାଯାଇଥିବା ଟ୍ୟାପ ପାଖକୁ ଲୋକେ ପାଣି ପିଇବା ପାଇଁ ଯାଇ ପାରୁନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ଯାତ୍ରୀ ଅଭିଯୋଗ କଲେ ମଧ ଦାୟିତ୍ୱରେ ଥିବା ଅଧିକାରୀ ଅଭିଯୋଗ ଶୁଣନ୍ତି ନାହିଁ। ଘଷିପୁରା ବସଷ୍ଟାଣ୍ଡ ସଫା ରହିବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ଯାତ୍ରୀ।

ମା'ବାସୁଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ବେଗନା ଚାମ୍ପିଅନ

ତୁରୁମୁଙ୍ଗା,୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଝାଟିପଡ଼ା ଗ୍ରାମରେ ମା' ବାଶୁଳି କ୍ରିକେଟ୍ କମିଟି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ ବେଗନା ଟିମ ବନାମ ଗରାଣ୍ଡିଯୋଡି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବେଗନା

ଟିମ ଚାମ୍ପିଅନ ହୋଇଥିଲା।ଟୁର୍ଣ୍ଣାମେଣ୍ଟରେ ୧୬ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବୈକୁଣ୍ଠ ବାରିକ ଓ ଶ୍ରବଣ ବାରିକ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ଼ପାଟଣା ସରପଞ୍ଚ ବିନତି ବାନାରା, ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ୱାର୍ଡ ସଦସ୍ୟ ଟୁଣ୍ଟୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ବେଗନା ଟିମକୁ ଅତିଥିମାନେ ଟ୍ରଫି ସହିତ ନଗଦ ୨୦ ହଜାର ଓ ରନର୍ସଅପ୍ ଦଳ ଗରାଣ୍ଡିଯୋଡି ଟିମ୍‌କୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ଜୟଦେବ ବାରିକ, ରଞ୍ଜନ କୁମାର ବାରିକ, ବଳରାମ ବାରିକ, ସୁଦର୍ଶନ ମହାରଣା, ଡମ୍ବରୁଧର ବାରିକ, ଚିନ୍ମୟ ଦେହୁରୀ, ସିନୁ ବାରିକ, ଦୀନେଶ ସେଠୀ, ପିନୁ ବାରିକ, ଫୁଟୁଲୁ ବାରିକ, ଲିଙ୍କୁ ଦେହୁରୀ ଦେବାନନ୍ଦ ନାଏକ, ଭୁବନା ଦେହୁରୀ, ଶୁଶାନ୍ତ ବାରିକ, ସାନବାବୁ ମହାରଣା, ପଳଉ ଦେହୁରୀ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

ନୂତନ ବେତନଟୀ ଏନଏସି କାର୍ଯ୍ୟାରମ୍ଭ

ସମ୍ଭାବ୍ୟ ନିର୍ବାଚନ ପାଇଁ ଚେୟାରମ୍ୟାନ ଆଶାୟୀଙ୍କ ଲମ୍ବା ଲାଇନ

ବେତନଟୀ,୨।୨(ସମିସ):

ବେତନଟୀ ଏନ୍ଏସି ଘୋଷଣା ପରେ ଜାନୁଆରୀ ୨୮ ତାରିଖରେ ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାରଙ୍କୁ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତତସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ୫୦ ଲକ୍ଷ ଟଙ୍କା ମଧ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି ଖବର ଜାଣିବା ପରେ ବେତନଟୀ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଏନ୍ଏସି ନିର୍ବାଚନରେ ଚେୟାରମ୍ୟାନ ଓ କାଉନସିଲର ପ୍ରାର୍ଥୀ ହେବା ପାଇଁ ବେତନଟୀରେ ବହୁ ଆଶାୟୀଙ୍କ ଲମ୍ବା ତାଲିକା ସାମ୍ନାକୁ ଆସିଛି। ଜନସଂଖ୍ୟା ଦୃଷ୍ଟିରୁ ନୂତନ ଏନଏସସିରେ ୧୪ଟି ୱାର୍ଡ ହେବା ସମ୍ଭାବନା ରହିଛି। ଏନ୍ଏସି ନିର୍ବାଚନ ପ୍ରକ୍ରିୟା ସରକାର ଆରମ୍ଭ କରିବା ପୂର୍ବରୁ ଆଶାୟୀ ପ୍ରାର୍ଥୀ ବିଭିନ୍ନ ସ୍ଥାନରେ ଏକତ୍ର ହେବା, ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କରେ ଆସିବା, ବ୍ୟାନର ଲଗାଇବା ଭଳି କାର୍ଯ୍ୟରେ ଲାଗି ଗଲେଣି। କେଉଁ ପ୍ରାର୍ଥୀ କେଉଁ ଦଳୀୟ ସଂଗଠନରୁ ଟିକେଟ ପାଇବେ ଓ ଜନତାଙ୍କ ସମ୍ପର୍କରେ କିଭଳି ରହିବେ, ଆଗାମୀ ନର୍ବାଚନ ରଣାଙ୍ଗନକୁ ଆପଣେଇବା ପାଇଁ କିଭଳି କସରତ କରିବା ପାଇଁ ହେବ ତା'ର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳିଛି।

ଏନ୍ଏସି ନିର୍ବାଚନ ମଇଦାନ ପାଇଁ ପ୍ରସ୍ତୁତି ପଥରେ ଆଗ ଧାଡ଼ିରେ ଥିବା ଚେୟାରମ୍ୟାନ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରକାଶ ବେହେରା, ରାଜକିଶୋର ସାହା, ସିଦ୍ଧାର୍ଥ ଅଗ୍ରୱାଲ, ସତୀଶ କୁମାର ସାହୁ, ନିରଞ୍ଜନ ମହାନ୍ତି, ରାମେଶ୍ୱର ମିଶ୍ର, ମୁରଲୀଧର ସାହୁ, ରାଜେଶ ଖଣ୍ଡେଲୱାଲ ଓ ତପନ ପରିଡା ପ୍ରମୁଖ ରହିଥିବା ଜଣାପଡ଼ିଛି। ବେତନଟୀ ଭୋଟର ଓ ବେତନଟୀ ଅଞ୍ଚଳବାସୀ ମଧ ଏନ୍ଏସି ପାଇଁ ସରକାର ଅଧିକ ପାଣ୍ଠି ବିନିଯୋଗ କରିବେ ବୋଲି ଆଶାବ୍ୟକ୍ତ କରିଥିବାବେଳେ ବେତନଟୀ ଏନ୍ଏସି ଅଞ୍ଚଳରେ ଆଲୋକୀକରଣ, ରାସ୍ତା, ପାଇପ ଯୋଗେ ପାଣି, ଡ୍ରେନ ସମସ୍ୟାର ସମାଧାନ ଭଳି ବହୁ ଉନ୍ନତିକରଣ କାର୍ଯ୍ୟ ହେବ ବୋଲି ଆଶା ରଖିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବଜାର ବହୁ ପୂର୍ବରୁ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ମାନ୍ୟତା ପାଇସାରିଛି। ଭାରତର ପ୍ରାୟ ଅଧିକାଂଶ ରାଜ୍ୟ ସହିତ ବେତନଟୀର ବ୍ୟବସାୟିକ ସମ୍ପର୍କ ରହିଥିଲା। ସେଥିପାଇଁ ଏହି ବଜାରକୁ ଲାଗି ରେଳପଥ ଓ ୧୮ ନମ୍ବର ଜାତୀୟ ରାଜପଥର ଯାଇଥିବାବେଳେ ସବୁ ଅଞ୍ଚଳକୁ ସଂଯୋଗ କରିବା ପାଇଁ ଯୋଗାଯୋଗର ସୁବିଧା ଓ ପରିବହନ ସୁବିଧା ରହିଥିଲା। ଏଥିପାଇଁ ବେତନଟୀ ବଜାର କେବଳ ମୟୂରଭଞ୍ଜ ଜିଲ୍ଲା ନୁହେଁ, ଉତ୍ତର ଓଡ଼ିଶାର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଭାବେ ରାଜ୍ୟ ବାହାରେ ମଧ ଖ୍ୟାତି ଅର୍ଜନ କରିଛି। ଏହା ମାଣତ୍ରି କଖାରୁଆ ବୈଦ୍ୟନାଥ ମନ୍ଦିରଠାରୁ ମାତ୍ର ୧୨ କିଲମିଟର ଦୂର, ଜିଲ୍ଲା ମୁଖ୍ୟାଳୟ ବାରିପଦାଠାରୁ ୨୮ କିଲୋମିଟରରେ ରହିଛି। ୧୩ ବର୍ଷ ପୂର୍ବରୁ କୋର୍ଟ ସ୍ଥାପିତ ହେଇ ସାରିଥିବାବେଳେ ପୁଲିସ ସବଡିଭିଜନ ସମେତ ସମସ୍ତ ବିଭାଗୀୟ ସବଡିଭିଜନର ମୁଖ୍ୟାଳୟ ମଧ ବେତନଟୀ ଏନ୍ଏସି ଅଞ୍ଚଳରେ ରହିଛି। ସମସ୍ତ ଭିତ୍ତି ଭୂମି ଥିବା ପରେ ମଧ ବେତନଟୀ ଏନ୍ଏସି ଅଞ୍ଚଳରେ ରାସ୍ତା ଘାଟ, ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା, ସମସ୍ତଙ୍କ ପାଇଁ ପାଇପୋଗେ ପାଣି, ଆଲୋକୀକରଣ, ଶ୍ମଶାନ ଉନ୍ନତିକରଣ, ସଡକ ପଥରୁ ଜବରଦଖଲ ଉଚ୍ଛେଦ କରି ଛୋଟ ବ୍ୟବସାୟୀଙ୍କୁ ଥଇଥାନ, ଜନ ବହୁଳ ଅଞ୍ଚଳରେ ପୁରୁଣା ପୋଖରୀର ପୁନରୁଦ୍ଧାର ନ ହେବା, ଅଙ୍ଗନବାଡି ଘର ନ ଥିବା ଭଳି ବହୁ ସମସ୍ୟା ଲାଗି ରହିଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ସରକାରଙ୍କ ପକ୍ଷରୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରକାର ପାଣ୍ଠି ବିନିଯୋଗ କରିଥଲେ ମଧ ବିଗତ ବର୍ଷମାନଙ୍କରେ ରହିଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଅଣଦେଖା କାରଣରୁ ଏହି ଅଞ୍ଚଳର ଉନ୍ନତିରେ ବାଧା ସୃଷ୍ଟି ହୋଇଛି। ସେଥିପାଇଁ ବେତନଟୀବାସି ପଞ୍ଚାୟତିରାଜ ବ୍ୟବସ୍ଥା ବ୍ୟତୀତ ଏନ୍ଏସି ବ୍ୟବସ୍ଥା ମାଧ୍ୟମରେ ପାଣ୍ଠି ବିନିଯୋଗ ହେଲେ ଯାଇ ସ୍ଥାନୀୟ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏଥିସହିତ ପ୍ରଶାସନ ଓ ଜନପ୍ରତିନିଧି କିଭଳି ବ୍ୟକ୍ତିଗତ ସ୍ୱାର୍ଥ, ପିସି ଓ ପକେଟ୍ ଲୋଭ ନ ରଖି ବେତନଟୀ ଏନ୍ଏସି ଅଞ୍ଚଳକୁ ଉନ୍ନତିକରଣ କରିବେ ତାହା ଦେଖିବାକୁ ବାକି ରହିଲା।

୨୦୧୧ ଫେବୃଆରୀ ମାସରେ ପ୍ରଥମେ ବେତନଟୀ ଏନ୍ଏସି ଘୋଷଣା ପାଇଁ ତଦନ୍ତ ଆରମ୍ଭ ହୋଇଥିଲା। ସେହି ସମୟ ନୂଆ କରି ହୋଇଥିବା ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ମନୋରଞ୍ଜନ ସେଠୀ ଦାୟିତ୍ୱରେ ରହିଥିଲେ। ୨୦୧୪ରେ ଗଣେଶ୍ୱର ପାତ୍ର, ୨୦୧୯ରେ ସନାତନ ବିଜୁଳି, ୨୦୨୪ରେ ପୁନର୍ବାର ଦ୍ୱିତୀୟ ଥର ପାଇଁ ସନାତନ ବିଜୁଳି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ମଧ ବେତନଟୀ ଅଞ୍ଚଳର ଭାଗ୍ୟ ବଦଳିଲା ନାହିଁ। ତେଣୁ ଏନ୍ଏସି ହେଲେ ଯାଇ ଅଞ୍ଚଳର ଭାଗ୍ୟ ବଦଳିବ ବୋଲି ଲୋକେ ଆଶା ରଖିଛନ୍ତି। ବିଜୁ ଜନତା ଦଳ ସରକାରରେ ରହିଥିବାବେଳେ ୨୦୨୪ ସଧାରଣ ନିର୍ବାଚନର ଅଳ୍ପ ଦିନ ପୂର୍ବରୁ ବେତନଟୀକୁ ଏନ୍ଏସି ଘୋଷଣା କରିଥିଲେ। ବେତନଟୀ ଏନ୍ଏସି ଅଞ୍ଚଳ ମଧ୍ୟରେ ରହିଥିବା ଆମ୍ବଯୋଡ଼ା, ବେତନଟୀ, ଭୋଗବାଟି, ପଣ୍ଡୁଗଡିଆ, ରେଣୁଗାଁ, ଏସ୍ଏସ୍ ମହୁଲିଆ, ଭୁରୁଡୁବଣୀ, କଦମାସୋଳ, ବହାନଡ଼ା, ଗରୁଡବସା, ମଉଦା, ପାଇକପଡା, ସୋଠିଲୋ, ତୁଳସିଚଉରା, ପୁରୁଣାପାଣି ଓ କାଠପାଳ ୧୬ ଗ୍ରାମ ରହିଛି। ୨୦୧୧ ଜନଗଣନା ଅନୁସାରେ ଏ ଅଞ୍ଚଳର ଜନସଂଖ୍ୟା ୨୦ହଜାର ୭୧ ବୋଲି ଜଣାପଡ଼ିଛି।

ସୁଶୀଳା ତିରିଆଙ୍କୁ କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବିଶୋଇ,୨।୨(ସମିସ): ମୟୂରଭଞ୍ଜର ପ୍ରାକ୍ତନ ଲୋକସଭା ସାଂସଦ ତଥା ଭାରତୀୟ ଜାତୀୟ କଂଗ୍ରେସର ତୁଙ୍ଗ ନେତ୍ରୀ ସୁଶୀଳା ତିରିଆଙ୍କ ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଆଜି ଶେଷକୃତ୍ୟ ପାଇଁ ଭୁବନେଶ୍ୱର ଏମସ୍‌ରୁ ନିଜ ପୈତୃକ ଗ୍ରାମ ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ କଲୁଆଖାମଣକୁ ନେବା ବାଟରେ ଅପରାହ୍ନ ସମୟରେ ବିଶୋଇ ବିର୍ସା ମୁଣ୍ଡା ଛକଠାରେ ପହଞ୍ଚିଥିଲା। ବିଶୋଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଦିବଙ୍ଗତ ସୁଶୀଳା ତିରିଆଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ପାର୍ଥିବ ଶରୀର ସୁଶୀଳା ତିରିଆଙ୍କ ଗ୍ରାମ ବିଶୋଇ ବ୍ଲକ ରାଧାନଗର ଗ୍ରାମ ଛକଠାରେ ପହଞ୍ଚିଥିଲା। ସେଠାରେ କଂଗ୍ରେସ କର୍ମୀ ଓ ରାଧାନଗର ଗ୍ରାମବାସୀଙ୍କ ଦ୍ୱାରା ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ଲକର ବରିଷ୍ଠ କଂଗ୍ରେସ ନେତା ସୁବାସ ପାତ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସର ପିସିସି ସଦସ୍ୟ ତଥା ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ଉପସଭାପତି ନାରାୟଣ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ନିଲରତ୍ନ ସାହୁ, ସାରସକଣା ବ୍ଲକ ସଭାପତି ତରୁଣ ଗିରି, ଅଶୋକ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଚିତ୍ତ ବିକାଶ ମହାପାତ୍ର, ଜିଲ୍ଲା ଆଦିବାସୀ ସେଲର ସଭାପତି ବେରେଲ ସିର୍କା, ବିଶୋଇ ବ୍ଲକ ସଭାପତି ହରିହର ନାଏକ, ବିଜାତଳା ବ୍ଲକ ସଭାପତି ନିଶାକାର ପାତ୍ର, ବିରଞ୍ଚି ନାଏକ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ଜୁରିଲାଲ ମହାନ୍ତ, ବରିଷ୍ଠ କଂଗ୍ରେସ ନେତା ଅର୍ଜୁନ ବେଶ୍ରା ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ସୁଶୀଳାଙ୍କ ଶେଷ ଦର୍ଶନ କରିବା ସହିତ ପାର୍ଥିବ ଶରୀର ଉପରେ ପୁଷ୍ପମାଲ୍ୟ ଓ ଦଳୀୟ ଉତ୍ତରୀୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

● ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଉପଖଣ୍ଡ ଦାୟିତ୍ୱ

ରାଇରଙ୍ଗପୁର,୨।୨(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଶାସନିକ ଜରୁରିକାଳୀନ ପରିସ୍ଥିତିରେ ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଲୀଙ୍କୁ ଅତିରିକ୍ତ ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଜାରି ହୋଇଛି। ଶ୍ରୀ ମହାନ୍ତିଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କେବଳ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ନିମନ୍ତେ ଉଲ୍ଲେଖ କରାଯାଇଛି। ବିକାଶ ରଞ୍ଜନ ମହାନ୍ତି ପୂର୍ବରୁ ରାଇରଙ୍ଗପୁର ଉପଖଣ୍ଡ ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିଲେ। ବୁଧବାର ରାଷ୍ଟ୍ରପତି ରାଇରଙ୍ଗପୁର ଗସ୍ତରେ ଆସୁଥିବାବେଳେ କାର୍ଯ୍ୟକ୍ରମ ସଂକ୍ରାନ୍ତ ସୂଚନା ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେବା ପାଇଁ ଉକ୍ତ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି ବୋଲି ସୂଚନା ମିଳିଛି।

ସତ୍ୟସାଇ, କୈଳାସ ଚନ୍ଦ୍ର ବିଦ୍ୟାଳୟରେ ବିଶ୍ୱ ଆର୍ଦ୍ରଭୂମି ଦିବସ

ବୈଶିଙ୍ଗା,୨।୨(ସମିସ): ଖୁଣ୍ଟାପୁରସ୍ଥ ଶ୍ରୀସତ୍ୟସାଇ ସରକାରୀ ଉଚ୍ଚବିଦ୍ୟାଳୟ ଓ ହେମପୁରସ୍ଥ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱରେ ବିଶ୍ୱ ଆଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ୍ ଇନଚାର୍ଜ ଶୁଭସ୍ମିତା ସାମନ୍ତରାୟ ଓ ରାଜନନ୍ଦିନୀ ପାତ୍ରଙ୍କ ନେତୃତ୍ୱ ରେ ଆଦ୍ରଭୂମି ସୁରକ୍ଷା ପାଇଁ ଶପଥ ପାଠ ସାଙ୍ଗକୁ ଉଭୟ ବିଦ୍ୟାଳୟରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ସମେତ ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ, ତୃଷ୍ଣା ଦାସ, ଶୁଭଲକ୍ଷ୍ମୀ ମାଝୀ ପ୍ରମୁଖ ପରିବେଶ ସୁରକ୍ଷାରେ ଆଦ୍ରଭୂମିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ତୁଷାରକାନ୍ତ ପାତ୍ର, ଜ୍ୟୋସ୍ନାରାଣୀ ଜେନା, ପ୍ରଭାତୀ ପ୍ରଧାନ, ମୁକୁନ୍ଦ ସେନାପତି, ଜୟଶ୍ରୀ ପାଢ଼ୀ, ସ୍ନିଗ୍ଧା ଲେଙ୍କା, ବିଜୟ ସେଠୀ, ସବିତା ବାରିକ, ରାଧୁ ସିଂ, ଜୟନ୍ତୀ ମହାପାତ୍ର ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

ଶାଳଗାଁ ହାଇସ୍କୁଲରେ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା

ବଡ଼ସାହି,୨।୨(ସମିସ): ବଡସାହି ବ୍ଲକ ଅଧୀନସ୍ଥ ପଞ୍ଚାୟତର ଶାଳଗାଁ ଉଚ୍ଚବିଦ୍ୟାଳୟ ଇକୋ କ୍ଲବ ଓ ଓଡ଼ିଶା ସରକାରଙ୍କ ପରିବେଶ ଶିକ୍ଷା କେନ୍ଦ୍ର ମିଳିତ ସହଯୋଗରେ ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସନ୍ତୋଷ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବନାଞ୍ଚଳ ଅଧିକାରୀ ଧ୍ରୁବଚରଣ ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜେଲ୍ ଅଧୀକ୍ଷକ ସନ୍ତୋଷ କୁମାର ଦୁର୍ଗା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଗ ନିହାର ରଞ୍ଜନ ସାମଲ, ଓଷ୍ଟା ଜିଲ୍ଲା ଯୁଗ୍ମ ସଂଯୋଜକ ପ୍ରଭାସ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ମାନବ ସମାଜ ଦ୍ରୁତଗତିରେ ପରିବର୍ତ୍ତନ ପାଇଁ ଆର୍ଦ୍ରଭୂମିକୁ ଘର, କଳ କାରଖାନା ତିଆରି କରିବା ପାଇଁ ପୋତାଯାଉଥିବାରୁ ଓ ସନ୍ତସନ୍ତିଆ ସ୍ଥାନ ଉପରେ ଅଳିଆ ଆବର୍ଜନା ପକାଇବା ଦ୍ୱାରା ବାୟୁମଣ୍ଡଳ ଅଧିକ ଉତ୍ତପ୍ତ ହେବାରେ ଲାଗିଲାଣି ବୋଲି ପରିବେଶବିତ ମତ ପ୍ରକାଶ କରିଛନ୍ତି। ମୁଖ୍ୟତ ଗାଁ, ସହରରେ ଥିବା ପୋଖରୀ, ଗଡିଆ ପାଣି ଜମି ରହୁଥିବା ନାଳରେ ବିଭିନ୍ନ ଜାତିର ପ୍ରାଣୀଙ୍କ ସୃଷ୍ଟି ଲୋପ ପାଇବାରେ ଲାଗିଲାଣି ବୋଲି ଅତିଥି କହିଥିଲେ। ଆର୍ଦ୍ରଭୂମିର ସୁରକ୍ଷା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ବୃଦ୍ଧୀ ପରୀକ୍ଷା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ଫଳଗଛ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରାଇଥିଲେ । ଇକୋ କ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ପୁହାଣ, ପ୍ରଭାକର ଉପାଧ୍ୟାୟ, ଗିରିଜା ଶଙ୍କର ମହାନ୍ତ ଓ ଅନ୍ୟମାନେ ସହଯୋଗ କରିଥିଲେ। ପ୍ରମୋଦ କୁମାର ବିନ୍ଧାଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଟ୍ରାନ୍ସଫର୍ମରରୁ କୋର୍ ଓ କଏଲ ଚୋରି

ରାଇରଙ୍ଗପୁର,୨।୨(ସମିସ): ଯଶିପୁରସ୍ଥ ହାଣ୍ଡିପୁହାଣ ଅଞ୍ଚଳରୁ ଟ୍ରାନ୍ସଫର୍ମରରୁ କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର ଯଶିପୁର ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ଶଶଧର ସାହୁ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମାଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ସୂଚନା ପାଇଥିଲେ। ଏହାର ଆନୁମାନିକ ମୂଲ୍ୟ ୫୦,୦୦୦ ଟଙ୍କା ଅଟେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଉକ୍ତ ଅଞ୍ଚଳରେ ବାରମ୍ବାର କୋର ଓ କୋଏଲ ଚୋରି ହେଉଛି। ପୂର୍ବରୁ ମଧ ୩ଟି ଟ୍ରାନ୍ସଫର୍ମରରୁ କୋର ଓ କଏଲ ଚୋରି ନେଇ ଯଶିପୁର ଥାନାରେ ଅଭିଯୋଗ ହୋଇଥିଲା।

ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବେତନଟୀ,୨।୨(ସମିସ): ବେତନଟୀ ଚଣ୍ଡୀମନ୍ଦିର କ୍ଲବ ପକ୍ଷରୁ ଆୟୋଜିତ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ପ୍ଲାଷ୍ଟିକ କାରଖାନା ପରିସରରେ ସଫଳତାର ସହିତ ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାଜକିଶୋର ସାହା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଅଗ୍ରୱାଲ, ଅଧିବକ୍ତା ଭଗୀରଥ ପଣ୍ଡିତ ଓ ବିଜୟୀ ମଣ୍ଡଳ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଅବଦୁଲ ସମ୍‌ଶେର ଖାନ ଓ ତାଙ୍କ ସହଯୋଗୀ ତାପସ ସାହୁ ଚାମ୍ପିଅନ୍ ହୋଇଥିବାବେଳେ ଦେବ ନାରାୟଣ ପାତ୍ର ଓ ବିକାଶ ପାତ୍ର ରନର୍ସଅପ୍ ହୋଇଥିଲେ। ସିନିୟର ଟିମ୍ ବର୍ଗରେ ପ୍ରଦୀପ ମହାନ୍ତି ଓ ତାଙ୍କ ସହଯୋଗୀ ଅନୀଲ ବଳବନ୍ତରାୟ ଚାମ୍ପିଅନ୍ ହୋଇଥିବାବେଳେ ସୁନୀଲ ଖଣ୍ଡେଲୱାଲ ଓ ତାଙ୍କ ସହଯୋଗୀ ନିରଞ୍ଜନ ମହାନ୍ତି ରନର୍ସଅପ୍ ହୋଇଥିଲେ। ଜୁନିୟର ବର୍ଗ ଚାମ୍ପିଅନ୍ ଓ ରନର୍ସଅପ୍ ଖେଳାଳିଙ୍କୁ ଶୈଳେନ୍ଦ୍ର ଖଣ୍ଡେଲୱାଲଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସମ୍ପାଦକ ଜୟନ୍ତ କିଶୋର ନନ୍ଦଗୋସ୍ୱାମୀଙ୍କ ସହ ସୁବ୍ରତ ପଣ୍ଡିତ, ଦିବ୍ୟସୁନ୍ଦର ସିଂଦେବ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

କୂଅରୁ ଉଦ୍ଧାର ମୃତଦେହର ପରିଚୟ ମିଳିଲା

ତୁରୁମୁଙ୍ଗା,୨।୨(ସମିସ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଉଦୟପୁର ଛକ ନିକଟ ଦମୟନ୍ତୀ ସେଠୀଙ୍କ ବାଡ଼ିରେ ଥିବା କୂଅ ଭିତରୁ ରବିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ସାହାରପଡ଼ା ଫାଣ୍ଡି ଏଏସ୍ଆଇ ପଞ୍ଚମୀ ମହାନ୍ତ ଅଗ୍ନିଶମ ବାହିନୀ ସହାୟତାରେ ଶବକୁ ଉଦ୍ଧାର କରି ତଦନ୍ତ କରୁଥିବାବେଳେ ରବିବାର ଯୁବକଙ୍କ ପରିଚୟ ମିଳିଛି। ମୃତ ଯୁବକଙ୍କ ଡ୍ରେସ୍‌ରୁ ପରିବାର ଲୋକେ ଚିହ୍ନଟ କରିଥିଲେ। ମୃତ ଯୁବକ ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା କରଞ୍ଜିଆ ୬ ନମ୍ବର ୱାର୍ଡର ରାଜୁ ନାଏକଙ୍କ ପୁଅ ମଧୁସୂଦନ ନାଏକ(୧୯) । ତାଙ୍କର ସାମାନ୍ୟ ମାନସିକ ବିକୃତ ଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ହୋଇଛି।

ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ସ କ୍ୟାମ୍ପୋରୀ

ଦ୍ୱିତୀୟ ଦିବସରେ ମନମୋହିଲା ଖାଦ୍ୟ ପ୍ରଦର୍ଶନୀ

ବିଶୋଇ,୨।୨(ସମିସ):

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ଚାଲିଥିବା ତିନିଦିନିଆ ସ୍କାଉଟ ଓ ଗାଇଡ୍ସ କ୍ୟାମ୍ପୋରୀ ଗତକାଲି ଉଦଘାଟନ ହୋଇଯାଇଥିବାବେଳେ ଆଜି ଦ୍ୱିତୀୟ ଦିବସରେ କ୍ୟାମ୍ପୋରୀର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତକାଲି ଉଦଘାଟନୀ ଉତ୍ସବ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଆଜି ଦ୍ୱିତୀୟ ଦିବସରେ ଦକ୍ଷତା ପ୍ରଦର୍ଶନୀ, ର୍‌ୟାମ୍ପ ଶୋ, ଗ୍ଲୋବାଲ ଗ୍ରାମ ଭଳି ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଦିବସରେ ସ୍କାଉଟ ସ ଗାଇଡ୍ସ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗିତା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି କ୍ୟାମ୍ପୋରୀରେ ଜିଲ୍ଲାର ବିଭିନ୍ନ ବ୍ଲକର ଅଂଶଗ୍ରହଣ କରିଥିବା ୨୫୫ ସ୍କାଉଟ ଓ ୨୮୪ ଗାଇଡ୍ସ ଛତ୍ରଛାତ୍ରୀ ନିଜ ହାତ ତିଆରି ୨୦ଟି

ଷ୍ଟଲରେ ମାଣ୍ଡିଆ ନିର୍ମିତ ପିଠା ଓ ଖିରି, ଗୁପଚୁପ, ବିଭିନ୍ନ ପ୍ରକାର ଜଳଖିଆ, ଫଳ ସାଲାଡ଼ ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ନିଜ ନିଜ ଷ୍ଟଲ୍‌ରେ ପ୍ରଦର୍ଶନ କରି ବିକ୍ରୟ କରିଥିଲେ। ସ୍କାଉଟ ଓ ଗାଇଡ୍ସ ପ୍ରଶିକ୍ଷକଙ୍କ ଦ୍ୱାରା ବିଚାରକ ମଣ୍ଡଳୀ ଗଠନ କରାଯାଇ ଏହାର ମୂଲ୍ୟାଙ୍କନ କରାଯାଇ କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା। ଆସନ୍ତାକାଲି କ୍ୟାମ୍ପୋରୀର ତୃତୀୟ ଦିବସରେ ଉଦଯାପନ ସମାରୋହ ଅନୁଷ୍ଠିତ ହେବାକୁ ଥିବାବେଳେ ବିଭିନ୍ନ ପ୍ରକାର ଦୁଃସାହସିକ କାର୍ଯ୍ୟକଳାପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍କାଉଟର ଡିଓସି ବିଜୟ କୁମାର ପାଣିଗ୍ରାହୀ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ବିଶୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ତଥା ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ମୋଦିଙ୍କ ସଂଯୋଜନାରେ ବ୍ଲକର ସମସ୍ତ ବିଦ୍ୟାଳୟର ସିଆରସିସି, ଶିକ୍ଷକ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।

ଆଜିର ରାଶିଫଳ

ମେଷ: ନିଜ ରୁଚି ଅନୁସାରେ କାମ କରିବେ। ବନ୍ଧୁ ମିଳନ ଯୋଗ ରହିଛି। ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ।

ବୃଷ: ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି। ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

ମିଥୁନ: ଦୀର୍ଘ ଦିନର ଆଶା ପୂରଣ ହେବ। ମାନସିକ ଶାନ୍ତି ମିଳିବ। ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ। ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପରିଶ୍ରମ ଅନୁସାରେ ଫଳ ମିଳିବ।

କର୍କଟ: ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ନୂତନ ଦାୟିତ୍ୱ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

ସିଂହ: ଦିନଟି ହସଖୁସିରେ ବିତିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ନିଜ ସାମର୍ଥ୍ୟ ମୁତାବକ ଅନ୍ୟମାନଙ୍କୁ ସାହାଯ୍ୟ କରିବେ।

କନ୍ୟା: କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଖର୍ଚ୍ଚାନ୍ତ ହୋଇପାରନ୍ତି। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ।

ତୁଳା: ପରିଶ୍ରମର ଫଳ ମିଳିବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି। ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି।

ବିଛା: ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

ଧନୁ: ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପତି-ପତ୍ନୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇପାରେ।

ମକର: ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

କୁମ୍ଭ: ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ।

ମୀନ: ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

ଆଜିର ଇତିହାସ

- ୧୮୧୫- ବିଶ୍ୱର ପ୍ରଥମ ପନିର ପ୍ରସ୍ତୁତ କାରଖାନା ସ୍ୱିଜରଲ୍ୟାଣ୍ଡରେ ଖୋଲିଲା।
- ୧୯୧୬- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୫୪- ଆହ୍ଲାବାଦ କୁମ୍ଭମେଳାରେ ଦଳାଚକଟା ଯୋଗୁଁ ୫୦୦ ଲୋକଙ୍କ ପ୍ରାଣହାନି।
- ୧୯୬୬- ଆମେରିକା ମହାକାଶକୁ ଉପଗ୍ରହ ପ୍ରେରଣ କଲା।
- ୧୯୮୮- ଆଇଏନ୍ଏସ୍ ଚକ୍ର ଭାରତୀୟ ସେନାରେ ସାମିଲ ହେଲା।
- ୨୦୧୮- ଭାରତ ଚତୁର୍ଥ ଥର ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଜିତିଲା।

ଫୁଡ୍ ଭ୍ୟାନ୍‌ରେ ରାଜେଶ ଖାନ୍ନାଙ୍କ କାହାଣୀ

ଦିଲ୍ଲୀ ଚାଣକ୍ୟପୁରୀରେ ଥିବା ଗୋଟିଏ ଛୋଟିଆ ଫୁଡ୍ ଭ୍ୟାନ୍ 'ଦ ଟ୍ରିଟ୍' ବଲିଉଡ୍‌ର କିମ୍ବଦନ୍ତୀ ଅଭିନେତା ରାଜେଶ ଖାନ୍ନାଙ୍କ ସ୍ମୃତିକୁ ଆଜି ବି ସାଇତି ରଖିଛି। ତେବେ ଏହା ହେଉଛି ଏକ ନିଆରା ରେଷ୍ଟୋରାଁ। ଏଠାରେ ରାଜେଶ ଖାନ୍ନାଙ୍କ ଫଟୋ, ଗୀତ ଏବଂ ବ୍ୟଞ୍ଜନ ସହିତ ତାଙ୍କ କାହାଣୀକୁ ମଧ୍ୟ ଗ୍ରାହକଙ୍କ ପାଖରେ ପହଞ୍ଚାଯାଏ। ଏହାର ମାଲିକ ବିପିନ କୁମାର ଓବରୟ ରାଜେଶ ଖାନ୍ନାଙ୍କ ଜଣେ ବଡ଼ ପ୍ରଶଂସକ। ସେ ପିଲାବେଳେ ତାଙ୍କ ଅଭିନୀତ 'ଆରାଧନା' ଫିଲ୍ମ ଦେଖିଥିଲେ ଏବଂ ଦିନେ ରାଜେଶଙ୍କୁ ଭେଟିବାର ଇଚ୍ଛାଶକ୍ତି ତାଙ୍କର ପୂରା ଜୀବନକୁ ବଦଳାଇ ଦେଲା। ୧୯୯୩ ମସିହାରେ ଏହି ଛୋଟିଆ ଫୁଡ୍ ଭ୍ୟାନ୍ ଜନପଥରେ ଆରମ୍ଭ ହୋଇଥିଲା। ଏହାକୁ ସେତେବେଳେ ନିଜେ ରାଜେଶ ଖାନ୍ନା ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଚାଣକ୍ୟପୁରୀକୁ ସ୍ଥାନାନ୍ତରିତ ହୋଇଥିଲା। ପୂରା ଭ୍ୟାନ୍‌ଟି ରାଜେଶ ଖାନ୍ନାଙ୍କ ଫଟୋରେ ପରିପୂର୍ଣ୍ଣ। ସେହିପରି ଏଠାରେ ତାଙ୍କ ଗୀତ ବି ସବୁବେଳେ ବାଜୁଥାଏ। ଅନ୍ୟପଟେ ରାଜେଶ ଖାନ୍ନା ଏହି ଭ୍ୟାନ୍‌ର କେବଳ ବ୍ରାଣ୍ଡ ଆଇକନ୍ ନ ଥିଲେ, ସେ ଏଥିରେ ବି ନିଜ ମନ ନିବେଶ କରିଥିଲେ। ଏଠାରେ ପରଷା ଯାଉଥିବା ୪୦ଟି ବ୍ୟଞ୍ଜନ ମଧ୍ୟରୁ ୨୫ଟି ତାଙ୍କ ଦ୍ୱାରା ମନୋନୀତ ହୋଇଥିଲା। ତାଙ୍କ ପସନ୍ଦିତ କିମା କୋପ୍ତା ଭଳି ଖାଦ୍ୟକୁ ସେ ରେଷ୍ଟୋରାଁର ମେନ୍ୟୁରେ ସାମିଲ କରିଥିଲେ। ରାଜେଶ ଏଠାରେ ଅନେକ ଥର ଗ୍ରାହକଙ୍କୁ ଖାଦ୍ୟ ପରଷିଛନ୍ତି ଏବଂ ନିଜ ସହ ଅନେକ ସେଲିବ୍ରିଟିଙ୍କୁ ବି ଏଠାକୁ ଆଣିଛନ୍ତି। ସେହିପରି ଏବେ ବି ଏହି ରେଷ୍ଟୋରାଁ ରାଜେଶ ଖାନ୍ନାଙ୍କ ଜନ୍ମଦିନ ଏବଂ ତାଙ୍କ ପୁଣ୍ୟତିଥିରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏହି ଦିନରେ ଏଠାରେ ମାଗଣା ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷ ଲୋକଙ୍କୁ ବଣ୍ଟାଯାଏ।

୨୦୨୭ରେ 'ବାରାଣସୀ'

ଏସ୍.ଏସ୍ ରାଜମୌଳିଙ୍କ ଫିଲ୍ମ 'ବାରାଣସୀ' ଏବେ ଏହାର ବଜେଟ୍ ଓ ଷ୍ଟାରକାଷ୍ଟକୁ ନେଇ ଚର୍ଚ୍ଚାରେ। ଏହାକୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ, ପୃଥ୍ୱୀରାଜ ସୁକୁମାରନ୍ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। ଗତବର୍ଷ ନଭେମ୍ବରରେ ଫିଲ୍ମର ପ୍ରଯୋଜକ ଏହାର ଟାଇଟଲ୍ ଘୋଷଣା କରିବା ପାଇଁ ହାଇଦ୍ରାବାଦରେ ଏକ ଭବ୍ୟ ସମାରୋହର ଆୟୋଜନ କରିଥିଲେ। ଏବେ ଏହି ଫିଲ୍ମର ରିଲିଜ୍‌କୁ ନେଇ ଖବର ଆସିଛି। ରାଜମୌଳି ସାମାଜିକ ଗଣମାଧ୍ୟମରେ ଫିଲ୍ମର ଏକ ପୋଷ୍ଟର୍ ସେୟାର୍ କରି ରିଲିଜ୍ ବିଷୟରେ ଘୋଷଣା କରିଛନ୍ତି। ପୋଷ୍ଟର୍‌ରେ ଏକ ଉଲ୍‌କାପିଣ୍ଡ ପୃଥିବୀ ଉପରେ ପଡ଼ି ଧ୍ୱଂସ ହେଉଥିବାର ଦେଖାଯାଇଛି। ଏହା ୭ ଏପ୍ରିଲ, ୨୦୨୭ରେ ଆସିବ ବୋଲି ଏଥିରେ ଉଲ୍ଲେଖ ଅଛି। ଫିଲ୍ମରେ ରୁଦ୍ର ଭୂମିକାରେ ମହେଶବାବୁ, ମନ୍ଦାକିନୀ ଭୂମିକାରେ ପ୍ରିୟଙ୍କା ଓ ଖଳନାୟକ କୁମ୍ଭା ଭୂମିକାରେ ସୁକୁମାରନ୍ ନଜର ଆସିବେ। ଏହି ଫିଲ୍ମକୁ ଏକାଧିକ ଭାଷାରେ ରିଲିଜ୍ କରାଯିବ। ସେହଭଳି ଆସନ୍ତା ବର୍ଷ ଏପ୍ରିଲ୍ ୭ରେ ଉଗାଦି ଓ ଗୁଡ଼ିପଡ଼ୱା ପାଳନ କରାଯାଉଥିବାରୁ ରାଜମୌଳି ରିଲିଜ୍ ପାଇଁ ଏହିଦିନ ବାଛିଥିବା ଚର୍ଚ୍ଚା ହେଉଛି। ଫିଲ୍ମର ବଜେଟ୍ ୧୨୦୦ କୋଟି ରହିଛି।

ବାହାଘରକୁ ଆସିଲେନି ସହକର୍ମୀ

ଚାକିରି ଛାଡ଼ିଲେ ଯୁବତୀ

ଅଫିସ୍ ବନ୍ଧୁତା ଏବଂ ବାସ୍ତବ ଜୀବନରେ ଫରକ୍ ଥିବା ଚୀନ୍‌ର ଜଣେ ଯୁବତୀଙ୍କ କାହାଣୀରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଚୀନ୍‌ର ଜନୈକା ଯୁବତୀ ଗୋଟିଏ କମ୍ପାନିରେ ଦୀର୍ଘ ୫ ବର୍ଷ ଧରି କାମ କରୁଥିଲେ। ସେ ଭାବୁଥିଲେ ଅଫିସ୍‌ରେ ତାଙ୍କର ସହକର୍ମୀଙ୍କ ସହ ଭଲ ସମ୍ପର୍କ ଅଛି। ତେବେ ବିବାହ ଭଳି ଏକ ବିଶେଷ ଦିନରେ ସେ କେବଳ ତାଙ୍କ ଅଫିସ୍‌ର କିଛି ଘନିଷ୍ଠ ବନ୍ଧୁଙ୍କୁ ନିମନ୍ତ୍ରଣ କରିବା କଥା ଚିନ୍ତା କରିଥିଲେ। ହେଲେ ଅଳ୍ପ ଜଣକୁ ଆମନ୍ତ୍ରଣ କରି ଅନ୍ୟମାନଙ୍କୁ ନ କଲେ ଅଫିସ୍‌ରେ ଭୁଲବୁଝାମଣା ସୃଷ୍ଟି ହେବ। ତେଣୁ ସେ ତାଙ୍କ ବିଭାଗର ପ୍ରାୟ ୭୦ ଜଣଙ୍କୁ ବିବାହ ନିମନ୍ତ୍ରଣ ଦେଲେ। ତାହା ପୁଣି ଦୁଇ ମାସ ପୂର୍ବରୁ। କେବଳ ସେତିକି ନୁହେଁ, ନିଜ ବାହାଘର ପୂର୍ବରୁ କେତେଜଣଙ୍କୁ ବିବାହ ଉପହାର ବି ଦେଲେ। ହେଲେ ବାହାଘର ଦିନ ଯାହା ଘଟିଲା, ତାଙ୍କ ମନ ଭାଙ୍ଗିଗଲା। ୭୦ଜଣଙ୍କ ମଧ୍ୟରୁ ବାହାଘରକୁ କେବଳ ତାଙ୍କର ଜଣେ ହିଁ ସହକର୍ମୀ ଆସିଥିଲେ। ସେ ପୁଣି ତାଙ୍କ ଜୁନିୟର ଥିଲେ ଏବଂ କର୍ତ୍ତବ୍ୟ ଦୃଷ୍ଟିରୁ ଆସିଥିବା ଯୁବତୀ ଜଣକ ଅନୁଭବ କରିଥିଲେ। ଅଫିସ୍ ଲୋକଙ୍କ ଲାଗି ସେ ୬ଟି ବଡ଼ ଟେବୁଲ ବୁକ୍ କରିଥିଲେ ଏବଂ ସେସବୁ ଖାଲି ପଡ଼ିଲା। ସମସ୍ତ ଖାଦ୍ୟ ନଷ୍ଟ ହେବା ସହ ସେ ତାଙ୍କ ଘର ଲୋକ ଏବଂ ଶ୍ୱଶୁର ଘର ଲୋକଙ୍କ ପାଖରେ ଏଥିପାଇଁ ଲଜ୍ଜିତ ହୋଇଥିଲେ। ଘଟଣାଟି ତାଙ୍କୁ ଦୁଃଖଦେବା ସହ ସେ ଭାଙ୍ଗି ପଡ଼ିଲେ। ସେ ଭାବିଲେ, ଯେଉଁମାନଙ୍କ ସହିତ ସେ ପାଞ୍ଚ ବର୍ଷ ଧରି କାମ କଲେ, ସେମାନେ କେହି ବି ତାଙ୍କ ଭାବନାକୁ ବୁଝିଲେ ନାହିଁ। ବିବାହ ପର ଦିନ ସେ ଅଫିସ୍ ଗଲେ ଏବଂ ଚାକିରିରୁ ଇସ୍ତଫା ଦେଲେ। ସେହିପରି ସେ ତାଙ୍କର ଏହି କାହାଣୀକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ଅଫିସ୍ ବନ୍ଧୁତା କ'ଣ ପ୍ରକୃତ ବନ୍ଧୁତା ବୋଲି ତାଙ୍କର ଏହି କାହାଣୀ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ମାର୍ଟ ଉପାୟରେ ଫସଲ ସୁରକ୍ଷା

ବର୍ତ୍ତମାନ କମ୍ ତାପମାତ୍ରା ଏବଂ କୁହୁଡ଼ି ଯୋଗୁଁ ଟମାଟୋ, ଲଙ୍କା, ବାଇଗଣ, ଫୁଲକୋବି ଆଦି ଫସଲ ନଷ୍ଟ ହେଉଛି। ତେଣୁ ଚାଷୀମାନେ ଠିକ ସମୟରେ ଜଳ ଯୋଗାଣ, ପଲିହାଉସ୍ ବା ଜାଲି ବ୍ୟବହାର ଆଦି ଦିଗକୁ ଧ୍ୟାନ ଦେଇ ଫସଲକୁ ସୁରକ୍ଷା ଦେଇପାରିବେ।

ଶୀତଋତୁରେ ଫସଲର ସୁରକ୍ଷା ପାଇଁ ସବୁଜ ଜାଲି ବା ପଲିହାଉସ୍ ବ୍ୟବହାର କରିପାରିବେ। ଏହା ଫସଲକୁ ଥଣ୍ଡା ଏବଂ କୀଟରୁ ସୁରକ୍ଷା ଦେଇଥାଏ। ରାସାୟନିକ ଉପାୟରେ ପନିପରିବା ଫସଲରୁ ଶୋଷକ କୀଟ ନିୟନ୍ତ୍ରଣ ପାଇଁ ଥିଆମିଥୋକ୍ସାମ ବ୍ୟବହାର କରାଯାଏ। ଫସଲ ଆବଶ୍ୟକତା ଅନୁସାରେ ଗୋବର ଖତ ବ୍ୟବହାର କରିପାରିବେ। ଏହାଦ୍ୱାରା ଗଛ ଏବଂ ମାଟି ସୁସ୍ଥ ରୁହେ। ଫସଲରେ ଜଳ ଅଭାବ ନ ରହିବାକୁ ବୁନ୍ଦା ଜଳସିଞ୍ଚନ ବା ସ୍ପ୍ରିଙ୍କଲର ବ୍ୟବହାର ଜରୁରି। ଏହାଦ୍ୱାରା ଫସଲ ମୂଳକୁ ଜଳ ମିଳିଥାଏ। ତେଣୁ ସମୟେ ସମୟେ ହାଲୁକା ଜଳ ସିଞ୍ଚନ କରିପାରିବେ। ଏହା ଦ୍ୱାରା କୁହୁଡ଼ିରୁ ଫସଲ ସୁରକ୍ଷିତ ରହିଥାଏ। ସର୍ବଦା ଗଛରେ ଶୁଖିଲା ଏବଂ ରୋଗଗ୍ରସ୍ତ ପତ୍ର ହଟାଇ ଦେବା ଜରୁରି। ଏହାଦ୍ୱାରା ଗଛରେ ଫୁଲ ଓ ଫଳର ବିକାଶ ହୋଇଥାଏ।

ଅର୍ଥନୈତିକ ବିକାଶ ପଥେ ଅଭିବୃଦ୍ଧି ଏଫ୍‌ପିଓ

କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ଦିଗ ଦେବାରେ ଅନନ୍ୟ ଭୂମିକା ତୁଲାଇଛି ଦେଓଗଡ଼ ଜିଲ୍ଲା ଅନ୍ତର୍ଗତ ରିଆମାଳ ବ୍ଲକ୍ ସ୍ଥିତ 'ଅଭିବୃଦ୍ଧି କୃଷକ ଉତ୍ପାଦକ ସଂଗଠନ'। ଚାଷୀଙ୍କ ଆୟ ବୃଦ୍ଧି ଉଦ୍ଦେଶ୍ୟରେ ୧୨୧୨ ଜଣ ସଦସ୍ୟଙ୍କୁ ନେଇ ସଂଗଠନଟି ୨୦୧୬ରେ ଗଠିତ ହୋଇଥିଲା। ସଂଗଠନଟି ଚିନାବାଦମ, ଧାନ, ପରିବାଚାଷ ସହିତ ସଦସ୍ୟଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସଲେନ୍ସ' ମାଧ୍ୟମରେ କୃଷିବିଜ୍ଞାନ କେନ୍ଦ୍ର, ବାଲେଶ୍ୱର ପକ୍ଷରୁ ପ୍ରଶିକ୍ଷଣ, କ୍ଷେତ୍ର ପରିଦର୍ଶନ ଭଳି ସହଯୋଗ ଯୋଗାଇ ଦିଆଯାଇଛି। ଏହି ସଂଗଠନ କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ଼ ଓ ରାଜ୍ୟର କୃଷି ଓ ଉଦ୍ୟାନ ବିଭାଗ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାର ସହଯୋଗ ପାଇ ନିଜ କାର୍ଯ୍ୟ କ୍ଷମତାକୁ ସଫଳ ଭାବରେ ବିସ୍ତାର କରିବାରେ ସକ୍ଷମ ହୋଇ ପାରିଛି। ଚାଷୀଙ୍କୁ ଭିତ୍ତିଭୂମି ସହାୟତା ପ୍ରଦାନ କରିବା ପାଇଁ ଏହା ଦ୍ୱାରା ୧୦ଟି ଚାଷୀ କେନ୍ଦ୍ର, ଗୋଟିଏ ଉନ୍ନତମାନର ନର୍ସରୀ, ଏକ ପ୍ରଦର୍ଶନ କ୍ଷେତ୍ର ସ୍ଥାପନ କରାଯାଇଛି। ଭର୍ମିକମ୍ପୋଷ୍ଟ, ଜୈବସାର ଓ ସୀମିତ କୀଟନାଶକ ବ୍ୟବହାର ମାଧ୍ୟମରେ ପରିବେଶ ମିତ୍ର କୃଷି ପଦ୍ଧତିକୁ ଚାଷୀମାନଙ୍କ ମଧ୍ୟରେ ଲୋକପ୍ରିୟ କରାଯାଇଛି। ତରଭୁଜ, ଧାନ ଓ ବିଭିନ୍ନ ପରିବା ଚାଷ ପଦ୍ଧତି ଉପରେ ନିୟମିତ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି। ମଲ୍ଚିଂ ଓ ଡ୍ରିପ୍ ଜଳସେଚନ ମାଧ୍ୟମରେ ଅଣ ମୌସୁମୀ ପନିପରିବା ପାଇଁ ଉତ୍ସାହିତ କରାଯାଇ ଚାଷୀମାନଙ୍କୁ ଅତିରିକ୍ତ ଆୟ ସୁଯୋଗ ପ୍ରଦାନ କରୁଛି। ଉନ୍ନତ ପ୍ରଯୁକ୍ତି ଏବଂ ସଠିକ କୃଷି ପଦ୍ଧତି ଅନୁସରଣ ଫଳରେ ତରଭୁଜ ଉତ୍ପାଦନରେ ୩୫% ପର୍ଯ୍ୟନ୍ତ ବୃଦ୍ଧି ସହିତ ବଜାର ବିସ୍ତାର ମଧ୍ୟ ସମ୍ଭବ ହୋଇପାରିଛି। ଦୁଇ ବର୍ଷ ମଧ୍ୟରେ ପ୍ରତି ଚାଷୀର ହାରାହାରି ଆୟ ୩୦%ରୁ ୪୦% ବୃଦ୍ଧି ପାଇଛି। ଏହି ସଂଗଠନ ଡିଜିଟାଲ ସଶକ୍ତିକରଣକୁ ମୁଖ୍ୟ ଭିତ୍ତି କରି ଇ-ମାର୍କେଟିଂ ପ୍ଲାଟ୍‌ଫର୍ମର ପ୍ରୋତ୍ସାହନ, ଡିଜିଟାଲ ସାକ୍ଷରତା ତାଲିମ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଉଛି। ସଂଗଠନଟି ଚାଷୀଙ୍କ ଆୟ ବୃଦ୍ଧି ଓ ସ୍ଥାୟୀ କୃଷି ଦିଗରେ ଅଗ୍ରଗତି କରିଥିଲେ ମଧ୍ୟ ବଜାର ସୂଚନାର ଅଭାବ, ଉତ୍ପାଦିତ ଦ୍ରବ୍ୟର ବଜାରୀକରଣ, ସଂରକ୍ଷଣ ଭିତ୍ତିଭୂମି ଓ କୃଷି ଯନ୍ତ୍ରପାତି ଅଭାବ କାରଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛି। ଏହାର ସମାଧାନ ସ୍ୱରୂପ ନିୟମିତ ତାଲିମ ଓ ସଚେତନତା କାର୍ଯ୍ୟକ୍ରମଦ୍ୱାରା ଚାଷୀଙ୍କୁ ସଚେତନ କରାଯାଇଛି। ଆଗାମୀ ଦିନରେ ପ୍ରକ୍ରିୟାକରଣ ୟୁନିଟ୍, କୃଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଏକ୍ସପୋଜର ଭିଜିଟ୍, ଗ୍ରୀନ ହାଉସ୍ ପ୍ରତିଷ୍ଠା ମାଧ୍ୟମରେ ଏହି ସଂଗଠନ ଚାଷୀ ସମୃଦ୍ଧି ଦିଗରେ ଦୃଢ଼ ପଦକ୍ଷେପ ନେଇ ଅଗ୍ରସର ହେଉଛି।

କୁକୁଡ଼ାଙ୍କ ପାଇଁ ସୋୟାବିନ୍

କୁକୁଡ଼ା ପାଳନରେ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସେମାନଙ୍କୁ ଖାଇବାକୁ ଦେଲେ ସେମାନେ ହୃଷ୍ଟପୁଷ୍ଟ ହୋଇଥାନ୍ତି। ତେବେ କୁକୁଡ଼ାଙ୍କ ପାଇଁ ସୋୟାବିନ୍ ଏକ ଉତ୍ତମ ପ୍ରୋଟିନଯୁକ୍ତ ଖାଦ୍ୟ। ଏଥିରେ ୪୦-୪୨% ପ୍ରୋଟିନ ରହିଥାଏ। ତେଣୁ ଏହାକୁ କୁକୁଡ଼ା ଦାନାରେ ମିଶାଯାଇଥାଏ। ସୋୟାବିନ୍‌କୁ ହାଲୁକା ଭାଜି ଏହାକୁ ଥଣ୍ଡା କରି ପୋଲଟ୍ରି ଫିଡ ମିଲରେ ଗୁଣ୍ଡ କରିଲେ ଠିକ୍ ଆକାର ଆସେ। ଏହାକୁ ଦାନା ବା କୁକୁଡ଼ାଖାଦ୍ୟରେ ୩୦-୩୫% ମିଶାଇ ଦିଆଯାଏ। କୁକୁଡ଼ାର ପ୍ରଜାତି ଏବଂ ଶାରୀରିକ ଅବସ୍ଥା ଦେଖି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସୋୟାବିନ୍ ଦିଆଯାଏ। ଏହାକୁ ଦାନା ବା କୁକୁଡ଼ାଖାଦ୍ୟରେ ମିଶାଇ ଦିଆଗଲେ ଶକ୍ତି ଯୋଗାଏ। ଅଣ୍ଡା ଉତ୍ପାଦନ ଏବଂ ମାଂସପେଶୀ ବୃଦ୍ଧିରେ ସହାୟକ ହୁଏ। ପାଚନ କ୍ରିୟାରେ ସହାୟକ ହୁଏ।

କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନରେ ମୂଳ ସଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବ ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବର୍ତ୍ତମାନ ଲାଗିଥିବା କୋବି ଜାତୀୟ ପନିପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡାଇ ରଖନ୍ତୁ।
- ଶୁଖିଲା ପାଗ ରହୁଥିବାରୁ ଚାଷୀଭାଇମାନେ ଆବଶ୍ୟକ ଥିଲେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ।
- ଆଖୁ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ଗ୍ରାମ୍ ଆଟ୍ରାଜିନ୍ ଔଷଧ ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ କିମ୍ବା ୪୦୦ ଗ୍ରାମ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଘାସ ସଫା ପାଇଁ

ବ୍ରଶ୍ କଟର

ଚାଷ ଜମିରେ ଅନାବନା ଘାସ ଫସଲ ପାଇଁ ଆବଶ୍ୟକୀୟ ପୋଷକତତ୍ତ୍ୱ, ପାଣି ଆଦିକୁ ଗ୍ରହଣ କରିଦିଏ। ଫଳରେ ଫସଲ ଅମଳ ବାଧାପ୍ରାପ୍ତ ହୁଏ। ସାଧାରଣତଃ ଅନାବନା ଘାସ ସଫା ପାଇଁ କୋଦାଳ, ଫାଉଡା ଆଦି ବ୍ୟବହାର କରାଯାଏ। ହେଲେ ଏଥିପାଇଁ ବ୍ରଶ୍ କଟର ପ୍ରଭାବୀ। ଏହା ଏକ ପୋର୍ଟେବଲ ମେସିନ। ଅନାବନା ଘାସ କାଟିବାକୁ ଡିଜାଇନ୍ ହୋଇଥାଏ। ଏହି ହାଲୁକା ଯନ୍ତ୍ରଟିକୁ କାନ୍ଧରେ ବେଲ୍ଟ ସାହାଯ୍ୟରେ ପିନ୍ଧି ଚଳାଯାଏ। ମେସିନ୍ ସାମ୍ନାରେ ଧାର ବ୍ଲେଡ ଓ ନାଇଲନ୍ କର୍ଡ ଘାସ ସଫା କରେ। ମେସିନ୍ ଜମିର ସବୁ କୋଣକୁ ପହଞ୍ଚି ପାରେ। ଅନାବନା ଘାସ ସଫା ଦ୍ୱାରା ଫସଲରେ ରୋଗପୋକ ଲାଗିବା ଆଶଙ୍କା କମ୍ ରୁହେ। ଫସଲର ଗୁଣବତ୍ତା ଠିକ୍ ରୁହେ। ବ୍ରଶ କଟର ଘାସ ସଫା କରିବା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ କରିପାରେ।

ସକାଳ
THE SAKALA
www.sakalaepaper.com

ଭାରତ ସହ ଟି-୨୦ ବିଶ୍ୱକପ୍ ନ ଖେଳିବା ବିବାଦ

ପାକିସ୍ତାନକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ

ଦୁବାଇ/କରାଚି, ୨।୨ (ସମିସ)

ବାଂଲାଦେଶକୁ ସମର୍ଥନ କରୁଥିବା ପାକିସ୍ତାନ କ୍ରିକେଟ ଦଳ ଶେଷରେ ଟି-୨୦ ବିଶ୍ୱକପ୍ ଖେଳିବା ଲାଗି ଶ୍ରୀଲଙ୍କାରେ ପହଞ୍ଚିଛି। ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ପାକିସ୍ତାନ ଯେଉଁ ଧମକ ଦେଇଥିଲା ତାହାର ପରିସମାପ୍ତି ଘଟିଛି। ଏବେ ଆଉ ଏକ ନୂଆ କାହାଣୀ ବିଶ୍ୱକପ୍ ସହ ଯୋଡି ହୋଇଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଖେଳିବା ଲାଗି ଅନୁମତି ମିଳିଛି। କିନ୍ତୁ ଶ୍ରୀଲଙ୍କାର କଲମ୍ବୋଠାରେ ଫେବୃଆରୀ ୧୫ରେ ଭାରତ ସହ ହେବାକୁ ଥିବା ମ୍ୟାଚ୍‌ରେ ପାକିସ୍ତାନ ଖେଳିବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ଆତଙ୍କବାଦୀ ଆକ୍ରମଣ ହେଉ କିମ୍ବା ବୋମା ବିସ୍ଫୋରଣକୁ ନେଇ ସଦା ସର୍ବଦା ଚର୍ଚ୍ଚାରେ ରହୁଥିବା ପାକିସ୍ତାନ ବିଶ୍ୱକପ୍‌ରେ ଭାରତକୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇ ଆଉ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଏହି ନିଷ୍ପତ୍ତି ସମ୍ପର୍କରେ ପାକିସ୍ତାନ କ୍ରିକେଟ ବୋର୍ଡ ଏଯାଏ ଅନ୍ତର୍ଜାତୀୟ କ୍ରିକେଟ ପରିଷଦକୁ କିଛି ସୂଚନା ଦେଇନାହିଁ। ଏହା ମଧ୍ୟରେ ଶ୍ରୀଲଙ୍କାରେ ଆଜି ପାକିସ୍ତାନ ଦଳ ପହଞ୍ଚିଛି। ହାଇବ୍ରିଡ୍ ମଡେଲରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ପାକିସ୍ତାନ କଲମ୍ବୋରେ ଖେଳିବ। ଏହା ସତ୍ତ୍ୱେ ଭାରତ ସହ ନ ଖେଳିବାକୁ ଯେଉଁ ନିଷ୍ପତ୍ତି ନେଇଛି ସେଥିଲାଗି ଏହି ଦେଶକୁ କ୍ଷତି ସହିବାକୁ ପଡ଼ିପାରେ।

ପାକିସ୍ତାନ ସରକାରଙ୍କ 'ଏକ୍ସ'ରେ ଭାରତ ସହ ନ ଖେଳିବା ନିଷ୍ପତ୍ତି ଉପରେ ଆଇସିସି ପ୍ରତିକ୍ରିୟା ପ୍ରକାଶ କରିଛି। ପାକିସ୍ତାନର ଏଭଳି ନିଷ୍ପତ୍ତି ଯୋଗୁ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇସିସି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାର ଅର୍ଥ ଭାରତ ସହ ନ ଖେଳିଲେ ପାକିସ୍ତାନକୁ ଦଣ୍ଡପ୍ରଦାନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଗୋଟିଏ କିମ୍ବା ଦୁଇଟି ଦେଶର କ୍ରିକେଟ ବୋର୍ଡ ହେଉ କିମ୍ବା ସରକାରଙ୍କ ଯେତେବେଳେ ଯେଉଁ ନିଷ୍ପତ୍ତି ନେବେ ତାହାକୁ ଆଇସିସି ଗ୍ରହଣ କରିପାରିବ ନାହିଁ। ଏହାକୁ ଗ୍ରହଣ କରିବା ଅର୍ଥ ଗ୍ଲୋବାଲ କ୍ରିକେଟ ଇଭେଣ୍ଟ ଉପରେ ଖରାପ ପ୍ରଭାବ ପଡ଼ିବ। ପାକିସ୍ତାନର ଏଭଳି ନିଷ୍ପତ୍ତି ବିଶ୍ୱ କ୍ରିକେଟର ସ୍ୱାର୍ଥବିରୋଧୀ ଓ ପାକିସ୍ତାନ ସମେତ ବିଶ୍ୱ କ୍ରିକେଟପ୍ରେମୀଙ୍କ କଲ୍ୟାଣ ଲାଗି ଉଦ୍ଦିଷ୍ଟ ନୁହେଁ।

କ'ଣ ହୋଇପାରେ କାର୍ଯ୍ୟାନୁଷ୍ଠାନ

ବର୍ଷ ବର୍ଷ ଧରି ପ୍ରସ୍ତୁତି, ଯୋଜନା ଓ ବିପୁଳ ପରିମାଣର ଅର୍ଥ ବ୍ୟୟକରାଯାଇ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଶେଷ ମୁହୂର୍ତ୍ତରେ ଗୋଟିଏ ଦଳ ଯଦି ବୟକଟ ଭଳି ନିଷ୍ପତ୍ତି ନିଏ, ତେବେ ତାହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିଶ୍ଚିତ। ଭାରତ ସହ ମ୍ୟାଚ୍ ନ ଖେଳିବା ନିଷ୍ପତି ଯୋଗୁଁ ପାକିସ୍ତାନକୁ ଏହାର କୁପରିଣାମ ଭୋଗିବାକୁ ପଡ଼ିପାରେ। ଏହି ଘଟଣାରେ ଆଇସିସି କି ପଦକ୍ଷେପ ନେବ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। ଏହି ନିଷ୍ପତ୍ତି ଫଳରେ ପ୍ରଥମରେ ପାକିସ୍ତାନକୁ ଏସିଆ କପ୍‌ରୁ ବାସନ୍ଦ କରାଯାଇପାରେ। ଦ୍ୱିତୀୟରେ ପାକିସ୍ତାନ ସୁପର ଲିଗ୍ ଲାଗି ସଦସ୍ୟରାଷ୍ଟ୍ରଗୁଡିକ ସେମାନଙ୍କ ଖେଳାଳିଙ୍କୁ ଏନ୍‌ଓସି ନ ଦେବାପୁ କୁହାଯାଇପାରେ। ତୃତୀୟରେ ଆଇସିସିରୁ ପାକିସ୍ତାନକୁ ଯେଉଁ ଅନୁଦାନ ମିଳୁଛି ତାହାକୁ ପ୍ରତ୍ୟାହାର କରିନିଆଯାଇପାରେ। ଏହି ବିଶ୍ୱକପ୍‌ରେ ୫୫ଟି ମ୍ୟାଚ୍ ଖେଳାଯିବ। ଏହା ନିଃସନ୍ଦେହରେ ଫେବୃଆରୀ ୧୫ରେ ଭାରତ-ପାକିସ୍ତାନ ମୁକାବିଲା ଏହା ମଧ୍ୟରେ ସର୍ବଶ୍ରେଷ୍ଠ। ମେଗା ଟୁର୍ଣ୍ଣାମେଣ୍ଟରେ ଭାରତ ଖେଳୁଥିବା ମ୍ୟାଚ୍‌ରୁ ଆଇସିସିକୁ ୧୦୦ କୋଟି ଟଙ୍କା ମିଳିଥାଏ। ପାକିସ୍ତାନ ସହ ମୁକାବିଲାରେ ଏହା ଦ୍ୱିଗୁଣିତ ହୋଇଯାଏ। ଏଣୁ ଫେବୃଆରୀ ୧୫ ମ୍ୟାଚ୍ ନ ହେଲେ ୨୦୦ କୋଟି ଟଙ୍କା କ୍ଷତି ହେବାର ସମ୍ଭାବନା ରହିଛି। ଏହି ବିଶ୍ୱକପ୍‌କୁ ସଫଳ କରାଇବା ଆଇସିସି ଓ ଆୟୋଜକ ଦେଶଗୁଡିକର ଯେତିକି ଦାୟିତ୍ୱ ରହିଛି, ଠିକ୍ ପାକିସ୍ତାନ ସହ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କର ମଧ୍ୟ ଦାୟିତ୍ୱ ରହିଛି।

ଆଇସିସି କିଛି କରିପାରିବ ନାହିଁ: ମନି

ଲଣ୍ଡନ : ଭାରତ ସହ ପାକିସ୍ତାନ ବିଶ୍ୱକପ୍ ମ୍ୟାଚ୍ ନ ଖେଳିଲେ ଆଇନଗତ ଭାବେ ଆଇସିସି କିଛି କରିପାରିବ ନାହିଁ ବୋଲି ଆଇସିସି ତଥା ପିସିବିର ପୂର୍ବତନ ସଭାପତି ପାକିସ୍ତାନର ଏହସାନ ମନି କହିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ ଚୁକ୍ତି ଅନୁଯାୟୀ ବିଶ୍ୱକପ୍‌ରେ ଖେଳୁଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପାକିସ୍ତାନ କ୍ରିକେଟ ବୋର୍ଡ କାମ କରୁଛି। ପୂର୍ବରୁ ପାକିସ୍ତାନରେ ଭାରତ ଖେଳିବ ନାହିଁ ବୋଲି ଭାରତ ସରକାରଙ୍କ ନିଷ୍ପତ୍ତିକୁ ଆଇସିସି ମାନିନେଇଥିଲା। ଏବେ ପାକିସ୍ତାନ ମଧ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଭାରତ ସହ ଖେଳିବ ନାହିଁ। ଏଣୁ ଆଇସିସି ଏଥିଲାଗି ପାକିସ୍ତାନ କ୍ରିକେଟ ବୋର୍ଡକୁ ଦୋଷୀ ସାବ୍ୟସ୍ତ କରିପାରିବ ନାହିଁ ବୋଲି ମନି କହିଛନ୍ତି। ଏଣୁ ଆଇସିସି ଭାରତ ଲାଗି ଗୋଟିଏ ଓ ପାକିସ୍ତାନ ଲାଗି ଆଉ ଗୋଟିଏ ନିଷ୍ପତ୍ତି ନେବ ନାହିଁ। ସୂଚନାଯୋଗ୍ୟ, ଭାରତ ଗତ ୧୪ ବର୍ଷ ହେଲା ପାକିସ୍ତାନ ଗସ୍ତରେ ଯାଇନାହିଁ କିମ୍ବା ଏହି ଦଳ ସହ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳିନାହିଁ। ଟୁର୍ଣ୍ଣାମେଣ୍ଟର ଭେନ୍ୟୁ ଚୟନ ବେଳକୁ ଭାରତ ପାକିସ୍ତାନ ଯିବ ନାହିଁ ବୋଲି ସ୍ପଷ୍ଟ କରିଛି। ଖେଳସୂଚୀ ଘୋଷଣା ହେବା ପରେ ପାକିସ୍ତାନ ଭଳି ଭାରତ ଏକ ନିର୍ଦ୍ଦିଷ୍ଟ ଦେଶ ବିପକ୍ଷରେ ଖେଳିବାକୁ ମନାକରି ନାହିଁ। କିମ୍ବା ସରକାର ମନା କରିନାହାନ୍ତି।

୨୨୦୦ କୋଟି ଟଙ୍କାର କ୍ଷତି

ଆଇସିସି ଦ୍ୱାରା ଆୟୋଜିତ ହେବାକୁ ଥିବା ଭାରତ-ପାକିସ୍ତାନ ମ୍ୟାଚ୍ ଆୟୋଜିତ ନ ହେଲେ ଏହା ସହ ଜଡିତ ସଂଗଠନ ଓ ସଂସ୍ଥାଗୁଡିକର ୨୫୦ ନିୟୁତ ଡଲାର ବା ପାଖାପାଖି ୨୨୦୦ କୋଟି ଟଙ୍କା କ୍ଷତି ହେବ ବୋଲି କୁହାଯାଉଛି। ଏହି ମ୍ୟାଚ୍ ଆୟୋଜନ କରିବା ଲାଗି ଆଇସିସିର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହୀ ବୋର୍ଡର ବୈଠକ ହେବ। ଭାରତ ମଧ୍ୟ ଫେବୃଆରୀ ୧୫ ତାରିଖ ମ୍ୟାଚ୍ ଲାଗି କଲମ୍ବୋ ଯିବ। ଏଣୁ ପାକିସ୍ତାନ ଭାରତ ସହ ନ ଖେଳିବାକୁ ନିଷ୍ପତ୍ତି ପରେ ବିପୁଳ ପରିମାଣରେ କ୍ଷତି ସହିବାକୁ ପଡ଼ିବ। ଆଇସିସିର ୨୦୦ କୋଟି ଟଙ୍କା ଓ ପ୍ରସାରଣକାରୀ ସଂସ୍ଥାର ୨୦୦ରୁ ୨୫୦ କୋଟି ଟଙ୍କା କ୍ଷତି ହେବ ବୋଲି ଆକଳନ କରାଯାଇଛି। ଏହି ମ୍ୟାଚ୍‌ରେ ୧୦ ସେକେଣ୍ଡର ବିଜ୍ଞାପନ ଲାଗି ୪୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଘଟଣା ପରେ ବିସିସିଆଇର ମିଡିଆ ଲାଇଭ୍ ଷ୍ଟ୍ରିମିଂ ସଂସ୍ଥା ଜିଓହଟ୍‌ଷ୍ଟାର ୩୦୦ କୋଟି ଟଙ୍କାରେ ଯେଉଁ ପ୍ରସାରଣ ଅଧିକାର ପାଇଥିଲା ତାହାକୁ ପୁନଃମୂଲ୍ୟାୟନ କରିବ ବୋଲି ନୋଟିସ୍ ଦେଇଛି। ମ୍ୟାଚ୍ ନହେଲେ ପାକିସ୍ତାନ କ୍ରିକେଟ ବୋର୍ଡକୁ ଦିଆଯିବାକୁ ଥିବା ଆର୍ଥିକ ଅନୁଦାନକୁ ବନ୍ଦ କରାଯାଇପାରେ। ଏହାର ପରିମାଣ ଜଣାଯାଇନାହିଁ। ପାକସ୍ତାନ କ୍ରିକେଟ ବୋର୍ଡର ବାର୍ଷିକ ଆୟ ପାଖାପାଖି ୩୨୫ କୋଟି ଟଙ୍କା। କିନ୍ତୁ ଆଇସିସି ଦ୍ୱାରା ଆୟୋଜିତ ମ୍ୟାଚ୍‌ରେ ଏହାର ୫ଗୁଣ ଅର୍ଥ ବା ପାଖାପାଖି ୨୨୭୫ କୋଟି ଟଙ୍କା ହୋଇଥାଏ। ବିଶ୍ୱରେ ଏହି ମ୍ୟାଚ୍‌କୁ କୋଟି କୋଟି ଦର୍ଶକ ଦେଖିଥାନ୍ତି। ଏହି ମ୍ୟାଚ୍ ବାତିଲ ହେଲେ ଆୟୋଜକ ଆଇସିସି, ପ୍ରସାରଣକାରୀ ସଂସ୍ଥା, ପ୍ରାୟୋଜକଙ୍କର ବିପୁଳ କ୍ଷତି ହେବ। ସେହିପରି ଆଇସିସିର ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିବ।

ଡବ୍ଲ୍ୟୁପିଏଲ୍ ଏଲିମିନେଟର୍ ଆଜି

କ୍ରମାଗତ ୪ର୍ଥ ଫାଇନାଲ ଲକ୍ଷ୍ୟରେ ଦିଲ୍ଲୀ

ଭଦୋଦରା, ୨।୨ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍) ଅନ୍ତିମ ଚରଣରେ ପହଞ୍ଚିଛି। ମଙ୍ଗଳବାର ଲିଗ୍‌ର ଏକମାତ୍ର ଏଲିମିନେଟର୍ ମୁକାବିଲା ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବ। ଏହି ମ୍ୟାଚର ବିଜେତା ଫେବୃଆରୀ ୫ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସହ ଫାଇନାଲ ଖେଳିବ। ପୂର୍ବରୁ ପଏଣ୍ଟ ଟେବଲ୍‌ର ଶୀର୍ଷରେ ରହି ଆରସିବି ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା। ତେଣୁ ଏହି ଏଲିମିନେଟର୍ ମ୍ୟାଚ୍ ଉଭୟ ଗୁଜରାଟ ଓ ଦିଲ୍ଲୀ ପାଇଁ ସେମିଫାଇନାଲ ସଦୃଶ ହୋଇଛି। ଉଭୟ ଦଳ ବିଜୟ ଲକ୍ଷ୍ୟରେ ଆସନ୍ତାକାଲି ପଡ଼ିଆକୁ ଓହ୍ଲାଇବେ। ଯଦି ଜେମିମା ରୋଡ୍ରିଗ୍ସଙ୍କ ନେତୃତ୍ୱାଧୀନ ଦିଲ୍ଲୀ ବିଜୟୀ ହୁଏ ତେବେ ଲିଗ୍ ଇତିହାସର ପ୍ରଥମ ଦଳ ଭାବେ ସମସ୍ତ ୪ଟି ଯାକ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ପୂର୍ବ ୩ଟି ସଂସ୍କରଣରେ ଦିଲ୍ଲୀ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପ୍ରତ୍ୟେକଥର ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଅପରପକ୍ଷରେ ଦିଲ୍ଲୀକୁ ହରାଇ ଗୁଜରାଟ ପ୍ରଥମ ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି।

ମ୍ୟାଚ୍ ଆରମ୍ଭ : ରାତି ୭ଟା ୩୦
ସ୍ଥାନ: ଭଦୋଦରା
ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

୧୯ ବର୍ଷରୁ କମ୍ ବିଶ୍ୱକପ୍

ଅଷ୍ଟ୍ରେଲିଆ-ଇଂଲଣ୍ଡ ସେମି ଆଜି

ବୁଲାୱାୟୋ,୨।୨(ଏଜେନ୍ସି): ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଆସନ୍ତାକାଲିଠାରୁ ଖେଳାଯିବ। ଆସନ୍ତାକାଲି ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ସହ ଇଂଲଣ୍ଡର ଓ ବୁଧବାର ଦ୍ୱିତୀୟ ସେମିଫାଇନାଲରେ ଭାରତ ସହ ଆଫଗାନିସ୍ତାନର ମୁକାବିଲା ହେବ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଏହି ଟୁର୍ଣ୍ଣାମେଣ୍ଟରେ ସମସ୍ତ ୫ଟି ଯାକ ମ୍ୟାଚ୍ ଜିତିବା ସହ ଅପରାଜେୟ ରହି ସେମିରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟରେ ବେଶ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ବିଶେଷ କରି ଓପନର ନିତେଶ ସାମୁଏଲ୍ ୭୭, ୬୦ ଓ ୫୬ ରନ୍ କରିଛନ୍ତି। ଅଧିନାୟକ ଅଲିଭର ପିକ୍ ମଧ୍ୟ ଭଲ ଫର୍ମରେ ଅଛନ୍ତି। ସେହିପରି ବୋଲିଂରେ ଚାର୍ଲସ ଲାଚମଣ୍ଡ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୨ଟି ୱିକେଟ ନେଇଥିଲାବେଳେ ୱିଲ ବାଇରମ୍ ତାଙ୍କୁ ଉପଯୁକ୍ତ ସହାୟତା ଦେଇଛନ୍ତି। ଇଂଲଣ୍ଡ ପକ୍ଷରୁ ବ୍ୟାଟିଂରେ ବେନ୍ ମାୟେସ ଓ ବୋଲିଂରେ ମ୍ୟାନି ଲୁମ୍‌ସଡେନ୍ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି। ଆଟାକିଂ ଖେଳ ଲାଗି ଖ୍ୟାତି ଅର୍ଜନ କରିଥିବା ଇଂଲଣ୍ଡ ଦଳ ଏଯାଏ ଖେଳିଥିବା ସମସ୍ତ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ବିଜୟୀ ହୋଇଛି।

ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ଭାଗନେବେ ୮ଟି ଦଳ

ଭୁବନେଶ୍ୱର,୨।୨(ସମିସ): ସମ୍ମାନଜନକ ରାଜ୍ୟସ୍ତରୀୟ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା ଆସନ୍ତା ୮ରୁ ଅନୁଷ୍ଠିତ ହେବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ତମାଣ୍ଡୋସ୍ଥିତ ନିଜସ୍ୱ ଖେଳ ପଡ଼ିଆରେ ଏହି ପ୍ରତିଯୋଗିତା ୨୧ ତାରିଖଯାଏ ଚାଲିବ। ଫ୍ରାଞ୍ଚାଇଜ୍ ଭିତ୍ତିକ ୮ଟି ଦଳକୁ ନେଇ ହେଉଥିବା ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ପ୍ରତିଷ୍ଠିତ ଖେଳାଳିମାନେ ଅଂଶଗ୍ରହଣ କରିବେ। ନିଲାମି ଭିତ୍ତିରେ ଗଠନ କରାଯାଇଥିବା ଅଂଶଗ୍ରହଣକାରୀ ଦଳଗୁଡିକ ହେଲେ, ଭୁବନେଶ୍ୱର ଓ ଆଖପାଖର ଯୁବି ରକ୍‌ଷ୍ଟାର, ମାଇଟ୍ ୟଙ୍ଗ୍‌ଷ୍ଟାର, ଆଦିତ୍ୟ ଏକାଦଶ, ବିଜେତା ୱାରିୟର, ସମ୍ବଲପୁରର ଏମ୍‌ଏମ୍‌ସିସି, ବ୍ରହ୍ମପୁରର ରୟାଲ ଚ୍ୟାଲେଞ୍ଜର, କାକଟପୁରର ମା ମଙ୍ଗଳା କ୍ରିକେଟ କ୍ଲବ୍ ଓ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍। ଚାମ୍ପିଅନ ଦଳକୁ ତମାଣ୍ଡୋ କପ୍ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏହା ସହ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ମ୍ୟାନ୍ ଅଫ୍ ଦି ଫାଇନାଲ, ପ୍ରତ୍ୟେକ ଦିନର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପ୍ରଦାନ କରାଯିବ ବୋଲି ସଭାପତି ଆଶିଷ ପଟ୍ଟନାୟକ ଜଣାଇଛନ୍ତି।

ସିକେ ନାଇଡୁ ଟ୍ରଫି ମ୍ୟାଚ୍ ଡ୍ର: ରାଜସ୍ଥାନ-୩; ଓଡ଼ିଶା-୧

ଭୁବନେଶ୍ୱର, ୨।୨ (ସମିସ): ଜୟପୁରର କେଏଲ୍ ସାଇନି ଷ୍ଟାଡିୟମରେ ଘରୋଇ ରାଜସ୍ଥାନ ଓ ଓଡ଼ିଶା ମଧ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି ମ୍ୟାଚ୍ ଡ୍ର ରହିଛି। ଏହି ମ୍ୟାଚରେ ରାଜସ୍ଥାନ ପ୍ରଥମ ପାଳିରେ ୩୫୫ ରନ କରିଥିବାବେଳେ ଓଡ଼ିଶା ୩୪୬ ରନରେ ସୀମିତ ରହିଥିଲା। ଏହାପରେ ୯ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ରାଜସ୍ଥାନ ଦ୍ୱିତୀୟ ପାଳି ଆରମ୍ଭ କରି ସୋମବାର ଅନ୍ତିମ ତଥା ୪ର୍ଥ ଦିବସରେ ୫ ୱିକେଟ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ଆରଏସ୍ ଶର୍ମା ଅପରାଜିତ ୧୦୧ ରନ କରିଥିଲେ। ମ୍ୟାଚର ଫଳାଫଳ ନ ବାହାରିବା ସ୍ପଷ୍ଟ ହେବାପରେ ଦୁଇ ଦଳର ଅଧିନାୟକ ଡ୍ର ରଖିବାକୁ ନିଷ୍ପତ୍ତି ନେଇଥିଲେ। ପାଳି ଅଗ୍ରଣୀ ଲାଗି ରାଜସ୍ଥାନ ୩ ପଏଣ୍ଟ ଓ ଓଡ଼ିଶାକୁ ୧ ପଏଣ୍ଟରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଓଡ଼ିଶା ଏଥିସହ ୫ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ଡ୍ର ଏବଂ ଗୋଟିଏ ପରାଜୟ ସହିତ ୪୩ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ସେହିଭଳି ରାଜସ୍ଥାନ ୫୩ ପଏଣ୍ଟ ସହ ମୁମ୍ବଇ (୫୭) ପଛକୁ ଏଲିଟ୍ ଗ୍ରୁପ୍-ବି'ରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ବେଙ୍ଗଲକୁ ଭେଟିବ। ବରଗଡ଼ର ବିକାଶ ଗ୍ରାଉଣ୍ଡରେ ଗୁରୁବାରଠାରୁ ଏହି ମ୍ୟାଚ୍ ଆରମ୍ଭ ହେବ।

ସର୍ବଭାରତୀୟ ପେଞ୍ଚାକ ସିଲାଟରେ ଓଡ଼ିଶାକୁ ୧୯ ପଦକ

ଭୁବନେଶ୍ୱର, ୨।୨ (ସମିସ): ଡେରାଡୁନରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ପେଞ୍ଚକ ସିଲାଟ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ଖେଳାଳିମାନେ ୧୯ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ରହିଛି। ଜାନୁଆରୀ ୨୯ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୪ଜଣ ଖେଳାଳି ଭାଗନେଇଥିଲେ। ସେହିଭଳି ପ୍ରେମ ସିଂ ଥାପ୍ପା ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି କ୍ରୀଡ଼ାବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ନିର୍ଦ୍ଦେଶକ ଡକ୍ଟର ୟେଦୁଲ୍ଲା ବିଜୟ, ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଧୀରଜ କୁମାର ପଟ୍ଟନାୟକ, ଓଡ଼ିଶା ପେଞ୍ଚାକ ସଂଘ ସଭାପତି ତାପସ କୁମାର ରାୟଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଖୋର୍ଦ୍ଧା ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅର୍ଦ୍ଧଶତକରେ ବିରାଟଙ୍କ ରେକର୍ଡ ଭାଙ୍ଗିଲେ ବାବର

ଗଦାଫି, ୨।୨ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜକୁ ପାକିସ୍ତାନ ୩-୦ରେ କ୍ଲିନସୁଇପ୍ କରିନେଇଛି। ଗତକାଲି ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ରେ ପାକିସ୍ତାନ ୧୧୧ ରନରେ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୬ ୱିକେଟରେ ୨୦୭ ରନ କରିଥିଲା। ସଇମ ଆୟୁବ ୫୬ ଓ ବାବର ଆଜାମ ଅପରାଜିତ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଅଷ୍ଟ୍ରେଲିଆ ମାତ୍ର ୯୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହି ମ୍ୟାଚରେ ଅର୍ଦ୍ଧଶତକ ସହ ୩୧ ବର୍ଷୀୟ ବାବର ବିଶ୍ୱକପ୍ ପୂର୍ବରୁ ଫର୍ମକୁ ଫେରିଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ବାବରଙ୍କ ଏହା ୧୩୯ତମ ମ୍ୟାଚରୁ ୩୯ତମ ଅର୍ଦ୍ଧଶତକ ଥିଲା। ଏହି ଅବସରରେ ସେ ଟି-୨୦ରେ ସର୍ବାଧିକ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ୩୮ଟି ଅର୍ଦ୍ଧଶତକ ମାରି ବିରାଟ ଏହି ରେକର୍ଡର ଅଧିକାରୀ ରହିଥିଲେ। ରୋହିତ ଶର୍ମା (୩୨ଟି), ମହମ୍ମଦ ରିଜୱାନ (୩୧) ଓ ଡେଭିଡ୍ ୱାର୍ଣ୍ଣର (୨୯) ଏହି ତାଲିକାରେ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

■ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍

ମାତୃତ୍ୱ ଲାଭ ପରେ ବେନସିକ, ସ୍ୱିତୋଲିନାଙ୍କୁ ଐତିହାସିକ ଟପ୍-୧୦ ମାନ୍ୟତା





ଫ୍ଲୋରିଡା, ୨।୨ (ଏଜେନ୍ସି): ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଲିଣ୍ଡା ବେନସିକ୍ ଓ ଏଲିନା ସ୍ୱିତୋଲିନାଙ୍କ ବିଶ୍ୱ ମାନ୍ୟତାରେ ବୃଦ୍ଧି ଘଟିଛି। ସେମିଫାଇନାଲରୁ ବିଦାୟ ନେଇଥିବା ଏଲିନା ସଦ୍ୟ ପ୍ରକାଶିତ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ୨ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ରହିଛନ୍ତି। ସେହିଭଳି ୨୮ ବର୍ଷୀୟା ବେନସିକ ୯ମ ସ୍ଥାନରେ ପହଞ୍ଚିଛନ୍ତି। ଫଳରେ ମହିଳା ଟେନିସ ଇତିହାସରେ ଏଲିନା ଓ ବେନସିକ୍ ପ୍ରଥମ ଖେଳାଳି ହୋଇଛନ୍ତି ଯିଏକି ମାତୃତ୍ୱ ଲାଭ ପରେର ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗର ଟପ୍-୧୦ରେ ପ୍ରବେଶ କରିଛନ୍ତି। ୩୧ ବର୍ଷୀୟା ଏଲିନା ୨୦୨୨ରେ ଝିଅ ସ୍କାଇକୁ ଜନ୍ମ ଦେଇଥିଲେ। ସେହିଭଳି ବେନସିକ ମଧ୍ୟ ୨୦୨୪ ଏପ୍ରିଲରେ ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ଏହାପରେ ସେ ୧୧ ମାସର ମାତୃତ୍ୱ ବିରତି ପରେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ସର୍ବଭାରତୀୟ ଆନ୍ତଃଜୋନାଲ ମହିଳା ହକି

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ; କିଟ୍‌କୁ ରୌପ୍ୟ

ଭୁବନେଶ୍ୱର, ୨।୨ (ସମିସ)

କିଟ୍‌ସ୍ଥିତ ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଆନ୍ତଃଜୋନାଲ ବିଶ୍ୱବିଦ୍ୟାଳୟ ମହିଳା ହକି ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳକୁ ସୁଟ୍‌ଆଉଟ୍‌ରେ ୨-୩ ଗୋଲରେ ପରାସ୍ତ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଛି। ଏହି ଅଲଓଡ଼ିଶା ଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଶେଷରେ ଫଳାଫଳ ପାଇଁ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସମ୍ବଲପୁର ବାଜିମାତ୍ କରି ସ୍ୱର୍ଣ୍ଣ ପଦକ ହାତେଇନେଇଥିଲା। ସେହିଭଳି ୩ୟ/୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଆଇଟିଏମ୍ (ଗ୍ୱାଲିଅର)କୁ ହରାଇ କାଂସ୍ୟ ପଦକ ବିଜୟୀ ହୋଇଛି। ହକି ଆସୋସିଏସନର ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ମମତାରାଣୀ ଅଗରୱାଲ, ଡି. ଗଗନେନ୍ଦୁ ଦାସ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

ବିଶ୍ୱକପ୍ ୱାର୍ମ ଅପ୍ ମୁକାବିଲା

ଆଫଗାନିସ୍ତାନର ବିଜୟ

ବେଙ୍ଗାଲୁରୁ,୨।୨(ଏଜେନ୍ସି):

ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଆଜିଠାରୁ ବିଭିନ୍ନ ଅଂଶଗ୍ରହଣକାରୀ ଦଳ ମଧ୍ୟରେ ୱାର୍ମ ଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। ଆଜିର ପ୍ରଥମ ମୁକାବିଲାରେ ଆଫଗାନିସ୍ତାନ ୬୧ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଡାରୱିସ ରସୁଲିଙ୍କ ୮୪ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୮୪ ରନ୍ କରିଥିଲା। ଜବାବରେ ସ୍କଟଲାଣ୍ଡ ୧୯.୩ ଓଭରରେ ୧୨୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଭାରତୀୟ ଦଳ ଆସନ୍ତାକାଲି ଏଠାରେ ଏକତ୍ରିତ ହେବେ। ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଆସନ୍ତା ଗୁରୁବାର ଦକ୍ଷିଣ ଆଫ୍ରିକା ସହ ଭାରତ ଏକମାତ୍ର ୱାର୍ମ ଅପ୍ ମ୍ୟାଚ୍ ଖେଳିବ।

ଜଗଦୀଶନଙ୍କ ଶତକ, ଖେଳିଲେ ତିଳକ ବର୍ମା

ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଆମେରିକା ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌ରେ ଭାରତ-ଏ'ର ଏନ୍ ଜଗଦୀଶନ ଶତକ ହାସଲ କରିଛନ୍ତି। ସେ ୫୨ ବଲ୍‌ରେ ଶତକ ପୂରଣ କରିବା ପରେ ୫୪ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୪ ଛକା ସହ ୧୦୪ ରନ୍‌ରେ ଆଉଟ ହୋଇଥିଲେ। ଅଧିନାୟକ ଆୟୁଷ ବଦୋନି ୨୬ ବଲ୍‌ରେ ଅପରାଜିତ ୬୦ ଓ ମାସକ ପରେ ମ୍ୟାଚ୍ ଖେଳିଥିବା ତିଳକ ବର୍ମା ୨୪ ବଲ୍‌ରେ ୩୮ ରନ୍ କରିଥିଲେ। ଏମାନଙ୍କ

ସଫଳତା ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୩୮ ରନ୍ କରିଥିଲା। ଜବାବରେ ଆମେରିକା ୧୯.୪ ଓଭରରେ ୨୦୦ ରନ୍ କରି ୩୮ ରନ୍‌ରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଆଣ୍ଡ୍ରିଆସ ଗୋସ୍ ସର୍ବାଧିକ ୪୪, ସଞ୍ଜୟ କୃଷ୍ଣମୂର୍ତ୍ତି ୪୧, ଶୁଭମ ରଞ୍ଜନେ ୨୮, ହରମିତ ସିଂହ ୯ ବଲ୍‌ରେ ୨୫ ରନ୍ କରିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ସର୍ବାଧିକ ୩ଟି, ଖଲୀଲ ଅହମ୍ମଦ୍ ଓ ନମନ ଧୀର ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଅବଶିଷ୍ଟ ୱାର୍ମଅପ୍ ଖେଳସୂଚୀ

ତାରିଖ	ପ୍ରତିଦ୍ୱନ୍ଦ୍ୱୀ	ଭେନ୍ୟୁ	ସମୟ
୩।୨	ଶ୍ରୀଲଙ୍କା-ଓମାନ	କଲମ୍ବୋ	ଦିନ ୧ଟା
୩।୨	ନେଦରଲାଣ୍ଡସ-ଜିମ୍ବାୱେ	କଲମ୍ବୋ	ଦିନ ୩ଟା
୩।୨	ନେପାଳ-ୟୁଏଇ	ଚେନ୍ନଇ	ସନ୍ଧ୍ୟା ୫ଟା
୪।୨	ନାମିବିଆ-ସ୍କଟଲାଣ୍ଡ	ବେଙ୍ଗାଲୁରୁ	ଦିନ ୧ଟା
୪।୨	ଆଫଗାନିସ୍ତାନ-ୱେଷ୍ଟଇଣ୍ଡିଜ୍	ବେଙ୍ଗାଲୁରୁ	ଦିନ ୩ଟା
୪।୨	ପାକିସ୍ତାନ-ଆୟର୍ଲାଣ୍ଡ	କଲମ୍ବୋ	ସନ୍ଧ୍ୟା ୫ଟା
୪।୨	ଭାରତ-ଦକ୍ଷିଣ ଆଫ୍ରିକା	ମୁମ୍ବଇ	ରାତି ୭ଟା
୫।୨	ଓମାନ-ଜିମ୍ବାୱେ	କଲମ୍ବୋ	ପୂର୍ବାହ୍ନ ୧୧ଟା
୫।୨	କାନାଡା-ନେପାଳ	ଚେନ୍ନଇ	ଦିନ ୧ଟା
୫।୨	ଅଷ୍ଟ୍ରେଲିଆ-ନେଦରଲାଣ୍ଡସ	କଲମ୍ବୋ	ସନ୍ଧ୍ୟା ୫ଟା
୫।୨	ନ୍ୟୁଜିଲାଣ୍ଡ-ଆମେରିକା	ମୁମ୍ବଇ	ରାତି ୭ଟା
୬।୨	ଇଟାଲୀ-ୟୁଏଇ	ଚେନ୍ନଇ	ଦିନ ୩ଟା
୬।୨	ଭାରତ-ଏ'-ନାମିବିଆ	ବେଙ୍ଗାଲୁରୁ	ରାତି ୭ଟା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS